# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, May 16/2024 | Page 16 | ₹ 7.00

୫୦ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 171 | ମୂଲ୍ୟ ₹୭/-



# KRISHNA VIKASH GROUP
## AISSE X, AISSCE XII & JEE Main Results 2024
Appreciable Efforts, Superlative Success ....

Krishna Vikash Group of CBSE Schools
Krishna Vikash Edu. Network
Bargarh | Rourkela | Brahmapur | Sundargarh | Rajgangpur | Angul | Raipur | Jagdalpur | Bhilai



## AISSCE XII 2024 RESULTS
Science Topper
97.2% 486 MARKS ARIN

| Stream | % | Marks | Name |
|---|---|---|---|
| Science | 96.8% | 484 MARKS | KHUSHI |
| Science | 96.8% | 484 MARKS | SIDRATUL |
| Science | 96.6% | 483 MARKS | PUSHPITA |
| Science | 95.6% | 478 MARKS | RUPA RANJITHA |
| Science | 95.0% | 475 MARKS | CHARULATA |
| Humanities Topper | 95.8% | 479 MARKS | P. AKSHAYA |
| Humanities | 95.6% | 478 MARKS | KRISHNA |

| | > 95% | > 90% | > 80% | > 60% |
|---|---|---|---|---|
| Vikash Residential School, Bargarh | 08 | 72 | 276 | 100% |

## JEE Mains 2024
99.646 Percentile Total — RITESH
99.640 Percentile Total — PRIYANK

Top Percentiles in PCM
100 Percentile Physics ARIN | 100 Percentile Physics PRATIK | 100 Percentile Chem. SATYAM SAI

| | | | | | | | | |
|---|---|---|---|---|---|---|---|---|
| Vikash Residential School, Bargarh (CBSE) | 99 Percentile & Above in Total | 02 | 98 Percentile & Above in Total | 06 | 97 Percentile & Above in Total | 17 | 95 Percentile & Above in Total | 27 |
| Vikash Higher Sec. School, Bargarh (CHSE) | 98 Percentile & Above in Total | 02 | 97 Percentile & Above in Total | 04 | 95 Percentile & Above in Total | 06 | 90 Percentile & Above in Total | 09 |

## AISSE X 2024 RESULTS
School Topper
98.0% 490 MARKS AKSHITA
Cement Nagar English Medium School, Bargarh

### AISSE X 2024 RESULT ANALYSIS

| | > 95% | > 90% | > 80% | > 60% | Success Rate |
|---|---|---|---|---|---|
| Vikash Residential School, Bargarh | 24 | 73 | 149 | 262 | 100% |
| Cement Nagar English Medium School, Bargarh | 03 | 05 | 07 | 20 | 100% |
| Vikash IND Global School, Rourkela | 01 | 05 | 14 | 46 | 100% |

| % | Marks | Name | School |
|---|---|---|---|
| 97.6% | 488 MARKS | SOHAN | Vikash Residential School, Barahaguda, Bargarh |
| 97.0% | 485 MARKS | SAMEEKSHA | Vikash Residential School, Barahaguda, Bargarh |
| 96.8% | 484 MARKS | PAYAL | Vikash Residential School, Barahaguda, Bargarh |
| 96.8% | 484 MARKS | AASHYA | Vikash Residential School, Barahaguda, Bargarh |
| 96.6% | 483 MARKS | RIYA | Vikash Residential School, Barahaguda, Bargarh |
| 96.6% | 483 MARKS | ABHINAV | Vikash Residential School, Barahaguda, Bargarh |
| 96.6% | 483 MARKS | VIVEK | Vikash Residential School, Barahaguda, Bargarh |
| 96.4% | 482 MARKS | ASHIRWAD | Vikash Residential School, Barahaguda, Bargarh |
| 96.4% | 482 MARKS | SHREEPARNA | Vikash Residential School, Barahaguda, Bargarh |
| 96.4% | 482 MARKS | LAVANNYAN | Cement Nagar English Medium School, Bargarh |
| 96.2% | 481 MARKS | SAI SIDDHI | Vikash Residential School, Barahaguda, Bargarh |
| 95.8% | 479 MARKS | PRIYANSHU | Cement Nagar English Medium School, Bargarh |
| 95.8% | 479 MARKS | JIJNASA | Vikash Residential School, Barahaguda, Bargarh |
| 95.6% | 478 MARKS | ANISH | Vikash Residential School, Barahaguda, Bargarh |
| 95.6% | 478 MARKS | KRISHNA | Vikash Residential School, Barahaguda, Bargarh |
| 95.6% | 478 MARKS | KRITI | Vikash Residential School, Barahaguda, Bargarh |
| 95.6% | 478 MARKS | PRATIK | Vikash Residential School, Barahaguda, Bargarh |
| 95.6% | 478 MARKS | UTKARSH | Vikash Residential School, Barahaguda, Bargarh |
| 95.4% | 477 MARKS | TANMAYEE | Vikash Residential School, Barahaguda, Bargarh |
| 95.4% | 477 MARKS | NAITIK | Vikash Residential School, Barahaguda, Bargarh |
| 95.2% | 476 MARKS | RAUSHAN | Vikash IND Global School, Rourkela |
| 95.2% | 476 MARKS | TANISHA | Vikash Residential School, Barahaguda, Bargarh |
| 95.2% | 476 MARKS | PRINCE | Vikash Residential School, Barahaguda, Bargarh |
| 95.2% | 476 MARKS | ANIRUDH | Vikash Residential School, Barahaguda, Bargarh |
| 95.2% | 476 MARKS | ADHYASMITA | Vikash Residential School, Barahaguda, Bargarh |
| 95.0% | 475 MARKS | SHRISTI | Vikash Residential School, Barahaguda, Bargarh |
| 95.0% | 475 MARKS | SHRESTHA | Vikash Residential School, Barahaguda, Bargarh |

## ADMISSIONS OPEN (Day cum Boarding) Nursery to Grade IX & XI

# CBSE XI
Science/Commerce/Humanities

More than 2 DECADES of EXCELLENCE

- Integrated Foundation Programme from Class VI onwards.
- Integrated Coaching for IIT-JEE/NEET/CUET/CA/CLAT/IPMAT/Civil Services Exam. for CBSE XI & XII.
- E-Classrooms
- Experienced In-house Entrance Faculty.
- Regular Evening Guided Tuition & Doubt Clearing Sessions.
- Separate AC / Non-AC hostels for Boys & Girls inside the Campus.

Class X Board appearing Students of CBSE/ICSE/Other Boards (Regular Classes from 18th June 2024)

BARGARH : 99376 18855 / 86583 61100 / 63707 04779 / 63707 04781. ROURKELA : 70778 53111.
CEMENT NAGAR : 94396 65394 / 06646 246405. BRAHMAPUR : 91246 09687 / 88. ANGUL : 91246 09681 / 82.
RAIPUR : 77519 93222 / 98494 49985. JAGDALPUR : 91240 87305 / 06 / 07. BHILAI : 91245 71067 / 68 / 69.

DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪ | Bhubaneswar, Thursday, May 16/2024

# କାରଣ ନ ଦର୍ଶାଇ ଗିରଫଦାରି ଅବୈଧ

## ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କୁ ମୁକ୍ତକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୫

ଆତଙ୍କବାଦ ନିରୋଧୀ ଆଇନ ବଳରେ ୭ ମାସ ପୂର୍ବେ ଗରିଫ ହୋଇଥିବା ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ପୋଲିସ ପ୍ରବୀରଙ୍କୁ ଗିରଫ କରି ରିମାଣ୍ଡରେ ନେବା ଆଇନ ଆଖିରେ ଅବୈଧ କହି ତାଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଗତବର୍ଷ ଅକ୍ଟୋବର ୩ରେ ଚାଇନାର ପ୍ରେପାଗଣ୍ଡା ବିସ୍ତାର ଅଭିଯୋଗରେ ନ୍ୟୁଜ୍ ପୋର୍ଟାଲ ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀରଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଏହି ଗିରଫଦାରିକୁ ସେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଗତ ଅକ୍ଟୋବର ୧୩ରେ ଖାରଜ କରିବା ସହ ତାଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସକୁ ଅନୁମତି ଦେଇଥିଲେ। ହାଇକୋର୍ଟ ରାୟ ବିରୋଧରେ ପ୍ରବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବି. ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନର ବିଚାର କରି ବୁଧବାର ରାୟ ଶୁଣାଇଛନ୍ତି। ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୨୦, ୨୧ ଓ ୨୨ରେ ପ୍ରଦତ୍ତ ମୌଳିକ ଅଧିକାର ଅଧୀନ ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର ହେଉଛି ସବୁଠୁ ପବିତ୍ର। ୟୁଏପିଏ ଅଧୀନ କିମ୍ବା ଅନ୍ୟ କୌଣସି ଅପରାଧ ଅଭିଯୋଗରେ ଗିରଫ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ତାଙ୍କ ଗିରଫଦାରିର କାରଣ ଲିଖିତ ଭାବେ ଅବଗତ କରାଯିବା ଉଚିତ। ଏହା ହେଉଛି ତାଙ୍କର ମୌଳିକ ଓ ବୈଧାନିକ ଅଧିକାର। କିନ୍ତୁ ଆଲୋଚ୍ୟ ମାମଲାରେ ଅଭିଯୁକ୍ତ ପ୍ରବୀର କିମ୍ବା ତାଙ୍କ ଓକିଲଙ୍କୁ ୨୦୨୩ ଅକ୍ଟୋବର ୪ରେ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେବା ପୂର୍ବରୁ ଏପରି କୌଣସି ଲିଖିତ ଦସ୍ତାବିଜ ପ୍ରଦାନ କରିନାହିଁ। ଏପରି କି ପରବର୍ତ୍ତୀ ସମୟରେ ରିମାଣ୍ଡରେ ନେବାବେଳେ ମଧ୍ୟ କାରଣ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇ ନାହିଁ। ତେଣୁ ଦିଲ୍ଲୀ ହାଇକୋର୍ଟଙ୍କ ୨୦୨୩ ଅକ୍ଟୋବର ☞ପୃଷ୍ଠା-୩



ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥ



## କଳିଙ୍ଗ ଷ୍ଟାଡିୟମରେ ନୀରଜଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ତାରକା ଆଥଲେଟ୍ ନୀରଜ ଚୋପ୍ରା। ପାଖାପାଖି ୩ ବର୍ଷ ବ୍ୟବଧାନରେ ଭାରତ ମାଟିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅଲିମ୍ପିକ୍ ଚାମ୍ପିୟନ ନୀରଜ ସ୍ଲୋ ଆରମ୍ଭ କରିଥିଲେ ହେଁ ୪ର୍ଥ ରାଉଣ୍ଡରେ ୮୨.୨୭ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। କର୍ଣ୍ଣାଟକର ଡି.ପି. ମନୁ (୮୨.୦୬ମି.) ରୌପ୍ୟ ଓ ମହାରାଷ୍ଟ୍ରର ଉତ୍ତମ ବାଲାସାହେବ ପାଟିଲ(୭୮.୩୯) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶାର ତାରକା ଆଥଲେଟ୍ ତଥା ଏସିଆନ ଗେମ୍ସ ସିଲଭର ମେଡାଲିଷ୍ଟ କିଶୋର ଜେନା ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ହେଁ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ନିରାଶ କରିଛନ୍ତି। ସେ ୭୫.୪୯ ମିଟର ଥ୍ରୋ କରି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

୨୬ ବର୍ଷୀୟ ଏହି କ୍ରୀଡ଼ା ଜଗତର ସୁପରଷ୍ଟାର ଶେଷଥରପାଇଁ ☞ପୃଷ୍ଠା-୩




# କ୍ଷମତାକୁ ଆସିଲେ ପ୍ରଥମେ ଜାତି ଜନଗଣନା: ରାହୁଲ

## ବଲାଙ୍ଗୀରରେ କଂଗ୍ରେସର ଜନ ଆଶୀର୍ବାଦ ସଭା

ବଲାଙ୍ଗୀର,୧୫।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଦେଶରେ ଗରିବ, ଖଟିଖିଆ, ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ଚାଷୀ ମୂଲିଆଙ୍କୁ ଉଚିତ ଭାଗୀଦାରି ମିଳୁନାହିଁ। ସେମାନେ କେବଳ ଜିଏସ୍‌ଟି ଦେଉଛନ୍ତି। ତେବେ ଏହି ପରମ୍ପରାକୁ ବଦଳାଇବାକୁ ହେବ। ୨୦୨୪ ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସରକାର କ୍ଷମତାକୁ ଆସିଲେ ପ୍ରଥମେ ଜାତି ଜନଗଣନା ହେବ। କଂଗ୍ରେସ ତା'ର ଇସ୍ତାହାରରେ ପ୍ରଥମେ ଏହାକୁ ଉଲ୍ଲେଖ କରିଛି। ଏହାଦ୍ୱାରା ଦେଶରେ କେଉଁ ବର୍ଗର କେତେ ଲୋକ ଅଛନ୍ତି ଏବଂ କାହାର କେତେ ଭାଗୀଦାରି ରହିବ ତାହା ଜଣାପଡ଼ିଯିବ। ଏହାପରେ ଜନତାଙ୍କ ରାଜନୀତି ଆରମ୍ଭ ହୋଇଯିବ ବୋଲି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ କହିଛନ୍ତି। କିନ୍ତୁ ରାହୁଲ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ବିରୋଧରେ ଆଦୌ କିଛି କହିନାହାନ୍ତି। ରାହୁଲ କହିଛନ୍ତି, ଦେଶରେ ପ୍ରଥମ ଥର ପାଇଁ କୌଣସି ରାଜନୈତିକ ଦଳ ସେମାନେ ନିର୍ବାଚନ ଜିତିଲେ ଦେଶର ସମ୍ବିଧାନକୁ ବଦଳାଇଦେବେ

### କୌଣସି ପରିସ୍ଥିତିରେ ଦେଶର ସମ୍ବିଧାନ ବଦଳାଇବାକୁ ଦିଆଯିବ ନାହିଁ

ବୋଲି କହିଛନ୍ତି। ଭାଜପାର ବଡ଼ ନେତାମାନେ ଏହି କଥା କହୁଛନ୍ତି। ତେବେ ଭାଜପା କଥା ଛାଡ଼ନ୍ତୁ, ଦୁନିଆର କୌଣସି ଶକ୍ତି ଆମର ଏଇ ସମ୍ବିଧାନକୁ ଛୁଇଁପାରିବେ ନାହିଁ। ଯଦି କେହି ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରନ୍ତି, ତେବେ କଂଗ୍ରେସ ଏବଂ ଦେଶବାସୀ ସେମାନଙ୍କୁ ଉଚିତ ଜବାବ ଦେବେ। ☞ପୃଷ୍ଠା-୩



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

# ଭାଜପାର ଅଚ୍ଛେଦିନ୍ କୁଆଡ଼େ ଗଲା: ନବୀନ

## ସମ୍ବଲପୁର, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

## 'ଓଡ଼ିଶାରେ ଜୁଲାଇରୁ ବିଜୁଳି ମାଗଣା ଗ୍ୟାରେଣ୍ଟି, ଆପଣମାନେ ଖୁସି ତ'

ଭୁବନେଶ୍ୱର,୧୫।୫ (ଅନିଲ ଦାସ)

ଭାଜପା କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି, ଅଚ୍ଛେଦିନ କୁଆଡ଼େ ଗଲା। ଉତ୍ତର ଦେଉନାହାନ୍ତି କାହିଁକି ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭାଜପା ନେତାମାନଙ୍କୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ସମ୍ବଲପୁର ଲୋକ ସଭା କ୍ଷେତ୍ରର ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକ ଏବଂ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରର ରାଉରକେଲାରେ ନିର୍ବାଚନ ପ୍ରଚାର କରି କହିଛନ୍ତିଯେ ଓଡ଼ିଶାରେ ଜୁଲାଇରୁ ମାଗଣା ବିଜୁଳି ମିଳିବ, ଆପଣମାନେ ଖୁସି ତ। ନବୀନ ପଟ୍ଟନାୟକ ଭଲ କି ପ୍ରଶ୍ନରେ 'ହଁ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ। ସେ ତାଙ୍କ ସରକାରର ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ଲୋକଙ୍କୁ ପଚାରିଛନ୍ତି। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରଶିପ୍ ଭଳି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେ ପଚାରିଛନ୍ତି ଏବଂ ଜନତା ବିପୁଳ ସମ୍ମତି ଦେଇଛନ୍ତି। ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକରେ ଆୟୋଜିତ ନିର୍ବାଚନୀ ସଭାରେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଉପସ୍ଥିତ ଜନତା ଭାବବିହ୍ୱଳ ହୋଇଯାଇ ଉଚ୍ଛ୍ୱସିତ ସ୍ୱରରେ ଜିନ୍ଦାବାଦ ଧ୍ୱନି କରି ନବୀନଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ମା' ସମଲେଇ ଏବଂ ପରିକ୍ରମା ପ୍ରକଳ୍ପ ବିଷୟରେ ମତାମତ ନେବାବେଳେ ଉପସ୍ଥିତ ଲୋକ କରତାଳି ଦେଇ ନିଜର ଖୁସି ପ୍ରକାଶ କରିଛନ୍ତି। ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।



ରାଉରକେଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍।

**ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲା ବେଳେ ଖାଲି ହାତ : ପାଣ୍ଡିଆନ୍**

(ନୀତି ରାଜନୀତି ପୃଷ୍ଠା)

# ସରକାର ଗଢ଼ିବାର ୬ଘଣ୍ଟାରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବୁ



କଟକରେ ଭାଜପାର ରୋଡ୍ ଶୋ'ରେ ଦଳୀୟ ପ୍ରାର୍ଥୀଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା।

## କଟକରେ ଅମିତ୍ ଶାହାଙ୍କ ରୋଡ୍ ଶୋ'

କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶାରେ ଏଥର ଭାଜପା ନିଶ୍ଚିତ ସରକାର ଗଠନ କରିବ ବୋଲି ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ବୁଧବାର କଟକରେ ରୋଡ୍ ଶୋ' କରିବା ଅବସରରେ ଶାହା କହିଛନ୍ତି, ଭାଜପା ମୁଖ୍ୟମନ୍ତ୍ରୀ ଶପଥ ନେବାର ୬ଘଣ୍ଟା ମଧ୍ୟରେ ପୁରୀ ଶ୍ରୀମନ୍ଦିର ୪ଦ୍ୱାର ଖୋଲିବ। ଏପରି କି ୧ମାସ ମଧ୍ୟରେ ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ ହେବ। ଏଥିସହିତ ଚିଟ୍‌ଫଣ୍ଡ ଲୁଟେରା ଜେଲ ଯିବେ। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ୧୮ମାସ ମଧ୍ୟରେ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ। ଏଠାରେ ଗତ ୨୪ବର୍ଷ ଧରି ବିଜେଡିର ସ୍ଥିର ସରକାର ଥାଇ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବିକାଶ ହୋଇପାରି ନାହିଁ। ତେଣୁ ଏଥର ଓଡ଼ିଶାରେ ଭାଜପା ସରକାର ହେବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିବା ସହ ଭାଜପା ଲୋକ ସଭା ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଲୋକମାନଙ୍କୁ ନିବେଦନ କରିଥିଲେ। ଅପରାହ୍ନ ସାଢ଼େ ୫ଟାରେ ଶାହାଙ୍କ ରୋଡ ଶୋ' ଗୋପବନ୍ଧୁ ଛକନିକଟରୁ ବାହାରି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ଗୌରୀ ଶଙ୍କର ପାର୍କ, ନୟାସଡ଼କ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ଶାହାଙ୍କ ସହିତ କଟକ ଲୋକ ସଭା ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଏବଂ କଟକ ବାରବାଟୀ ବିଧାନସଭା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ-ସଦର ପ୍ରାର୍ଥୀ ପ୍ରକାଶ ସେଠୀ, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ରୋଡ ଶୋ' ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ☞ପୃଷ୍ଠା-୩

BGU BIRLA GLOBAL UNIVERSITY
BIRLA GLOBAL UNIVERSITY
(Established Under Birla Global University Odisha Act, 2015)
Bhubaneswar, Odisha
ADMISSION NOTIFICATION 2024



B.Tech.
(Computer Science & Engineering)
Special focus on emerging areas such as Artificial Intelligence, Data Science, Machine Learning Cloud Computing, Cyber Security and Mobile Applications.
Admissions are also open to the following Programs

| UG Programs | PG Programs |
| --- | --- |
| BBA (3 years) | MBA (2 years) |
| B.Com (3 years) | M.Com (2 years) |
| BAJMC (3 years) | MAJMC (2 years) |
| BCA (3 years) | MCA (2 years) |
| BBA., LL.B. (5 years) | MA/M.Sc. (Financial Economics)(2 years) |

Distinct Advantages
• Well Qualified Faculty
• Industry Centric Programs
• Internship in Reputed Organisations
• Excellent Industry- Academic Interface
• NEP 2020 Compliant Curriculum
• Experiential Learning with Online Resources
• Availability of Exchange Programs
• Project Based Learning with Modern Labs
To apply online visit: https://forms.bgu.ac.in/
Visit us at www.bgu.ac.in Email: admission@bgu.ac.in
Toll-Free No: 1800-212-3001, Mobile: 7381058307, 9776129900
Campus Address: IDCO Plot No. 2, Institutional Area, Gothapatna, Bhubaneswar – 751029

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହାରାଷ୍ଟ୍ର ୨୦୧୪ ଓ ୨୦୧୯ରେ ୪୦ଟି ଲୋକସଭା ଏମ୍‌ପି ଦେଇଥିଲା । ତାହା ବଦଳରେ ରାଜ୍ୟକୁ କିଛି ମିଳିଲାନାହିଁ । ଇଣ୍ଡିଆ ବ୍ଲକ୍ କେନ୍ଦ୍ରରେ କ୍ଷମତାକୁ ଆସିଲେ ମହାରାଷ୍ଟ୍ରର ହୃତଗୌରବ ଫେରାଇ ଆଣିବୁ । –ଉଦ୍ଧବ ଠାକ୍‌ରେ, ଶିବସେନା ୟୁବିଟି ମୁଖ୍ୟ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ବାସୁଦେବ ସୁଢଳଦେବଙ୍କ ୧୭୪ତମ ଜୟନ୍ତୀ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୮୦ତମ ପୁଣ୍ୟତିଥି ପାଳନ, ସ୍ଥାନ: ଜୟଦେବବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ଏବଂ ଓଡ଼ିଶା ବିଧାନସଭା ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୭୯ତମ ପୁଣ୍ୟତିଥି, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୪୫ ।
- ଭାଜପାର ବିଜୟ ସଂକଳ୍ପ ଯାତ୍ରା, ସ୍ଥାନ: ହୋଟେଲ ଆର୍ଯ୍ୟ ପ୍ୟାଲେସ, ସମୟ: ଅପରାହ୍ନ ୪ଟା ।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬, ସତ୍ୟନଗର, ସମୟ: ଅପରାହ୍ନ ୫ଟା ।
- ଗୁରୁ ଡ. ବନମାଳୀ ମହାରଣାଙ୍କ ୮୩ତମ ସ୍ୱନକ୍ଷତ୍ର , ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ କାଠଯୋଡ଼ି ନଦୀ ବାଲି ସଭାର ୯୦ତମ ବାର୍ଷିକୀ ପାଳନ, ସ୍ଥାନ: ମୁକାମେଶ୍ୱର ଗାନ୍ଧୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା ।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜର ୮୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: କଟକ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ତୃତୀୟ ବାର୍ଷିକ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା କଲେଜ ରୋଡ଼, ସମୟ: ସନ୍ଧ୍ୟା ୭ଟା ।

## ପୁରୀ
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମା' ଭୁବନେଶ୍ୱରୀ ମନ୍ଦିର ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ଖୋର୍ଦ୍ଧା
- ବାର୍ଷିକୋତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶନିଶ୍ଚର ଦେବଙ୍କ ପୀଠ କୋଦୁଅବେରେଣୀ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା ।
- ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ
- ଭାଜପା କର୍ମୀ ବୈଠକ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଜପାର ମହାମିଶ୍ରଣ ପର୍ବ, ସ୍ଥାନ: ପିରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା ।
- ବିଜେଡିର ମହାମିଶ୍ରଣ ପର୍ବ, ସ୍ଥାନ: ଚାନ୍ଦବାଲି ହୋଟେଲ କଇରଭ, ସମୟ: ସନ୍ଧ୍ୟା ୭ଟା ।
- ଭାଜପାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଭାଟପଡ଼ା, ଚାନ୍ଦବାଲି, ସମୟ: ରାତି ୮ଟା ।

## କେନ୍ଦୁଝର
- କଂଗ୍ରେସର ଜୋନସ୍ତରୀୟ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା ।
- ୧ ନଂ. ଜୋନ୍‌ରେ ବିଜେଡିର ବାଇକ ରାଲି ଏବଂ ନିର୍ବାଚନୀ ପ୍ରଚାର, ସ୍ଥାନ: ଆନନ୍ଦପୁର, ସମୟ: ସକାଳ ୯ ଟା ।
- ଭାଜପାର ମାରାଥନ ପ୍ରଚାର, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୯ ଟା ।
- ବିଜେଡିର ନିର୍ବାଚନ ପ୍ରଚାର, ସ୍ଥାନ: ହାଟଡିହୀ, ଜୋନ ନଂ. ୩୬, ସମୟ : ପୂର୍ବାହ୍ନ ୧୦ ଟା ।
- ବିଜେଡିର ବାଇକ ଶୋଭାଯାତ୍ରା, ସ୍ଥାନ: ପଦନା, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର ବାଇକ ରାଲି, ସ୍ଥାନ: ଜଜପଶିରୁ ପାଟଣା, ସମୟ: ପୂର୍ବାହ୍ନ ୧୧ ଟା ।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ: ଅପରାହ୍ନ ୪ ଟା ।
- ଭାଜପା ପବ୍ଲିକ ମିଟିଂ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୪ ଟା ।
- ବିଭିନ୍ନ ପଞ୍ଚାୟତରେ ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ହାଟଡିହୀ, ସମୟ: ଅପରାହ୍ନ ୫ ଟା ।
- ଭାଜପା ପକ୍ଷରୁ ପଦଯାତ୍ରା, ସ୍ଥାନ: ବଲାଣୀ, ସମୟ: ଅପରାହ୍ନ ୫ ଟା ।
- ବିଭିନ୍ନ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ ଟା ।
- ନୂଆରଗୁଡ଼ିରେ ବାଦୀପାଲା, ସ୍ଥାନ : ନୂଆରଗୁଡ଼ି, ଧନୁର୍ଜୟ ପୁର, ହାଟଡିହୀ, ସମୟ : ସନ୍ଧ୍ୟା ୭ ଟା ।
- ପାଲା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଖଣ୍ଡିଦୋଳି, ମଦନପୁର, ଘସିପୁରା, ସମୟ: ସନ୍ଧ୍ୟା ୭ ଟା ।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା ।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ମାରୁତି ସୁଜୁକିର ଅଫର ମେଳା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଶୀର୍ଷାପାଳ ଛକ, ସମୟ: ପୂର୍ବାହ୍ନ ୧୦ଟା ।

## ବ୍ରହ୍ମପୁର
- ଗ୍ରୀଷ୍ମ କାଳୀନ ଟେନିସ ପ୍ରଶିକ୍ଷଣ ଶିବିର, ସ୍ଥାନ: ୟୁନିୟନ କ୍ଳବ ଟେନିସ ଏରିନା, ସମୟ: ସକାଳ ୬ଟା ୩୦ ଓ ସନ୍ଧ୍ୟା ୪ଟା ୩୦ମି ।

## ଗଞ୍ଜାମ
- ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ସମୟ: ସକାଳ ୭ଟା ।
- ଭାଜପାର ପ୍ରଚାର, ସ୍ଥାନ: ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ, ସମୟ: ସକାଳ ୯ଟା ।
- ବିଜେଡ଼ିର ଭୋଟ ପ୍ରଚାର, ସ୍ଥାନ: ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମ,ସମୟ: ପୂର୍ବାହ୍ନ ୧୦ଟା ।

## କନ୍ଧମାଳ
- କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଫୁଲବାଣୀ କରୋନେସନ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।

## କୋରାପୁଟ
- ରବି ଋତୁରେ ଡାଲିଜାତୀୟ ଫସଲ ଅମଳ ନେଇ କ୍ଷେତ୍ର ଦିବସ ପାଳନ, ସ୍ଥାନ: ସପରିଆଗୁଡା, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା ।
- ବନ ସୁରକ୍ଷା କମିଟି ଗଠନ ନେଇ ବୈଠକ, ସ୍ଥାନ: ପାକନଖୋଲା ପଞ୍ଚାୟତ ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ହାଲ୍ ସହରାଞ୍ଚଳ ଶିରିଡି ସାଇ ମନ୍ଦିରରେ ସ୍ୱତନ୍ତ୍ର ଆଳତି କାର୍ଯ୍ୟକ୍ରମ, ସ୍ଥାନ: ବି–ଜୋନ, ସୁନାବେଡା, ସମୟ: ସନ୍ଧ୍ୟା ୬ଟା ।

## ସମ୍ବଲପୁର
- ଛତିଶଗଡ଼ ଉପମୁଖ୍ୟ ମନ୍ତ୍ରୀ ଅରଣ ସାଓଙ୍କ ନିର୍ବାଚନୀ ସଭା, ସ୍ଥାନ : ମାନେଶ୍ୱର ବ୍ଲକ ଅର୍ନ୍ତଗତ ସୁବନପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା ।
- ତେଲି ସମାଜର ବୈଠକ, ସ୍ଥାନ : ବୁଢ଼ାରଜା, ସମୟ : ସନ୍ଧ୍ୟା ୫ଟା ।
- ସାଓଲିନ କୁମ୍ପୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ,ବଲାଙ୍ଗୀର,ସମୟ: ସକାଳ ୬ଟା ।
- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ ଶୋ, ସ୍ଥାନ: ବଲାଙ୍ଗୀର ସହର, ସମୟ: ଅପରାହ୍ନ: ୫ଟା ।

## ସୁବର୍ଣ୍ଣପୁର
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ– ୧ ସମୟ : ସକାଳ ୮ଟା୩୦ ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ –୨, ସମୟ : ସକାଳ ୮ଟା୩୦ ।
- ମା'ମଙ୍ଗଳା ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ସନ୍ଧ୍ୟା, ସ୍ଥାନ: ତରଭା ବ୍ଲକର କମସରା ସ୍ଥିତ ମହୁଲପାଲି ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା
- ଭାଜପାର ନିର୍ବାଚନୀ ସଭା, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ସକାଳ ୮ଟା ।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ।
- ରାଉରକେଲା କଂଗ୍ରେସର ପ୍ରଚାର, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା ।
- ଆଦର୍ଶ ପାଠାଗାର ପକ୍ଷରୁ ଭୀମଭୋଇ କୃତୀରେ ଜୀବନ ଦର୍ଶନ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୫ ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼
- ଭାଜପା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ନିର୍ବାଚନୀ ସଭା, ସ୍ଥାନ: ଶଙ୍କରା ରିଜର୍ଭ ପୋଲିସ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।

## ବରଗଡ଼
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ।
- ଭାଜପା ପ୍ରାର୍ଥୀଙ୍କ ପାଇଁ ଆସାମ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ବାନିପାଲି ଖେଳ ପଡ଼ିଆ, ଭେଡ଼େନ, ସମୟ: ଅପରାହ୍ନ ୧ଟା ।
- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ଅପରାହ୍ନ ୧ଟା ୧୫ମିନିଟ୍ ।
- ସଂଯୁକ୍ତ କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ, ସ୍ଥାନ: ଭେଡ଼େନ ଶିବ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ।

## କଳାହାଣ୍ଡି
- ତ୍ରିନାଥ ଠାକୁରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅଧିବାସ, ସ୍ଥାନ: ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ସାଢେ ୩ଟା ।
- ମହାଭାରତ ମହାଯଜ୍ଞ ଉପଲକ୍ଷେ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: କେଳିଆ ଜଙ୍ଗଲ ବାବା ଆଶ୍ରମ, ଜୁନାଗଡ଼ ବ୍ଲକ, ସମୟ: ସନ୍ଧ୍ୟା ୬ଟା ।
- ଗାୟକ ସୁନୀଲ ମିଶ୍ରଙ୍କ ପ୍ରବଚନ, ସ୍ଥାନ: ବୃନ୍ଦାବାହାଲ, ଗୋଲାମୁଣ୍ଡା ବ୍ଲକ, ସମୟ: ସକାଳ ୮ଟା ।

## ନୂଆପଡ଼ା
- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ଜେଠୁପାଲି ଗାଁ, ସମୟ: ସକାଳ ୯ଟା ୧୫ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ବେନ୍ଦ୍ରା ବାହାଲ ଗାଁ, ସମୟ: ଅପରାହ୍ନ ୩ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ସକାଳ ୮ଟା ୧୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ଅପରାହ୍ନ ୫ଟା ୩୦ ।

## ବୌଦ୍ଧ
- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ସପ୍ତମ ସନ୍ଧ୍ୟା,ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା ।

## ଦେବଗଡ଼
- ଭାଜପାର ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ଗୁଳାବନ୍ଧ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।
- କଳା ଚନ୍ଦନି ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଲାଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା
- ବିଜେଡିର ନିର୍ବାଚନ ପ୍ରଚାର, ସ୍ଥାନ: ଝାରସୁଗୁଡାସ୍ଥିତ ସିର୍ପୁରା ପଞ୍ଚାୟତ, ସମୟ: ସକାଳ ୯ଟା ୩୦ ।
- ଅଷ୍ଟପ୍ରହର ନାମଯଜ୍ଞ ପ୍ରାରମ୍ଭ, ସ୍ଥାନ: ଝାରସୁଗୁଡା ବ୍ଲକସ୍ଥିତ ତିଲାଇମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ଝାରସୁଗୁଡା ସହର ୱାର୍ଡ ନମ୍ବର ୧୬ ଓ ୧୭, ସମୟ: ଅପରାହ୍ନ ୫ଟା ।

## ଅନୁଗୋଳ
- ନିର୍ବାଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା ।
- ଭାଜପା ପକ୍ଷରୁ ରୋଡ ସୋ, ସ୍ଥାନ: କୁକୁଡ଼ାଙ୍ଗ ପଞ୍ଚାୟତ, ସମୟ: ସକାଳ ୭ଟା ।
- ଭାଜପାର ନିର୍ବାଚନ ସଭା, ସ୍ଥାନ: କରଡାଗାଡିଆ, ସମୟ: ଅପରାହ୍ନ ୨ଟା ।
- ଭାଜପା ପକ୍ଷରୁ ରୋଡ ସୋ, ସ୍ଥାନ: ତୁରଙ୍ଗ, ସମୟ: ଅପରାହ୍ନ ୪ଟା ।

## ଜଗତ୍‌ସିଂହପୁର
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମଣ୍ଡାସାହି ପଞ୍ଚାୟତ, ସମୟ: ଅପରାହ୍ନ ୫ଟା ।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଜାହାନପୁର ପଞ୍ଚାୟତ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା ।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଯାଜପୁର ଜିଲାର ସାଧାରଣ ନିର୍ବାଚନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରଥମ ଦିନ,ସ୍ଥାନ : ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା ।
- ଯାଜପୁର ରୋଡସ୍ଥିତ ଭିକିପୁର ମା'ମଙ୍ଗଳା ମନ୍ଦିରର ୧୨ତମ ବାର୍ଷିକ ଯଜ୍ଞ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ।
- ଯାଜପୁର ରୋଡ଼ ଅଭିମନ୍ୟୁ ଜୟନ୍ତୀ କମିଟି ତରଫରୁ ବାଦିପାଲା କାର୍ଯ୍ୟକ୍ରମ,ସ୍ଥାନ : ଝାଟିଆସାହି ପାଲା ମଣ୍ଡପ, ସମୟ : ରାତି ୮ଟା ।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା ।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା ।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାଜନିତ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ସାମାଜିକସ୍ତରରେ ନିଜକୁ ଠିକ୍ ଭାବେ ଚଳାଇନେଇ ପାରିବେନାହିଁ । ଶନିଦୃଷ୍ଟ ଚନ୍ଦ୍ର ହେତୁ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ।

**ବୃଷ**
ଶୁକ୍ର ସହ ବୁଧଙ୍କ ସଂଯୋଗ କାରଣରୁ ବନ୍ଧୁଙ୍କ ନିକଟରୁ ଆର୍ଥିକ ଓ ବାଚନିକ ସାହାଯ୍ୟ ପାଇବେ । ପାରିବାରିକ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରି ଉପକୃତ ହେବେ । ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି । ଆଲୋଚନା ସମୟରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିହେତୁ ତାହା ମାନସିକ ଅଶାନ୍ତିର କାରଣ ହୋଇପାରେ ।

**ମିଥୁନ**
ଏକାଦଶସ୍ଥ ବୃହସ୍ପତି ପାପଗ୍ରହଯୁକ୍ତ ହେତୁ ଆଜିର ପ୍ରତ୍ୟୁଷ ଯାତ୍ରା କଷ୍ଟପ୍ରଦ ରହିପାରେ । ଆଜିଯାଏ ଯାହା କରିପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ କରିପାରିବେ । ହାତକୁ ନେଇଥିବା କାମ ଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିଯିବ । କ୍ରନିକ୍ ରୋଗପୀଡ଼ା ଲାଗିରହିଥିବାରୁ ସ୍ନାୟବିକ ଦୁର୍ବଳତା ବୋଧ କରିବେ ।

**କର୍କଟ**
ଆଜିର ଚନ୍ଦ୍ର ଧନସ୍ଥାନରେ ଥିବାରୁ ଅର୍ଥଲାଭ ସହ କଳ୍ପନାକୁ ବାସ୍ତବତାରେ ପରିଣତ କରିପାରିବେ । ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତିରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରିନେବେ । କାର୍ଯ୍ୟବ୍ୟସ୍ତତା ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେନାହିଁ । କଚେରି ମାମଲା ମନ୍ଥର ହେବା ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି ।

**ସିଂହ**
ଶୁକ୍ରକ୍ଷେତ୍ରସ୍ଥ ରବି ପ୍ରଭାବରୁ ଶାନ୍ତ ଓ ସରଳ ମନରେ ପ୍ରତ୍ୟେକ କାମକୁ ସାକାର କରିବାରେ ସମର୍ଥ ହେବେ । ପରିବାରର ଅଭାବ ଓ ଅସୁବିଧାକୁ ନେଇ ଘରେ ସରଗରମ ଆଲୋଚନା ହୋଇପାରେ । ସହକର୍ମୀଙ୍କ ସହିତ ଟଙ୍କାପଇସାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ । ଜମିଜମା କାରବାରରେ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ ।

**କନ୍ୟା**
କର୍ମାଧିପ ଅଷ୍ଟମସ୍ଥ ହେତୁ ସମସ୍ୟାଗୁଡ଼ିକ କମିବା ବଦଳରେ ବୃଦ୍ଧିପାଇବ । ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ । ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ସାଙ୍ଗକୁ ସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ । କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ ।

**ତୁଳା**
ଲାଭ ଭାବରେ କର୍ମାଧିପ ଥିବାରୁ ଆଜି ଅର୍ଥଲାଭ ସହ ସମ୍ମାନ ପାଇପାରନ୍ତି । କିନ୍ତୁ ବ୍ୟୟାଧିପ ପ୍ରଭାବରୁ ଯେତିକି ପାଇବେ ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧହେବେ । ଘରୋଇ ଅଶାନ୍ତି ଲାଗିରହିବା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ । କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ ପ୍ରଭୃତିରେ ଚେଷ୍ଟା ସଫଳ ହେବ ।

**ବିଛା**
ଭାଗ୍ୟାଧିପ କର୍ମଭାବସ୍ଥ ହେତୁ ଆଜି ଉଦ୍ୟମ ନିଷ୍ଫଳ ହେବନାହିଁ । ବାଧ୍ୟବାଧକତାବଶତଃ ଇଚ୍ଛା ନ ଥିଲେ ମଧ୍ୟ ଯାତ୍ରା ପାଇଁ ଅନୁପ୍ରେରିତ ହେବେ । ସକାଳୁ ସକାଳୁ ପ୍ରିୟଜନଟିର ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ । ପ୍ରତିଯୋଗିତା ଏବଂ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ।

**ଧନୁ**
ଦେବଗୁରୁଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଆରୋଗ୍ୟଲାଭ, ପାରିବାରିକ ଶାନ୍ତି ସହ ବ୍ୟବସାୟ ସନ୍ତୋଷଜନକ ରହିବ । ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଅଫିସରଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ । ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ ।

**ମକର**
କେତେକ ବ୍ୟତିକ୍ରମ ବ୍ୟତୀତ ଜୀବନଚର୍ଯ୍ୟା ଶୃଙ୍ଖଳିତ ରହିବ । ଘରେ ସମସ୍ତ ସୁବିଧା ଥିଲେ ମଧ୍ୟ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ । ଆଦୌ ପଢୁ ନ ଥିବା ଲୋକମାନେ ଗୁଣଗାନ ବଦଳରେ ନିନ୍ଦା କରିପାରନ୍ତି । ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସା ମିଳିବ ।

**କୁମ୍ଭ**
ଶନି ଓ ଚନ୍ଦ୍ରଙ୍କ ପରସ୍ପର ବିଷମଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିବ । ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି । କୌଣସି ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେବେ ।

**ମୀନ**
ଆଜି ସଭାସମିତି, କଳା, ସାହିତ୍ୟ କ୍ଷେତ୍ର ସହ ଦିନଟି ଆର୍ଥିକ ଦୃଷ୍ଟିକୋଣର ମନ୍ଦ ନୁହେଁ । ଶନି ପ୍ରଭାବରୁ କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ । ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗିରହିବ । କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ ।

ଆଜି ମେ' ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ, ବୈଶାଖ ଶୁକ୍ଳପକ୍ଷର ସୀତାନବମୀ, ଗୁରୁବାର, କଳିଙ୍ଗ ଭାରତୀ ତରଫରୁ କଟକରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ । ରାଶି ନକ୍ଷତ୍ର–ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୪ମି. ଗତେ ଘ.୦୬।୦୬ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୭ମି. ମଧ୍ୟେ ରାହୁ କାଳ ।।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା' ନଥିଲେ ମାଉସୀ, ଗାଈ ନଥିଲେ ମଇଁଷି।**

ମାଉସୀ ମାଆ ପରି । ମାଆ ନ ଥିଲେ ସନ୍ତାନର ସମସ୍ତ ଦାୟିତ୍ୱ ମାଉସୀ ନେବା ସହ ମାଆର ଭୂମିକାକୁ ସୂଚାରୁ ରୂପେ ତୁଲାଇଥାଏ । ସେହିପରି ଗାଈ ନ ଥିଲେ ମଇଁଷି ମଧ୍ୟ ଗାଈ ଭଳି କ୍ଷୀର ଦେଇ ତା'ର ଅଭାବକୁ ପୂରଣ କରିଥାଏ ବୋଲି ଏଠାରେ ଦର୍ଶାଯାଇଛି ।

**ମଣିଷ ଫୁଲଇ ଖାଇଲେ ଭାତ, କ୍ଷେତ ଫୁଲୁଥାଇ ପାଇଲେ ଖତ।**

ଆମର ପ୍ରଧାନ ଖାଦ୍ୟ ହେଉଛି ଭାତ । ଭାତ ଖାଇବା ଦ୍ୱାରା ମଣିଷ ମୋଟା ବା ହୃଷ୍ଟପୃଷ୍ଟ ହୋଇଥାଏ । ଠିକ ସେହିପରି କ୍ଷେତରେ ଖତ ବା ସାର ପ୍ରୟୋଗ କଲେ କ୍ଷେତର ଉର୍ବରତା ବୃଦ୍ଧି ପାଇଥାଏ ଏବଂ ସେହି ଅନୁସାରେ ଭଲ ଅମଳ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପିଓକେ ପାଲଟିଲା ରାଜନୈତିକ ପ୍ରସଙ୍ଗ

**ସେରାମପୁର/ ରାଞ୍ଚି/ ନୂଆଦିଲ୍ଲୀ, ୧୫।୫**

ପାକିସ୍ତାନ–ଅଧିକୃତ କଶ୍ମୀର (ପିଓକେ)ରେ ଦରଦାମ୍ ବୃଦ୍ଧି ଓ ବିଦ୍ୟୁତ୍ ସଙ୍କଟକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବର୍ତ୍ତମାନ ଏହି ଭୂଖଣ୍ଡ ଭାରତରେ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି । ବିଶେଷକରି ଭାଜପା ନେତା ଓ ମନ୍ତ୍ରୀମାନେ ପିଓକେକୁ ଭାରତରେ ମିଶ୍ରଣ କରିବା କଥା କହି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୁଧବାର ପଶ୍ଚିମବଙ୍ଗର ସେରାମପୁରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଶ୍ମୀରକୁ ଶାନ୍ତି ଫେରିଛି । ତେଣୁ ପିଓକେରେ ସ୍ୱାଧୀନତା ପାଇଁ ଆନ୍ଦୋଳନ ଚାଲିଛି । ପୂର୍ବରୁ କଶ୍ମୀରରେ ଟେକାମାଡ଼ ହେଉଥିଲା, ଏବେ ପିଓକେବାସୀ କଶ୍ମୀରୀ ପୋଲିସ ଓ ରେଞ୍ଜର୍ସଙ୍କୁ ପଥର ମାରୁଛନ୍ତି । ପିଓକେ ହେଉଛି ଭାରତର ଅଂଶ । ଆମେ ଏହାକୁ ଫେରାଇ ଆଣିବୁ । ସେହିପରି ରାଞ୍ଚିରେ ଲୋକ ସଭା ନିର୍ବାଚନ ପ୍ରଚାର ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଭାଜପା ୪୦୦ ଆସନ ଦଖଲ କଲେ ଭାରତ ସହ ପିଓକେର ମିଶ୍ରଣ କରାଇବୁ । ମଥୁରାରେ କୃଷ୍ଣ ଜନ୍ମଭୂମି ମନ୍ଦିର ଏବଂ କାଶୀରେ ଜ୍ଞାନବାପୀ ମନ୍ଦିର ନିର୍ମାଣ କରିବୁ । ସାରା ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଇବୁ । ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ମତରେ କଶ୍ମୀରର ବିକାଶକୁ ଦେଖି ପିଓକେ ବାସିନ୍ଦା ବିକ୍ଷୋଭ କରୁଛନ୍ତି । ଭାରତ ସହ ପିଓକେର ମିଶ୍ରଣ କେବେ ହେବ ବୋଲି ପ୍ରଶ୍ନ କରାଯିବାରୁ ଜୟଶଙ୍କର କହିଛନ୍ତି, ପିଓକେ ସବୁବେଳେ ଭାରତର ।

**ପିଓକେ ଆମର, ଫେରାଇ ଆଣିବୁ: ଶାହା**

# ବଞ୍ଚିବା ଗର୍ଭସ୍ଥ ଶିଶୁର ମୌଳିକ ଅଧିକାର

## ୨୭ ସପ୍ତାହର ଗର୍ଭ ନଷ୍ଟ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୫।୫**

୨୭ ସପ୍ତାହରୁ ଅଧିକ ସମୟ ଧରି ରହିଥିବା ଗର୍ଭ ନଷ୍ଟ ପାଇଁ ଜଣେ ଯୁବତୀଙ୍କ ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ଗର୍ଭରେ ଥିବା ଶିଶୁର ବଞ୍ଚିବାର ମୌଳିକ ଅଧିକାର ଥିବା କୋର୍ଟ କହିଛନ୍ତି । ଗତ ମେ ୩ରେ ଦିଲ୍ଲୀ ହାଇକୋର୍ଟ ଉକ୍ତ ଯୁବତୀଙ୍କ ଗର୍ଭ ଧାରଣର ସମାପ୍ତି ଆବେଦନକୁ ଅଗ୍ରାହ୍ୟ କରିଥିଲେ । ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଯୁବତୀଙ୍କର ଆବେଦନକୁ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ଖାରଜ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଗର୍ଭଧାରଣ ୨୭ ସପ୍ତାହ ହୋଇଯାଇଥିବାରୁ ଆଇନଠାରୁ ଭିନ୍ନ କୌଣସି ମଧ୍ୟ ଆଦେଶ ଦିଆଯାଇପାରିବ ନାହିଁ ବୋଲି ଶୁଣାଣି ସମୟରେ ଜଷ୍ଟିସ୍ ଗଭାଇ କହିଛନ୍ତି । ମେଡିକାଲ ଟର୍ମିନେସନ ଅଫ୍ ପ୍ରେଗ୍ନାସି ଆକ୍ଟ ଅନୁଯାୟୀ ଗର୍ଭଧାରଣ ସମାପ୍ତିର ସୀମା ୨୪ ସପ୍ତାହ ରହିଛି । କେବଳ ମା'ଙ୍କ ଜୀବନ ବିପଦପୂର୍ଣ୍ଣ ଥିଲେ ହିଁ ଏହି ନିୟମକୁ ବଦଳାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ସୂଚନାଯୋଗ୍ୟ, ଆବେଦନକାରୀ ଯୁବତୀ(୨୦) ଜଣେ ଅବିବାହିତ ଛାତ୍ରୀ ହୋଇଥିବାବେଳେ ସେ ମେଡିକାଲ ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି) ପାଇଁ ପ୍ରସ୍ତୁତି କରୁଛନ୍ତି । ଯୁବତୀ ଜଣକ ଗର୍ଭବତୀ ଥିବା ନେଇ ୧୬ ଏପ୍ରିଲରେ ଜଣାପଡ଼ିଥିବା ତାଙ୍କ ଓକିଲ କହିଛନ୍ତି । ସମାଜର ନୀତିନିୟମକୁ ଦୃଷ୍ଟିରେ ରଖି ଗର୍ଭ ନଷ୍ଟ ନିମନ୍ତେ ଅନୁମତି ଦିଆଯାଉ ବୋଲି ଯୁବତୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରାଯାଇଥିଲା ।



# ଲରେନ୍ସ ଓଙ୍ଗ୍ ସିଙ୍ଗାପୁର ପ୍ରଧାନମନ୍ତ୍ରୀ



**ସିଙ୍ଗାପୁର, ୧୫।୫**

ଅର୍ଥନୀତିଜ୍ଞ ଲରେନ୍ସ ଓଙ୍ଗ୍ ବୁଧବାର ସିଙ୍ଗାପୁରର ଚତୁର୍ଥ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଛନ୍ତି । ୨ ଦଶନ୍ଧି ଧରି କ୍ଷମତାରେ ରହିବା ପରେ ଇସ୍ତଫା ଦେଇଥିବା ଶାସକ ପିପୁଲ୍ସ ଆକ୍ସନ ପାର୍ଟି (ପିଏପି)ର ୭୨ ବର୍ଷୀୟ ହେଇନ୍ ଲୁଙ୍ଗ୍‌ଙ୍କ ସ୍ଥାନରେ ୫୧ ବର୍ଷୀୟ ଓଙ୍ଗ୍ ଦାୟିତ୍ୱ ଗ୍ରହଣ କରିଛନ୍ତି । ଓଙ୍ଗ୍ ପୂର୍ବରୁ ଉପପ୍ରଧାନମନ୍ତ୍ରୀ ଥିଲେ । ସେ ହେଉଛନ୍ତି ପିଏପିର ୪ର୍ଥ ପିଢ଼ି ରାଜନେତା । ରାଷ୍ଟ୍ରପତି ଥର୍ମନ୍ ଶାନ୍‌ମୁଗାରତ୍ନମ (୬୭) ତାଙ୍କୁ ପଦ ଓ ଗୋପନୟତାର ଶପଥ ପାଠ କରାଇଛନ୍ତି ।

# ୩୧ ଆଡ଼କୁ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ, ୧୫।୫**

ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ମେ' ୩୧ ଆଡ଼କୁ କେରଳ ଛୁଇଁବ ବୋଲି ବୁଧବାର ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି । ମୌସୁମୀ କେରଳ ଛୁଇଁବା ପରେ ଭାରତର କୃଷିଭିତ୍ତିକ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଚତୁର୍ମାସିକ ବର୍ଷାଋତୁ ଆରମ୍ଭ ହୋଇଥାଏ । ଏନେଇ ଆଇଏମ୍‌ଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସ୍ୱାଭାବିକ ସମୟର ପାଖାପାଖି ତାରିଖ ଅର୍ଥାତ୍ ଆସନ୍ତା ୩୧ ଆଡ଼କୁ ମୌସୁମୀ କେରଳ ଛୁଇଁବ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ନିର୍ବାଚନ ବେଳେ ୧୪ ବିଦେଶୀଙ୍କୁ ନାଗରିକତ୍ୱ

## ସିଏଏ: ପ୍ରଥମଥର ପ୍ରମାଣପତ୍ର ଦେଲା କେନ୍ଦ୍ର

**ନୂଆଦିଲ୍ଲୀ,୧୫।୫**

ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ବୁଧବାର କେନ୍ଦ୍ର ସରକାର ୧୪ ବିଦେଶୀଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବଳରେ ଭାରତର ନାଗରିକତ୍ୱ ପ୍ରଦାନ କରିଛନ୍ତି। ୨୦୧୯ ଡିସେମ୍ବରରେ ପ୍ରଣୀତ ଏହି ଆଇନରେ ପଡ଼ୋଶୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ନିର୍ଯାତନାର ଶିକାର ହୋଇ ଭାରତରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ରହିଆସୁଥିବା ଅଣମୁସଲିମ୍ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବା ବ୍ୟବସ୍ଥା ରହିଛି। ତଦନୁଯାୟୀ କେନ୍ଦ୍ର ସରକାର ପ୍ରାୟ ୨ ମାସ ତଳେ ସିଏଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ବୁଧବାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲା ପ୍ରଥମ ଥର ପାଇଁ ୧୪ ବିଦେଶୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ହସ୍ତାନ୍ତର କରିବା ସହ ଏହାର ବୈଶିଷ୍ଟ୍ୟ ସମ୍ପର୍କରେ ବୁଝାଇଛନ୍ତି। ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନର ଏହି ୧୪ ଶରଣାର୍ଥୀ ସମ୍ପ୍ରତି ଦିଲ୍ଲୀରେ ବସବାସ କରୁଛନ୍ତି। ଭାରତର ନାଗରିକତ୍ୱ ପ୍ରଦାନ ବେଳେ ଡାକ ସଚିବ, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭଲ୍ଲା ବୁଧବାର ନୂଆଦିଲ୍ଲୀରେ ଜଣେ ବିଦେଶୀ ମହିଳାଙ୍କୁ ଭାରତର ନାଗରିକତ୍ୱ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ବାଂଲାଦେଶ, ପାକିସ୍ତାନ ଓ ଆଫ୍‌ଗାନିସ୍ତାନରୁ ଆସି ଭାରତରେ ଆଶ୍ରୟ ନେଇଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଓ ଖ୍ରୀଷ୍ଟିଆମାନଙ୍କୁ ଭାରତର ନାଗରିକତ୍ୱ ଦେବା ପାଇଁ ୨୦୧୯ ଡିସେମ୍ବରରେ କେନ୍ଦ୍ରର ମୋଦି ସରକାର ସିଏଏ ଆଣିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଥିଲା। କିନ୍ତୁ ଏହାକୁ ନେଇ ସାରା ଦେଶରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସିଏଏ ବିରୋଧୀ ଆନ୍ଦୋଳନରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଉଚିତ ମଣି ନ ଥିଲେ। ଏହାର ପ୍ରାୟ ୪ ବର୍ଷ ପରେ ଅର୍ଥାତ୍ ଗତ ମାର୍ଚ୍ଚ ୧୧ରେ ସରକାର ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଥିଲେ। ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୧୯ ଲୋକ ସଭା ନିର୍ବାଚବେଳେ ସିଏଏ ଆଣିବା ନେଇ ନିଜ ଇସ୍ତାହାରରେ ପ୍ରକାଶ କରିଥିଲା। ପରବର୍ତ୍ତୀ ସମୟରେ ଆନ୍ଦୋଳନ ଯୋଗୁ ଏହାକୁ ଲାଗୁ କରାଇପାରି ନ ଥିଲା। ନାଗରିକତ୍ୱ ଆଇନ କାର୍ଯ୍ୟକାରୀ କରାଇବାରେ ବିଳମ୍ବ ପାଇଁ ମହାମାରୀ କୋଭିଡ୍-୧୯କୁ ଦାୟୀ କରିଥିଲା। ତେବେ ୨୦୨୪ ଲୋକ ସଭା ନିର୍ବାଚନକୁ କିଛି ସମୟ ବାକି ଥିବାବେଳେ ଶୀତଳଭଣ୍ଡାରରେ ପଡ଼ିରହିଥିବା ଆଇନକୁ ଆଣି ପୁନରୁଜ୍ଜୀବିତ କରାଇବା ନେଇ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ବିରୋଧୀ ଏହାକୁ ଭେଦଭାବପୂର୍ଣ୍ଣ ଏବଂ ନିର୍ବାଚନ ପାଇଁ ଉଦ୍ଦେଶ୍ୟମୂଳକ ବୋଲି ଅଭିହିତ କରିଥିଲେ। କିନ୍ତୁ ଏହା ନାଗରିକତ୍ୱ ଛଡ଼ାଇବାର ନୁହେଁ, ବରଂ ନାଗରିତ୍ୱ ପ୍ରଦାନର ଆଇନ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ☞ପୃଷ୍ଠା-୩

# ୨ ଟ୍ରକ୍ ମଝିରେ ଚାପିହେଲା କାର୍, ୬ ମୃତ

**କେନ୍ଦୁଝର/ଯୋଡ଼ା/ଚମ୍ପୁଆ,୧୫।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ/ ମାନସ ମହାନ୍ତି/ ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ରିମୁଳି ନିକଟରେ ବୁଧବାର ରାତି ୯ଟାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ୨ ଟ୍ରକ୍ ମଧ୍ୟରେ ଏକ ବ୍ରିଜା କାର୍ ଚାପି ହୋଇଯିବାରୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୫ ଜଣ ଥିବାବେଳେ ଅନ୍ୟ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି।

ମିଳିଥିବା ଖବର ଅନୁସାରେ, କେନ୍ଦୁଝର ଭଦ୍ରସାହି ଅଞ୍ଚଳର ହୀରାଲାଲ ପଲେଇଙ୍କ ପରିବାର ବୁଧବାର କେନ୍ଦୁଝର ତରମାକାନ୍ତକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରୁ ସେମାନେ ଏକ ବ୍ରିଜା କାର୍ (ଓଡି୦୨-ଏୱାଇ-୭୮୬୦)ଯୋଗେ ବଡ଼ବିଲ ଅଭିମୁଖେ ଫେରୁଥିବା ବେଳେ ରିମୁଳି ନିକଟରେ ଟ୍ରାଫିକ୍ ଜାମରେ ଫସିଯାଇଥିଲେ। ଏହି ସମୟରେ ପଛ ଆଡ଼ୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ବ୍ରିଜା କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ସମ୍ମୁଖରେ ଥିବା ଅନ୍ୟ ଅନ୍ୟ ଏକ ଟ୍ରକ୍ ସହ ଧକ୍କା ହୋଇ ଚାପି ହୋଇଯାଇଥିଲା। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। କାର୍ ମଧ୍ୟରେ ଥିବା ଡ୍ରାଇଭରଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ମହିଳା, ୪ ପୁରୁଷ ଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି କଟର ସାହାଯ୍ୟରେ ମୃତକଙ୍କୁ ବାହାର କରିଥିଲା। ସମ୍ମୁଖରେ ଥିବା ଟ୍ରକ୍‌ଟି ଫେରାର ହୋଇଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ପଛ ଟ୍ରକ୍‌କୁ ପୋଲିସ ଜବତକରି ରିମୁଳି ଫାଣ୍ଡିକୁ ନେଇ ତଦନ୍ତ କରୁଛି।






# ୧୮ରୁ ପୁଣି ହିଟ୍ ୱେଭ୍

**ଭୁବନେଶ୍ୱର, ୧୫।୫**
**(ଅସମାପିକା ସାହୁ)**

ରାଜ୍ୟରେ ଏବେ କାଳବୈଶାଖୀ ଜାରି ରହିଛି। ଏହା ସତ୍ତ୍ୱେ ତାପମାତ୍ରା ମଧ୍ୟ ବଢ଼ି ଚାଲିଛି। ତେବେ ମୌସୁମୀ ଆସିବା ପୂର୍ବରୁ ତାତି ଅସହ୍ୟ ହୋଇପଡିବ। ଆସନ୍ତା ୧୮ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଅନୁଭୂତ ହେବା ସହିତ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବିଶେଷକରି ନୂଆପଡ଼ା, ବୌଦ୍ଧ, ଝାରସୁଗୁଡ଼ା, ବଲାଙ୍ଗୀର ଓ ସୋନପୁରରେ ଗ୍ରୀଷ୍ମ ପ୍ରବାହ ଅଧିକ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ୧୮ ଓ ୧୯ରେ କନ୍ଧମାଳ, ନୟାଗଡ଼, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ବୌଦ୍ଧ, ମାଲକାନଗିରି, ସୋନପୁର ଆଦି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ସ୍ଥାନରେ ଘଣ୍ଟାପ୍ରତି ☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**
ସମନ୍ୱୟାନ୍ତରେ ରାମାୟଣ



# ସମୟାନ୍ତରରେ ରାମାୟଣ



ଦେବଦତ୍ତ ପଟ୍ଟନାୟକ

ଗଙ୍ଗା ନଦୀ ଅବବାହିକାରେ ଭାରତର ୫୦ ପ୍ରତିଶତ ଭୋଟର ରହନ୍ତି। ତେଣୁ ହିନ୍ଦୁତ୍ୱବାଦୀ ରାଜନେତାମାନଙ୍କ ପାଇଁ ରାମାୟଣ ବିଶେଷକରି ତୁଳସୀ ଦାସ ରଚିତ ରାମଚରିତ ମାନସ ଏକ ଗୁରୁତ୍ୱପୂର୍ଣ୍ଣ ଆଲେଚନା କିମ୍ବା ବିତର୍କର ପ୍ରସଙ୍ଗ ହୋଇଛି। ଗୋସ୍ୱାମୀ ତୁଳସୀ ଦାସ ଷୋଡ଼ଶ ଶତାବ୍ଦୀର ରାମଚରିତମାନସ ହିନ୍ଦୀର ଉପଭାଷା ଅୱଧିରେ ରଚନା କରିଥିଲେ। ତେବେ ବିଗତ ୨,୦୦୦ ବର୍ଷ ମଧ୍ୟରେ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ବାହାରେ ଅନେକ ଶହ ରାମାୟଣ ରହିଛି। ସେସବୁକୁ ଗୋସ୍ୱାମୀ ରାମାୟଣ ଭଳି ସମାନ ଭାବେ ଗୁରୁତ୍ୱ ଦିଆଯାଏ। ଏହିସବୁ ରାମାୟଣଗୁଡ଼ିକରେ ବାଲ୍ମୀକିଙ୍କ ପ୍ରାଚୀନ କାହାଣୀର ଉଲ୍ଲେଖନୀୟ ଭିନ୍ନତା ଥିବା ଏକାଧିକ ବର୍ଣ୍ଣନାର ଦୃଷ୍ଟାନ୍ତ ରହିଛି। ୫ମ ଶତାବ୍ଦୀରେ ବିଷ୍ଣୁ ପୁରାଣରେ ରାମ ଏବଂ ତାଙ୍କର ତିନି ଭାଇ ସମସ୍ତେ ବିଷ୍ଣୁଙ୍କ ଅବତାର ଭାବରେ ପରିଗଣିତ ହୋଇଥିଲେ। ଅବଶ୍ୟ ପଞ୍ଚଦଶ ଶତାବ୍ଦୀରେ ଅଧ୍ୟାତ୍ମ ରାମାୟଣରେ କେବଳ ରାମ ହିଁ ବିଷ୍ଣୁଙ୍କର ଏକ ରୂପ ହୋଇଥିବାବେଳେ ଲକ୍ଷ୍ମଣ ସର୍ପ ଶେଷ ଏବଂ ଭରତ ଓ ଶତ୍ରୁଘ୍ନ ବିଷ୍ଣୁଙ୍କ ଶଙ୍ଖ ଏବଂ ଚକ୍ରର ରୂପ ବୋଲି ଉଲ୍ଲେଖ ରହିଛି। ଊନବିଂଶ ଶତାବ୍ଦୀରେ ଶଙ୍କର ଏବଂ ପ୍ରକାଶ ରାମାୟଣଗୁଡ଼ିକ କଶ୍ମୀରୀରେ ରଚନା ହୋଇଥିଲା। ସେସବୁ ଦର୍ଶାଇଛନ୍ତି ଯେ, ସୀତା ରାବଣଙ୍କ ଝିଅ। ସୀତା ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଭବିଷ୍ୟବାଣୀ ହୋଇଥିଲ। ଫଳରେ ସେ ସୀତାଙ୍କୁ ଫିଙ୍ଗି ଦେଇଥିଲେ। ପିଲାଟି ବଞ୍ଚି ଯାଇଥିଲା ଓ ଜନକ ତାଙ୍କୁ ଉଦ୍ଧାର କରିଥିଲେ। ଏ ପ୍ରକାର ସିଦ୍ଧାନ୍ତ ଜୈନ ଓ ଦକ୍ଷିଣ-ପୂର୍ବ ଏସିଆର ଅନେକ ରାମାୟଣରେ ଦେଖିବାକୁ ମିଳେ। ଅଷ୍ଟମ ଶତାବ୍ଦୀରେ ଭବଭୂତିଙ୍କ ସଂସ୍କୃତ ନାଟକ ମହାବୀରଚରିତ ନାଟକ ରଚିତ ହୋଇଥିଲା। ରାମ ଧନୁ ଭାଙ୍ଗିବା ପୂର୍ବରୁ ସୀତାଙ୍କ ସହ ତାଙ୍କର ଭେଟ ଏକ ବଗିଚାରେ ହୋଇଥିଲା ବୋଲି ଏଥିରେ ବର୍ଣ୍ଣନା କରାଯାଇଛି। ସେମାନଙ୍କ ମଧ୍ୟରେ ପ୍ରେମଭାବ ସୃଷ୍ଟି ହୋଇଥିଲା। ଏହା ସୀତାଙ୍କ ଚିନ୍ତା ବଢ଼ାଇଦେଇଛି, କାରଣ ସୀତା ନିଜକୁ ପ୍ରଶ୍ନ କରିଛନ୍ତି ଯେ ଯେଉଁ ବ୍ୟକ୍ତିଙ୍କୁ ଭଲ ପାଉଛନ୍ତି ତାଙ୍କ ସମ୍ମୁଖରେ ଆସିଥିବା ଆହ୍ୱାନ ମଧ୍ୟରେ ସେ ସଫଳ ହୋଇପାରିବେ ତ? ଚତୁର୍ଥ ଶତାବ୍ଦୀରେ କାଳିଦାସଙ୍କ ଦ୍ୱାରା ସଂସ୍କୃତରେ ରଚିତ ରଘୁବଂଶମ୍‌ରେ ଉଲ୍ଲେଖ ରହିଛି ଯେ, ଦଶରଥ ତାଙ୍କ କାନ ପାଖରେ ପାଚିଲା କେଶ ଦେଖିବା ପରେ ରାମଙ୍କୁ ରାଜମୁକୁଟ ପିନ୍ଧାଇ ବନକୁ ଚାଲିଯିବା ଲାଗି ଏହା ଉପଯୁକ୍ତ ସମୟ ବୋଲି ସ୍ଥିର କରିଛନ୍ତି।

ବୌଦ୍ଧ ଧର୍ମର ଦଶରଥ ଜାତକରେ ବର୍ଣ୍ଣନା କରାଯାଇଛି ଯେ, ରାମ-ପଣ୍ଡିତଙ୍କୁ ରାଜପ୍ରାସାଦ ଛାଡ଼ିବାକୁ ରାଜା କହିଥିଲେ ଏବଂ ୧୨ ବର୍ଷ ପରେ ରାଜାଙ୍କ ମୃତ୍ୟୁ ହେବ ବୋଲି ଯେଉଁ ଭବିଷ୍ୟବାଣୀ ହୋଇଥିଲା ତାହା ପରେ ତାଙ୍କୁ ଫେରିବାକୁ କହିଛନ୍ତି। ରାଜକୁମାରଙ୍କୁ ହତ୍ୟା କରିବାକୁ ଯୋଜନା କରିଥିବା ସାନରାଣୀଠାରୁ ରକ୍ଷା କରିବା ପାଇଁ ରାଜା ଏହା କରିଥିଲେ। ସପ୍ତଦଶ ଶତାବ୍ଦୀର ଲୋକ ସିଂହଳୀ ଭାଷାରେ ରଚିତ କାହାଣୀ କୋହୋମ୍ବା ଯାକ୍କାମାରେ ବର୍ଣ୍ଣନା କରାଯାଇଛି ଯେ, ଶନିକୋପରୁ ରକ୍ଷାପାଇବା ପାଇଁ ରାମ ଜଙ୍ଗଲକୁ ଚାଲିଯାଇଛନ୍ତି। ତାଙ୍କୁ ଏକ ହାତୀର ରୂପ ନେବାକୁ ପଡ଼ିଛି ଏବଂ ସେ ଦୂରକୁ ଚାଲି ଯାଇଥିବାବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଛନ୍ତି। ସୀତାଙ୍କର ଦୁଇଟି ନୁହେଁ, ତିନୋଟି ସନ୍ତାନ ଅଛନ୍ତି ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ସପ୍ତମ ଶତାବ୍ଦୀରେ କବି ତଥା ସନ୍ଥ ଅଲୱାରଙ୍କ ତାମିଲ ସଙ୍ଗୀତରେ ଦର୍ଶାଯାଇଛି ଯେ, ପିଲାବେଳେ ରାମ ମନ୍ଥରାଙ୍କ କୁଜକୁ ସିଧା କରିବା ପାଇଁ ମାଟି ଗୁଳି ତାଙ୍କ ଉପରକୁ ଫିଙ୍ଗିଥିଲେ। କିନ୍ତୁ ମନ୍ଥରା ରାମଙ୍କ ଉଦ୍ଦେଶ୍ୟକୁ ଭୁଲ୍ ବୁଝି ରାଗି ଯାଇଥିଲେ ଏବଂ କୈକେୟୀଙ୍କ ମନରେ ତାଙ୍କ ବିରୋଧୀ ଭାବ ସୃଷ୍ଟି କରିଥିଲେ। ତୃତୀୟ ଶତାବ୍ଦୀରେ ଜୈନ ଭିକ୍ଷୁ ଭିମାଲାସୁରୀଙ୍କ ପୌମା ଚରିତ୍ରରେ ଉଲ୍ଲେଖ କରାଯାଇଛି ଯେ, ଲକ୍ଷ୍ମଣ ହଠାତ୍ ଶମ୍ଭୁକ ନାମକ ଜଣେ ଭିକ୍ଷୁଙ୍କୁ ହତ୍ୟା କରିଥିଲେ। ଶମ୍ଭୁକ ଥିଲେ ଚନ୍ଦ୍ରନାଖଙ୍କ ପୁଅ। ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସେ ତାଙ୍କ ଭାଇଙ୍କୁ କହିଛନ୍ତି। କିନ୍ତୁ ରାବଣ ସୀତାଙ୍କୁ ଭଲ ପାଇଛନ୍ତି ଓ ଭାଇମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ସିଂହ ପରି ଗର୍ଜନ କରିଛନ୍ତି। ଏହାଶୁଣି ସେମାନେ ଦୂରକୁ ଚାଲିଯିବା ପରେ ସୀତାଙ୍କୁ ଅପହରଣ କରିନେଇଛନ୍ତି। ଲକ୍ଷ୍ମଣରେଖା ସମ୍ପର୍କିତ ବର୍ଣ୍ଣନା ଦ୍ୱାଦଶ ଶତାବ୍ଦୀର ସଂସ୍କୃତ ଭୁସୁଣ୍ଡି ରାମାୟଣ, ପଞ୍ଚଦଶ ଶତାବ୍ଦୀର ଆନନ୍ଦ ରାମାୟଣ ଏବଂ ପଞ୍ଚଦଶ ଶତାବ୍ଦୀର କୃତ୍ତିବାସ ରାମାୟଣରେ ଦେଖିବାକୁ ମିଳିଥିଲା। ଅଷ୍ଟାଦଶ ଶତାବ୍ଦୀରେ ବର୍ମିଜ୍ ଭାଷାରେ ରାମଥାଗିନ ଓ ରାମ ଭେଥୁ ରଚନା କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଛି ଯେ, ମାରିଚ ସ୍ୱର୍ଣ୍ଣ ହରିଣ ରୂପ ନେଇ ନଥିଲା, ବରଂ ସୂର୍ପଣଖା କିମ୍ବା ଖର ଏବଂ ଦୁସଣଙ୍କ ମା' ତ୍ରିଗାଥ ଏହି ରୂପ ଧାରଣ କରିଥିଲେ, ଯାହାଙ୍କୁ ରାମ ଏବଂ ଲକ୍ଷ୍ମଣ ହତ୍ୟା କରିଥିଲେ।

ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ରାମାୟଣରେ ଦର୍ଶାଯାଇଛି ଯେ, ଯେଉଁ ବକ ରାମଙ୍କୁ ସୀତାଙ୍କ ବିଷୟରେ ସୂଚନା ଦେଇନାହାନ୍ତି, ସେମାନଙ୍କ ବେକକୁ ସେ ବଢ଼ାଇ ଦେଇଛନ୍ତି ଏବଂ କୁକୁଡ଼ା ତାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିବାରୁ ତା'କୁ ମୁକୁଟ ପିନ୍ଧାଇ ଦେଇଛନ୍ତି। ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏକ ଲୋକକଥା ପ୍ରଚଳିତ ରହିଛି। ଏହା ଅନୁଯାୟୀ ରାବଣର ପୁଷ୍ପକ ବିମାନକୁ ରାମ ତୀର ମାରି ତା'ଛତାକୁ ଖସାଇ ଦେଇଥିଲେ, ଯାହା ପୃଥିବୀପୃଷ୍ଠରେ ପଡ଼ିବା ପରେ ଛତୁରେ ପରିଣତ ହୋଇଯାଇଥିଲା ଏବଂ ଯାହା ସମୁଦ୍ରରେ ପଡ଼ିଥିଲା ତାହା ଜେଲିଫିଶ ହୋଇଗଲା। ପଞ୍ଚଦଶ ଶତାବ୍ଦୀରେ ବଳରାମ ଦାସଙ୍କ ଓଡ଼ିଆ ଦାଣ୍ଡି ରାମାୟଣରେ ଉଲ୍ଲେଖ ରହିଛି, ଜଣେ ଆଦିବାସୀ ମହିଳା (ଶବରୀ) ପ୍ରଥମେ ଚାଖିଥିବା ଆମ୍ବ ରାମଙ୍କୁ ଦେଇଛନ୍ତି ଓ ସେ ତାହାକୁ ଖାଇଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ପ୍ରିୟଦାସଙ୍କ ଭକ୍ତିରାସ-ପ୍ରବୋଧିନୀରେ ଶବରୀଙ୍କ କୋଳିର ପ୍ରସିଦ୍ଧ କାହାଣୀରେ ସନ୍ନିହିତ ହୋଇଛି। ଊନବିଂଶ ଶତାବ୍ଦୀରେ ଗିରିଧର ଗୁଜୁରାଟୀରେ ରାମାୟଣ ରଚନା କରିଥିଲେ। ଏଥିରେ ହନୁମାନଙ୍କୁ ଏକାଦଶ ରୁଦ୍ର ଭାବରେ ଦର୍ଶାଯାଇଛି।

ଅଷ୍ଟମ ଶତାବ୍ଦୀରେ ତିବ୍ବତୀୟ ରାମାୟଣରେ ବର୍ଣ୍ଣନା ମିଳେ ଯେ, ଅନେକ କଳାକୃତିରେ ରାବଣଙ୍କର ନଅଟି ମଣିଷ ମୁଣ୍ଡ ଉପରେ ଗୋଟିଏ ଗଧର ମୁଣ୍ଡ ରହିଛି। ଏହିଠାରେ ତାଙ୍କ ଜୀବନ ଲୁଚି ରହିଛି। ଯୁଦ୍ଧ ସମୟରେ ରାବଣ ଅଦୃଶ୍ୟ ହୋଇଯାଏ। ରାମ ତାଙ୍କୁ ପ୍ରକୃତ କ୍ଷତ୍ରିୟ ଭଳି ଯୁଦ୍ଧ କରିବାକୁ ଏବଂ ଅନ୍ତତଃପକ୍ଷେ ଗୋଟିଏ ଶରୀରର ଅଂଶ ଦେଖାଇବାକୁ ଆହ୍ୱାନ କରିଛନ୍ତି। ରାବଣ ତାଙ୍କ ପାଦ ଦେଖାଇଛି ଏବଂ ଗଧ ମୁଣ୍ଡ କେଉଁଠି ରହିବ ତାହା ରାମ ଆକଳନ କରି ସାଂଘାତିକ ତୀର ଚଳାଇଛନ୍ତି। ଦଶମ ଶତାବ୍ଦୀରେ କଥା-ସରିତ-ସାଗରରେ ସୀତା କେବଳ ଗୋଟିଏ ସନ୍ତାନ ଲବଙ୍କୁ ଜନ୍ମ ଦେଇଛନ୍ତି, ଯାହାକୁ ଋଷି ବାଲ୍ମୀକିଙ୍କ ଯତ୍ନରେ ଛାଡ଼ିଥିଲେ। ଲବ ଅଦୃଶ୍ୟ ହୋଇଯାଇଛନ୍ତି ଏବଂ ବାଲ୍ମୀକି କୁଶ ଘାସ ବ୍ୟବହାର କରି ଲବର ପୁନର୍ଜୀବନ ଦେଇଛନ୍ତି। ଏହିପରି ସୀତାଙ୍କର ଯାଆଁଳା ସନ୍ତାନ ଜାତ ହୋଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ ରଘୁନାଥ ମହାନ୍ତଙ୍କ ଦ୍ୱାରା ଅହମିୟା ଭାଷାରେ ରାମାୟଣ ରଚିତ ହୋଇଥିଲା। ଏହି ଆସାମିଜ୍ ଅଦ୍‌ଭୁତ ରାମାୟଣ ଅନୁଯାୟୀ ପାତାଳରେ ରହୁଥିବାବେଳେ ସୀତା ନିଜ ପିଲାମାନଙ୍କୁ ମନେପକାନ୍ତି। ତେଣୁ ସେ ସର୍ପରାଜ ବାସୁକୀଙ୍କୁ ଲବ ଏବଂ କୁଶଙ୍କୁ ଅପହରଣ କରି ତାଙ୍କ ନିକଟକୁ ଆଣିବାକୁ କହିଥିଲେ। ହନୁମାନ ବାସୁକୀଙ୍କୁ ଅନୁସରଣ କରନ୍ତି। ଯୁଦ୍ଧ ହୋଇଛି ଏବଂ ପରେ ଶାନ୍ତି ପୁନଃ ସ୍ଥାପନ ହୋଇଛି, ଯେତେବେଳେ ସୀତା ତାଙ୍କ ପିଲାମାନଙ୍କୁ ଛାଡ଼ିବାକୁ ରାଜି ହୋଇଛନ୍ତି ଏବଂ ଗୁପ୍ତରେ ଦେଖାକରିବାକୁୟ ପ୍ରତିଜ୍ଞା କରିଛନ୍ତି। ଏହିଭଳି ସମୟାନ୍ତରରେ ରଚିତ ଅନେକ ରାମାୟଣ ମଧ୍ୟରୁ ଏସବୁ କେତୋଟି ଦୃଷ୍ଟାନ୍ତ ମାତ୍ର। ଯଦି ଜଣେ ରାଜନୈତିକ ବିତର୍କ କରିବାକୁ ବାହାରିବ ତେବେ ଏଭଳି ଆହୁରି ଅନେକ ରାମାୟଣ ପାଇବ।

-devduttofficial@gmail.com



# ମିଶୁ ମୋର ଦେହ ଏ ଦେଶ ମାଟିରେ



ବସନ୍ତ ମଞ୍ଜରୀ ମିଶ୍ର

ବର୍ତ୍ତମାନ ଚାରିଆଡ଼େ ନିର୍ବାଚନର ମାହୋଲ। ସବୁଠି ନେତାମାନଙ୍କର ମାଳ ମାଳ ପ୍ରତିଶ୍ରୁତିର ସ୍ୱର। ଦୂରଦର୍ଶନ ହେଉ ବା ସାମାଜିକ ଗଣମାଧ୍ୟମ, ଯେକୌଣସି ପ୍ଲାଟ୍‌ଫର୍ମ ହେଉ ସବୁଠି ଚାଲିଛି ନିର୍ବାଚନୀ ପ୍ରତିଯୋଗିତା। ଗଣତନ୍ତ୍ର ଶାସନରେ ଲୋକଙ୍କ ହାତରେ ଥିବା ଏହି କ୍ଷମତା ଟିକକ ହାତେଇବା ପାଇଁ ସବୁଠି ଚାଲିଛି ମୂଷା ଦୌଡ଼ ପ୍ରତିଯୋଗିତା। କିଏ ମାରିବ ବାଜି। କିଏ ହେବ ସରକାର। ଆଉ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁଠୁ କ୍ଷମତାଶାଳୀ ଜନତା। ଜନତାଙ୍କୁ ଜନାର୍ଦ୍ଦନ କହି ଭୋଟ ଖଣ୍ଡିକ ହାତେଇବା ପାଇଁ ଚାଲିଛି ଅଭିନବ ପ୍ରୟାସ। ସେଥିପାଇଁ ନୂଆ ନୂଆ ମୁହଁ ଦେଖିବାକୁ ମିଳିବା ସହ ସବୁଆଡ଼େ ଶୁଭୁଛି ନୂଆ ପ୍ରତିଶ୍ରୁତି। ଆସନ ହାତେଇବା ପାଇଁ ଚାଲିଛି ନିୟମିତ ନୂଆ ନୂଆ ଉପସ୍ଥାପନା। ଆଉ ସେସବୁ ଭିତରେ ସାଧାରଣ ଜନତା ଟିଏ ବଲବଲ କରି ଚାହିଁଛି ଶୂନ୍ୟ ଆକାଶକୁ।

ସେ ଭାବୁଛି ସବୁଦିନେ ଅଲୋଡ଼ା ଥିବା ତା' ଭଳି ମଣିଷଙ୍କୁ ଆଜି କାହିଁକି ଏତେ ଆଦର ଆଉ ଅଭ୍ୟର୍ଥନା। ଜୀବନର ସାୟାହ୍ନରେ ଉପନୀତ ସାଧାରଣ ମଣିଷଟିଏ ଚାହୁଁଛି, ତା' ଜୀର୍ଣ୍ଣଶୀର୍ଣ୍ଣ ଶରୀରକୁ ଆଉ ତା' ଚନ୍ଦ୍ର ସୂର୍ଯ୍ୟ ଦିଶୁଥିବା ନୁଆଁଣିଆ ଛାତକୁ। ତା' ଜୀବନ କାଳ ଭିତରେ ଏଇ ନିର୍ବାଚନ ପର୍ବ ଅନେକ ଥର ଆସିଛି। ନୂଆ ନୂଆ ଚେହେରା ଆଉ ନୂଆ ନୂଆ ପ୍ରତିଶ୍ରୁତି ସେ ପାଇଛି, ହେଲେ ବ୍ୟକ୍ତିଗତ ଭାବରେ ସେ ପାଇଛି କ'ଣ? ଦାରିଦ୍ର୍ୟର କଷା ଘାତରେ ଶଢ଼ି ଶଢ଼ି ବଞ୍ଚିଛି ସେ। ଦିନକୁ ଦୁଇମୁଠା ପେଟ ପୂରା ଖାଇବାକୁ ସେ ସଂଘର୍ଷ ଜାରି ରଖିଥିଲା ବେଳେ ଆଜି ତାକୁ ବିନା ପରିଶ୍ରମରେ ମିଳୁଛି ଭୂରି ଭୋଜନ। କାହିଁକି...?

ବର୍ତ୍ତମାନ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଥିବା ନେତାମାନେ ଆପଣେଇଛନ୍ତି ଦୁଇଟି 'ଭ...'। ସାଧାରଣ ଜନତାଙ୍କୁ ଭକୁଆ ବନେଇବାକୁ ପ୍ରତ୍ୟେକ ପ୍ରାର୍ଥୀ ଆପଣେଇଛନ୍ତି ଦୁଇଟି ଭ.. କୁ। ଗୋଟିଏ 'ଭ' ହେଉଛି ଭାଷଣ ଆଉ ଗୋଟିଏ 'ଭ' ଭୋଜି। ବନିଶିକଣ୍ଟାରେ ଥୋପ ଦେଲା ଭଳି ବର୍ତ୍ତମାନ ଜନତାଙ୍କ ପାଇଁ ଏହା ହେଉଛି ଥୋପ। କହିବାର ତାତ୍ପର୍ଯ୍ୟ, ଥରେ ଯଦି କାହା ଥୋପରେ ବଶ ହୋଇଗଲ ଏବେ ପୂରା ୫ବର୍ଷ ଛଟପଟ ହେବା ସାର। ତେଣୁ ସର୍ବଦା ନିଜ ବୁଦ୍ଧି ବିବେକର ଉପଯୋଗ କରନ୍ତୁ।

ଏବେ ଆସିବା ପ୍ରକୃତ କଥାକୁ। ମନେରଖିବା ଉଚିତ ଯେ, ଭଗବାନ୍‌ଙ୍କ ଅଦାଲତରେ ସମସ୍ତେ ସମାନ। ହେଉ ସେ ରଙ୍କ ଅବା ରାଜା। କେତେବେଳେ କେଉଁ ମୁହୂର୍ତ୍ତରେ ଆରପୁରରୁ ଡାକରା ଆସିବ କିଏ କହିବ। ମାତ୍ର କେତୋଟି ମୁହୂର୍ତ୍ତ ଭିତରେ ପୋଡ଼ି ପାଉଁଶ ହୋଇଯିବ ଏଇ ସୁନ୍ଦର ଶରୀର ଆଉ ତା' ସହ ଆମର ସବୁ ଗର୍ବ ଅହଂକାର ଆଉ ପାରିଲାପଣିଆ। କିଏ ଜାଣେ କେଉଁ ମୁହୂର୍ତ୍ତରେ ଆମେ ଚାଲିଯିବା, କିନ୍ତୁ ଛାଡ଼ିଯିବା ଆମ ମଣିଷପଣିଆ। ଆଜି ଯେଉଁ ଆସନ ପାଇଁ ଆମେ ପରସ୍ପରର ଗୋଡ଼ ଟାଣୁଛନ୍ତି, ଅନ୍ୟକୁ ବୋକା ବନେଇ ଆସନ ହାତେଇବାକୁ ଚାହୁଁଛନ୍ତି, ସେ ଆସନ ସମୟ ଆସିଲେ ଆମ ପାଇଁ ମୂଲ୍ୟହୀନ ହୋଇଯିବ। କିନ୍ତୁ ଆମ ପାଇଁ କ'ଣ ସବୁଠୁ ମୂଲ୍ୟବାନ୍ ଜାଣନ୍ତି, ମାନବିକତା ବୋଧ। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବରେ ଯଦି ଆମ ପାଖରେ ମାନବିକତା ନାହିଁ ତା'ହେଲେ ସେ ଜୀବନ ତୁଚ୍ଛ। ଜଣେ ଲୋକ ପ୍ରତିନିଧି ଭାବେ ସାଧାରଣ ମାନବର ବିକାଶ ଆମର ମୂଳଲକ୍ଷ୍ୟ ହେବା ଉଚିତ। ଯିଏ ଆମକୁ ନିଜର ଭାବି ଅନେକ ଆଶା ଭରସା ରଖି ଲୋକ ପ୍ରତିନିଧି ଭାବେ ଚୟନ କରୁଛନ୍ତି ସେମାନଙ୍କ ବିକାଶ ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଯେଉଁଠି ମୋ ଲୋକମାନେ ଭୋକ ଉପାସରେ ଶଢୁଛନ୍ତି, ରୋଗରେ ପଡ଼ି ଚିତ୍କାର କରୁଛନ୍ତି, ଦେହକୁ ଖଣ୍ଡେ କନା କି ପେଟକୁ ମୁଠେ ଦାନା ଯୋଗାଡ଼କରି ପାରୁନାହାନ୍ତି, ମୁଣ୍ଡ ଗୁଞ୍ଜିବାକୁ ଚାଖଣ୍ଡେ ଛାତ ନାହିଁ ସେଠି ମୋର ଅସ୍ତିତ୍ୱ କ'ଣ..... ଏଇ ପ୍ରଶ୍ନ ଜଣେ ଲୋକ ପ୍ରତିନିଧି ହିସାବରେ ଆମେ ନିଜେ ନିଜକୁ ପଚାରିବା ଉଚିତ। ଯଦି ଉତ୍ତର ହଁ, ତା'ହେଲେ ଆମେ ନିଶ୍ଚିତ ବିଜୟ ଲାଭ କରିବା ଏଥିରେ ସନ୍ଦେହ ନାହିଁ। ଭଗବାନ୍‌ଙ୍କର ଅଦୃଶ୍ୟ ଆଖି ଦୁଇଟି ଆମ ଚତୁଃପାର୍ଶ୍ୱରେ ସର୍ବଦା ଘୂରିବୁଲୁଛି। ଆମ ପାପପୁଣ୍ୟର ହିସାବ କରୁଛି। ଅପେକ୍ଷା କେବଳ ଶୁଣାଣିର। ସବୁରି କଣ୍ଠରେ ଏବେ ଶୁଭୁଛି -ଦେଶବାସୀ ପଛେ ମିଶନ୍ତୁ ମାଟିରେ, ମୋ ସ୍ୱାର୍ଥ ଥାଉ ସବୁରି ଊର୍ଦ୍ଧ୍ୱରେ। ନା, ଆଜ୍ଞା, ଏଇ ପଂକ୍ତି ନୁହେଁ ବରଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସେଇ ପଂକ୍ତି ଆମ ହୃଦୟରେ ଗୁଞ୍ଜରିତ ହେବା ଉଚିତ।

''ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।''

ମୋ: ୯୮୬୧୧୯୨୪୪୫

## ଏଇ ଭାରତରେ

ଉତ୍ତରାଖଣ୍ଡରେ ପାଇନ ଗଛର ଶୁଷ୍କପତ୍ର (ପାଇନ ନିଡଲ୍ସ) ବନାଗ୍ନିର ଏକ ବଡ଼ କାରଣ ବୋଲି କୁହାଯାଉଛି। ଏହା ବର୍ଷ ବର୍ଷ ଧରି ଗଛମୂଳରେ ଜମା ହୋଇ ରହିବା ଫଳରେ ନିଆଁ ବ୍ୟାପିବାରେ ସାହାଯ୍ୟ କରୁଛି। ତେବେ ଏହି ପାଇନ ନିଡଲ୍ସ ବର୍ଜ୍ୟର ସଦ୍‌ଉପଯୋଗ କରୁଛନ୍ତି ଦୁଇ ଭଉଣୀ ନୂପୁର ଓ ସାବିତ୍ରୀ ପୋହାରକର। ସେମାନେ ପାଇନ୍ସ ନିଡଲ୍ସରୁ ସର୍ଭିଂ ଟ୍ରେ, ଷ୍ଟୋରେଜ ବକ୍ସ, ଟେବୁଲ ମ୍ୟାଟ ଆଦି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେମାନେ 'ପିରୁଲ ହ୍ୟାଣ୍ଡିକ୍ରାଫ୍ଟ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରଥମେ ୨୦୨୧ରେ ସେମାନେ ୧୫ ଜଣ ମହିଳାଙ୍କୁ ନେଇ ପାଇନ ନିଡଲ୍ସରୁ ଉତ୍ପାଦ ତିଆରି କରିବା ଆରମ୍ଭ କରିଥିଲେ। ଏବେ ତାଙ୍କ ସଂସ୍ଥାରେ ୮ଟି ଗାଁର ପାଖାପାଖି ୧୦୦ ମହିଳା କାମ କରୁଛନ୍ତି। ମହିଳାମାନେ ଏବେ ସୁଦ୍ଧା ୧୨,୦୦୦ ଉତ୍ପାଦ ବିକ୍ରି କରିସାରିଲେଣି। ଏଥିରେ ମୋଟ ୨୦,୦୦୦ କେଜି ପାଇନ ନିଡଲ୍ସ ବ୍ୟବହାର କରିସାରିଲେଣି। ବିଶେଷକରି ବେଙ୍ଗାଲୁରୁ, ଦିଲ୍ଲୀ, ହାଇଦ୍ରାବାଦ ସମେତ ଭାରତର ଅନ୍ୟ ବୃହତ୍ ସହରଗୁଡ଼ିକରେ ବିକ୍ରି କରାଯାଉଛି। ସେମାନେ ଏହାକୁ ମଧ୍ୟ ଆମେରିକାକୁ ପଠାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୭୫

- ରାଜ୍ୟ ଅତିରିକ୍ତ ବିକ୍ରିକର ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତିଲାଭ ପରେ ଆଇନରେ ପରିଣତ।
- ଭାରତରେ ମିଳିତ ଆରବ ଏମିରେଟର ନୂଆ ରାଷ୍ଟ୍ରଦୂତ ରୂପେ ଅହମ୍ମଦ ଅବଦୁଲ ଲତିଫ ରାସେଦ ନିଯୁକ୍ତ।
- ଶ୍ରୀଲଙ୍କାର ବିରୋଧୀଦଳ ନେତା ତଥା ଦକ୍ଷିଣପନ୍ଥୀ ମିଳିତ ଜାତୀୟ ଦଳର ସଭାପତି ଜେ. ଆର. ଜୟେଜଦେନେ ଜାତୀୟ ଆସେମ୍ବ୍ଲିର ତାଙ୍କ ଆସନରୁ ଇସ୍ତଫା ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 5 | | 6 | 4 | |
| | 4 | | | | | 5 | | |
| | | | | | 9 | | 8 | 3 |
| | | 1 | | | 4 | 7 | | |
| | | | 5 | | | | 2 | |
| | 8 | | | | | 3 | | |
| 4 | | 3 | | | | | 5 | |
| 9 | 5 | 8 | 4 | | | | | 7 |
| | 2 | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 2 | 4 | 9 | 7 | 8 | 6 |
| 6 | 8 | 4 | 5 | 3 | 7 | 1 | 2 | 9 |
| 2 | 7 | 9 | 1 | 8 | 6 | 5 | 4 | 3 |
| 3 | 1 | 6 | 4 | 7 | 8 | 2 | 9 | 5 |
| 9 | 5 | 8 | 6 | 1 | 2 | 4 | 3 | 7 |
| 4 | 2 | 7 | 3 | 9 | 5 | 8 | 6 | 1 |
| 7 | 6 | 1 | 8 | 2 | 3 | 9 | 5 | 4 |
| 8 | 9 | 3 | 7 | 5 | 4 | 6 | 1 | 2 |
| 5 | 4 | 2 | 9 | 6 | 1 | 3 | 7 | 8 |

ଗତକାଲିର ଉତ୍ତର

# ଚାରି ଦୁଆର ଓ ରତ୍ନ ଭଣ୍ଡାର



ହରିଶଙ୍କର ମିଶ୍ର

ପୁରୀ ସହର ବା ଜିଲା ନୁହେଁ ବରଂ ରାଜ୍ୟ ଓ ରାଜ୍ୟ ବାହାରେ ଏପରି କି ବିଦେଶରେ ରହୁଥିବା ସମସ୍ତ ଶ୍ରୀଜଗନ୍ନାଥପ୍ରେମୀଙ୍କ ମନରେ ଶ୍ରୀମନ୍ଦିରର ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର ଖୋଲାଯିବାର ଉତ୍କଣ୍ଠା ବଢ଼ିଚାଲିଛି। କିନ୍ତୁ ସରକାରଙ୍କ ଅହେତୁକ ନୀରବତା ଯୋଗୁ ଏହା କ୍ରମଶଃ ଜଟିଳ ହେବାକୁ ଯାଉଥିବା ବେଳେ କିପରି ଓ କାହିଁକି ଏଭଳି ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ବିଷୟକୁ ଏଡ଼ାଇ ଦିଆଯାଉଛି ତାହା ସଭିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରି ଦୁଆରର ସ୍ୱତନ୍ତ୍ରତା ରହିଛି। ସିଂହଦ୍ୱାରକୁ ଧର୍ମ ଦ୍ୱାର, ଦକ୍ଷିଣ ଦ୍ୱାରକୁ ଅର୍ଥ ଦ୍ୱାର, ପଶ୍ଚିମ ଦ୍ୱାରକୁ କାମ ଦ୍ୱାର ଓ ଉତ୍ତର ଦ୍ୱାରକୁ ମୋକ୍ଷ ଦ୍ୱାର କୁହାଯାଏ। ଉତ୍ତର ଦ୍ୱାର ଦେଇ ଶ୍ରୀଜୀଉମାନଙ୍କର ମହାଦାରୁ କୋଇଲି ବୈକୁଣ୍ଠକୁ ଯାଇଥାଏ। ଏହି ଦ୍ୱାର ସୂର୍ଯ୍ୟାସ୍ତ ପରେ ବନ୍ଦ କରାଯିବା ପାଇଁ ଶାସ୍ତ୍ରୀୟ ବିଧି ରହିଛି। କରୋନା ମହାମାରୀ ସଂକ୍ରମଣ ପୂର୍ବରୁ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ରହୁଥିଲା। ସଂଧ୍ୟା ପୂର୍ବରୁ ଚାରି ଦ୍ୱାର ଓ ସୂର୍ଯ୍ୟାସ୍ତ ପରେ ତିନି ଦ୍ୱାରରେ ଭକ୍ତମାନେ ପ୍ରବେଶ ପ୍ରସ୍ଥାନ କରୁଥିଲେ। ବିଶେଷ ପର୍ବଦିନ ବ୍ୟତୀତ ଅନ୍ୟ ଦିନରେ ଭିଡ଼ ନିୟନ୍ତ୍ରଣ ଅନାବଶ୍ୟକ ଥିଲା। କିନ୍ତୁ ସ୍ଥାନୀୟ ସଂଗଠନ ଓ ଅଧିବାସୀଙ୍କ ବିରୋଧ ସତ୍ତ୍ୱେ ଭକ୍ତଙ୍କ ଦର୍ଶନ ପାଇଁ ଅବାଞ୍ଛିତ ଓ ଅନାବଶ୍ୟକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇ ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିରରେ ଦର୍ଶନ କରୁଛନ୍ତି ବୋଲି ପ୍ରଚାର କରାଗଲା। କିନ୍ତୁ ଭକ୍ତ ସଂଖ୍ୟା ବଢ଼ି ନ ଥିଲେ ମଧ୍ୟ ପ୍ରଚାରକୁ ପ୍ରମାଣିତ କରିବାକୁ କୃତ୍ରିମ ଭିଡ଼ ସୃଷ୍ଟି କରାଯାଇ ତାହାକୁ ମଧ୍ୟ ସୁନିୟନ୍ତ୍ରିତ କରାଯାଉଥିବା ଗଣମାଧ୍ୟମରେ ପ୍ରଚାର କରାଗଲା।

କରୋନା ସଂକ୍ରମଣଜନିତ କଟକଣା ଲାଗୁ ହେବାରେ ଶ୍ରୀମନ୍ଦିର ପ୍ରବେଶ ପ୍ରାୟ ଦୁଇବର୍ଷ ନିଷେଧ ହୋଇଥିଲା। ମନ୍ଦିର ଖୋଲାଯିବା ପରେ ଭକ୍ତଙ୍କ ସଂଖ୍ୟା ଅବଶ୍ୟ କିଛି ବଢ଼ିଲା। କିନ୍ତୁ ଏହାର ସୁଯୋଗ ନେଇ ବନ୍ଦ ପୂର୍ବରୁ ହୋଇଥିବା ଧାଡ଼ି ଦର୍ଶନ ସହ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ମନ୍ଦିର ପ୍ରବେଶ କରାଗଲା ଏବଂ ଭକ୍ତଙ୍କ ସୁବିଧା ନାମରେ ବ୍ୟାରିକେଡ୍,ବିଶ୍ରାମ ସ୍ଥଳୀ ଏବଂ ପରେ ତାପନିୟନ୍ତ୍ରଣ ବ୍ୟବସ୍ଥା କରାଗଲା। ଏଥିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଏବଂ ବହୁଲକ୍ଷ ଟଙ୍କା ବିଦ୍ୟୁତ ଦେୟ ବାବଦରେ ଖର୍ଚ୍ଚ ସତ୍ତ୍ୱେ ଭକ୍ତଙ୍କ କଷ୍ଟ ଯେ ବଢ଼ିଛି ଏହା ପ୍ରତ୍ୟେକ ଦିନର ଖବର ଓ ଭକ୍ତଙ୍କର ଅନୁଭବ ହୋଇଯାଇଛି। କିଛି ଦିନ ପୂର୍ବରୁ ବହୁ ଦାବି ଯୋଗୁ ପଶ୍ଚିମ ଦ୍ୱାର କେବଳ ପୁରୀ ସହରବାସୀଙ୍କ ପାଇଁ ଖୋଲିଥିଲେ ବି ଏହା ପଛରେ ଅଭିସନ୍ଧି ରହିଥିଲା। ଏବେ ପୁରୀ ସହରବାସୀଙ୍କ ଅପେକ୍ଷା ଏହି ଦ୍ୱାର ଯାତ୍ରୀ ଗୁମାସ୍ତାଙ୍କର ଯାତ୍ରୀମାନଙ୍କୁ ନେବା ପାଇଁ ଅଧିକ ଉପଯୋଗୀ ହେଉଛି। ଏହି ବାସ୍ତବତା ପ୍ରତ୍ୟେକ ଭକ୍ତ ଅନୁଭବ କରୁଛନ୍ତି ଯେ ଧାଡି ସିଂହ ଦ୍ୱାରରେ ଶେଷ ହେଉଥିବା ବେଳେ ମନ୍ଦିର ଭିତରେ ଭିଡ଼ ଅଣାୟତ୍ତ ହେଉଛି। କିନ୍ତୁ ତା'ର ପ୍ରତିକାର ପରିବର୍ତ୍ତେ କେଉଁ ସ୍ୱାର୍ଥରେ ସମସ୍ତ ଦ୍ୱାରରେ ପ୍ରବେଶ ନିଷେଧ



ହେଉଛି ତାହା ଏବେ ବି ପ୍ରଶ୍ନରେ ରହିଛି।

ଦ୍ୱିତୀୟ କଥା ହେଉଛି ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗ। ଶ୍ରୀମନ୍ଦିର ଆଇନରେ ପ୍ରତି ତିନିବର୍ଷରେ ରତ୍ନ ଭଣ୍ଡାରର ରତ୍ନ ଗଣତି ମଣତି ହେବାର ନିୟମ ରହିଥିବା ସତ୍ତ୍ୱେ ଏହା ୧୯୭୮ପରେ ଖୋଲା ଯାଇନାହିଁ। ରତ୍ନଭଣ୍ଡାର ଖୋଲାଯିବା କେବେ ପ୍ରସଙ୍ଗ ନ ଥିଲା। ଜଣେ ସାମାଜିକ କର୍ମୀ ନିର୍ଦ୍ଦିଷ୍ଟ ବର୍ଷର ଦୁଇଟି ତାରିଖ ଏବଂ ସମୟ, ଜଣାଇ ରତ୍ନ ଭଣ୍ଡାରରୁ ରତ୍ନ ଚୋରିର ସେ ପ୍ରତ୍ୟକ୍ଷ ସାକ୍ଷୀ ବୋଲି ବୟାନ ଦେବାପରେ ଏହି ପ୍ରସଙ୍ଗଟି ଆଲୋଚନା ପରିସରକୁ ଆସିଲା। ସେ ଏହା ମଧ୍ୟ କହିଲେ ଯେ, ଯଦି ରତ୍ନଭଣ୍ଡାର ଯାଞ୍ଚ ପରେ ସମସ୍ତ ରତ୍ନ ସୁରକ୍ଷିତ ବୋଲି ଜଣାଯାଏ ତେବେ ସେ ଯେ କୌଣସି ଦଣ୍ଡକୁ ଗ୍ରହଣ କରିନେବେ। ଏହି ମନ୍ତବ୍ୟ ପରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କୌଣସି ଗୁରୁତ୍ୱ ଦେଲେ ନାହିଁ। କିନ୍ତୁ ଜଣେ ସାମାଜିକ କର୍ମୀ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମାମଲା କଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ସତର ଜଣିଆ ଦଳ ଜିଲାପାଳଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରବେଶ କରିବା, ଯାହା ଜାଣିଲେ ତାହା ବାହାରେ ପ୍ରକାଶ ନ କରିବାକୁ ଶପଥ ନେବା, ଚାବି ମିଳିଲାନି ବୋଲି ପ୍ରକାଶ କରିବା, ଦୁଇଦିନ ପରେ ଖୋଦ ଜିଲାପାଳ ତାଙ୍କର କାର୍ଯ୍ୟାଳୟରୁ ନକଲି ଚାବି ମିଳିବା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ବି ଚାବି ନ ଦେଖାଇବା, ଚାବି ହଜିବା ସମ୍ପର୍କରେ ସରକାର ତତ୍କାଳ ରଘୁବର ଦାସ କମିଶନ ଗଠନ କରିବା, ତଦନ୍ତ ରିପୋର୍ଟ ବିଧାନସଭାରେ ଆଲୋଚନା ନ ହେବା ଆଦି ତଥ୍ୟ ଗଣମାଧ୍ୟମରେ ବହୁଳ ଭାବେ ଆଲୋଚନା ହେଲା। ଏହା ସତ୍ୟ ଯେ ସରକାର କୌଣସି ଗମ୍ଭୀର ପ୍ରସଙ୍ଗ ଏଡ଼ାଇବାକୁ ଅନ୍ୟ ପ୍ରସଙ୍ଗ ସୃଷ୍ଟି କରୁଥିବା ନଜିର ରହିଛି। ଶ୍ରୀଜଗନ୍ନାଥପ୍ରେମୀଙ୍କୁ ଭ୍ରମିତ କରିବାକୁ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ଯେ ସୁଚିନ୍ତିତ ଯୋଜନା ଏଥିରେ ସାମାନ୍ୟ ସନ୍ଦେହ ନାହିଁ।

କିନ୍ତୁ ଏହାପରେ ସୃଷ୍ଟି ହେଲା ଅନ୍ୟ ଏକ ସ୍ପର୍ଶ କାତର ପ୍ରସଙ୍ଗ। ପୁରୀର ତତ୍କାଳୀନ ଜିଲାପାଳ ତଥା ରତ୍ନଭଣ୍ଡାର ତନଖି କମିଟିର ପୁରୋଧା ସ୍ୱୀକାର କଲେ ଯେ ରତ୍ନଭଣ୍ଡାରର ଭିତର କାନ୍ଥ ସୁରକ୍ଷିତ ନୁହେଁ। ସେଥିପାଇଁ ରତ୍ନଭଣ୍ଡାର ଖୋଲାଯିବା ଅପରିହାର୍ଯ୍ୟ। କିନ୍ତୁ ତାହାକୁ ମଧ୍ୟ ଏଡ଼ାଇବାକୁ ଶ୍ରୀଜଗନ୍ନାଥ ନ ଚାହିଁଲେ ରତ୍ନଭଣ୍ଡାର ଖୋଲିବା ସମ୍ଭବ ନୁହେଁ, ଶ୍ରୀଲୋକନାଥ ସାପ ରୂପରେ ରତ୍ନ ଭଣ୍ଡାର ଜଗିଥିବା ସର୍ବୋପରି ରତ୍ନ ଭଣ୍ଡାର ଖୋଲିଲେ ସରକାର ଭାଙ୍ଗିଯିବ ଆଦି କପୋଳକଳ୍ପିତ ଏବଂ ପ୍ରାୟୋଜିତ ମତ ମାଧ୍ୟମରେ ପୁନଶ୍ଚ ସରକାରଙ୍କୁ ପ୍ରଭାବିତ କରାଗଲା। ଏଠାରେ ସ୍ପଷ୍ଟ କରାଯିବା ଉଚିତ ଯେ ପୂର୍ବରୁ ରତ୍ନ ଭଣ୍ଡାର ଖୋଲିଥିଲେ ମଧ୍ୟ ସରକାରଙ୍କ ସ୍ଥିତିରେ କୌଣସି ବିପଦ ଆସିନାହିଁ। ଏହି ମିଥ୍ୟା ପ୍ରଚାର ସହ ଶ୍ରୀମନ୍ଦିର ପ୍ରଶାସନ ଏଂ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅସାଧୁ ମଧୁଚନ୍ଦ୍ରିକା ରତ୍ନଭଣ୍ଡାର ଖୋଲିବା ଓ ମରାମତି ପାଇଁ ବାଧକ ହେଲା। ଲେବର ସ୍କାନିଂ ଏବଂ କମିଟି ଗଠନ ଆଦି ଦୀର୍ଘ ସୂତ୍ର ପନ୍ଥା ଗ୍ରହଣ କରାଯିବା ଏବଂ ଏଭଳି ଗମ୍ଭୀର ବିଷୟକୁ ଭାରତର ପ୍ରଧାନମନ୍ତ୍ରୀ ନିର୍ବାଚନୀ ମୁଦ୍ଦା କରିସାରିଥିବା ବେଳେ ରାଜ୍ୟ ସରକାରଙ୍କ ଆଚରଣର ଯେଉଁ ପ୍ରଶ୍ନ ଆଜି ଶ୍ରୀଜଗନ୍ନାଥପ୍ରେମୀଙ୍କ ମନକୁ ଆସୁଛି ତାହା ହେଲା ରତ୍ନ ଭଣ୍ଡାରରେ ରତ୍ନ ସୁରକ୍ଷିତ ଅଛି ତ? ଦ୍ୱିତୀୟ ପ୍ରଶ୍ନ ସତରେ କ'ଣ ଚାରି ଦ୍ୱାର ଖୋଲାଯାଇ ଭକ୍ତଙ୍କୁ ନିର୍ବିରୋଧ ଦର୍ଶନ ସୁଯୋଗ ମିଳିବ? କିନ୍ତୁ ଉତ୍ତର ଦେବ କିଏ?

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ଆରମ୍ଭରୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉ

ମହାଶୟ,
ବର୍ତ୍ତମାନ ସମୟକୁ କମ୍ପ୍ୟୁଟର ଯୁଗ ବା ସାଇବର ଯୁଗ ବୋଲି କୁହାଯାଉଛି। ଏହାକୁ ପ୍ରାଥମିକ ତଥା ପ୍ରାଧାନ୍ୟ ଦେଇ ଅଧିକାଂଶ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ ହେଉଛି। କିନ୍ତୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପ୍ରାୟତଃ ଏ ପ୍ରକାର ସୁବିଧା ନାହିଁ। ଯେଉଁଠି

ସରକାରୀ ଓଡ଼ିଆ ବିଦ୍ୟାଳୟଗୁଡ଼ିକ ଭିତ୍ତିଭୂମି ଓ ଶିକ୍ଷକ ଅଭାବ ସମସ୍ୟାରେ ଜର୍ଜରିତ ସେଠାରେ କମ୍ପ୍ୟୁଟର ଶିକ୍ଷା କଥା ପଚାରେ କିଏ। ତେଣୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ପ୍ରତି ଲୋକଙ୍କର ଆଗ୍ରହ, ଆସ୍ଥା ଓ ବିଶ୍ୱାସ ଜଗାଇବା ପାଇଁ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ସରକାର ଅଧିକ ମାତ୍ରାରେ କ୍ରିୟାଶୀଳ ଯୋଜନା ପ୍ରଣୟନ କରିବାର ସମୟ ଉପଗତ।

**-ଡ. ସୀତାକାନ୍ତ ତ୍ରିପାଠୀ, ଅନ୍‌ପାଳ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଗେନ
ବନ୍ଦନ!

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଭୋଟ ପାଇଁ ଗ୍ରାମାଞ୍ଚଳରେ ଭୋଜିର ଆସର




# ଶାମାଖୁଣ୍ଟାରେ ବାଘ ଆତଙ୍କ

**ବାରିପଦା,୧୫।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ ଜଗନ୍ନାଥପୁର ଗ୍ରାମରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ଶିମିଳିପାଳ ଅଭୟାରଣ୍ୟରୁ ବାଟବଣା ହୋଇ ବାଘଟି ଗାଁରେ ପଶିଛି। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ବାଘକୁ ଅକ୍ତିଆର କରିବାକୁ ଚେଷ୍ଟା ଚଳାଇଛନ୍ତି। ବାଘ ଆକ୍ରମଣରୁ ଜଣେ ଅଧିକାରୀ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ଏନେଇ ଗାଁ ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ଘରୁ ବାହାରୁ ନାହାନ୍ତି।

ବାରିପଦା ମୁଖ୍ୟାଳୟରୁ ୮ କି.ମି. ଦୂର ଜଗନ୍ନାଥପୁର ଗାଁରେ ବୁଧବାର ଏକ କଲରାପତରିଆ ବାଘ ପଶିଥିବା ନେଇ ଲୋକେ ଦେଖିଥିଲେ। ବାଘଟି ଦିନବେଳା ଏକ ବାଉଁଶବଣ ମଧ୍ୟରେ ଲୁଚି ରହିଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ କର୍ମଚାରୀମାନେ ପହଞ୍ଚିଥିଲେ। ବାଘକୁ ଅକ୍ତିଆର କରିବା ପାଇଁ ଯନ୍ତା ଓ ଆବଶ୍ୟକ ସାମଗ୍ରୀ ବ୍ୟବହାର କରିଥିଲେ। ଡ୍ରୋନ୍ କ୍ୟାମେରା ଜରିଆରେ ବାଘକୁ ପ୍ରଥମେ ଠାବ କରିଥିଲେ। ବାଘକୁ ଟ୍ରାଙ୍କୁଲାଇଜ୍ କରିବା ସମୟରେ ତାହା ବାଉଁଶରେ ବାଜିବାରୁ ବାଘଟି ଗର୍ଜନକରି ବନ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବାରିପଦା ଡିଭିଜନର ରେଞ୍ଜ ଅଫିସର ଶ୍ରଦ୍ଧୟ କୁମାର ମନ୍ତ୍ରୀ ଓ କର୍ମଚାରୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବାଘଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବାଘକୁ ଧରିବାରେ ବନ ବିଭାଗ ସକ୍ଷମ ହୋଇପାରି ନ ଥିଲା।



ବାଘକୁ କାବୁ କରିବା ପାଇଁ ଯନ୍ତା ଧରି ଆସିଥିବା ବନ କର୍ମଚାରୀମାନେ।

# ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲ୍ଲାକାଙ୍କ ପରଲୋକ



**ରାୟଗଡ଼ା/ବିଷମକଟକ, ୧୫।୫(ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ)**

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଉମ୍ବରୁଧର ଉଲ୍ଲାକାଙ୍କ ପରଲୋକ ଘଟିଛି। ୮୭ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀରୁ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଭିନ୍ନ ବିଭାଗରେ ସେ ୨ ଥର ମନ୍ତ୍ରୀ ଥିଲେ।

ଉମ୍ବରୁଧରଙ୍କ ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ତ୍ରୀ, ୨ ପୁତ୍ର ଓ ୩ କନ୍ୟା ଉପସ୍ଥିତ ଥିଲେ। ବୁଧବାର ସନ୍ଧ୍ୟାରେ ଉଲ୍ଲାକାଙ୍କ ମରଶରୀର ନିଜ ଗାଁ କୋଲନରା ବ୍ଲକ୍ ବାଙ୍କିଲିରେ ପହଞ୍ଚିଥିଲା। ଗୁରୁବାର ସେଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୁଅ ନୀଳମାଧବ ଉଲ୍ଲାକା ସୂଚନା ଦେଇଛନ୍ତି। ଉମ୍ବରୁଧରଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

# ୨୦୦ ଲୋକଙ୍କ ନାଁରେ ମାମଲା

### ପିଣ୍ଟୁ ଦାସଙ୍କୁ ଛାଡ଼ିବା ଦାବିରେ ଥାନା ଘେରାଉ ଘଟଣା

**ବ୍ରହ୍ମପୁର,୧୫।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଗତ ୧୩ ତାରିଖ ସନ୍ଧ୍ୟାରେ ମତଦାନ ବେଳେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ (ପିଣ୍ଟୁ) ଆକ୍ରମଣ କରିଥିଲେ। ଗୋସାଣୀନୂଆଗାଁ ଥାନା ନିକଟ ବୁଥ୍ ବାହାରେ ଏହି ଘଟଣା ଘଟିଥିବା ବେଳେ ସେଠାରେ ଉପସ୍ଥିତ ପୋଲିସ ପିଣ୍ଟୁଙ୍କୁ କାବୁ କରି ଅଟକ ରଖିଥିଲା। ଏହି ଖବରପାଇ ପିଣ୍ଟୁଙ୍କ ଶତାଧିକ ମହିଳା ଓ ପୁରୁଷ ସମର୍ଥକ ତାଙ୍କୁ ଛାଡ଼ିବା ପାଇଁ ପ୍ରାୟ ୪ ଘଣ୍ଟା ଧରି ଥାନା ଘେରାଉ କରିଥିଲେ। ଉତ୍ତ୍ୟକ୍ତ ସମର୍ଥକମାନେ ପିଣ୍ଟୁଙ୍କୁ ନ ଛାଡ଼ିଲେ ବୋମା ପକାଇ ଥାନା ଉଡ଼ାଇଦେବୁ ବୋଲି କହିଥିଲେ। ଥାନା ଘେରାଉ ଓ ପୋଲିସକୁ ଆକ୍ରମଣ ନେଇ ଏସ୍ଆଇ କୃତ୍ତିବାସ ନାୟକଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଥାନା ଘେରାଉର ନେତୃତ୍ୱ ନେଇଥିବା ଶାସ୍ତ୍ରୀନଗର ତୃତୀୟ ଗଳିର ଅନିଲ ନାୟକଙ୍କ ସମେତ ପ୍ରାୟ ୨୦୦ ଜଣଙ୍କ ନାଁରେ ନଂ. ୧୩୧/୨୪ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଉତ୍ତ୍ୟକ୍ତ ଲୋକେ ରାଜରାସ୍ତା ଅବରୋଧ କରିବା ସହ ଥାନା ଭିତରକୁ ପୋଲିସ କର୍ମଚାରୀମାନଙ୍କୁ ଛାଡ଼ି ନ ଥିଲେ। ଆନ୍ଦୋଳନକାରୀଙ୍କୁ ଥାନାରୁ ହଟାଯାଉ ଥିବାବେଳେ ସେମାନେ ପୋଲିସ ଉପରକୁ ପଥର ଫିଙ୍ଗିଥିଲେ। ଏଥିରେ ଲାଞ୍ଜିପଲ୍ଲୀ ପୋଲିସ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା, କନଷ୍ଟେବଲ ରବୀନ୍ଦ୍ର ପ୍ରସାଦ ବେହେରା, କେ.ରାମେୟା ପାତ୍ର, କେ.ପି. ସାମନ୍ତ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରଦୀପଙ୍କୁ ଆକ୍ରମଣ ଘଟଣାରେ ପିଣ୍ଟୁ ଗିରଫ ହୋଇ ଜେଲରେ ଅଛନ୍ତି।

# ୩ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

### ନିର୍ବାଚନ କାର୍ଯ୍ୟ ଅବମାନନା

**ଭୁବନେଶ୍ୱର,୧୫।୫(ଅନିଲ ଦାସ)**

ନିର୍ବାଚନ କାର୍ଯ୍ୟରେ ସହଯୋଗ ନ କରିବା ଏବଂ ସରକାରୀ ଆଦେଶକୁ ଅବମାନନା କରିବା ୩ ଜଣ ଗାଡ଼ି ମାଲିକଙ୍କୁ ମହଙ୍ଗା ପଡ଼ିଛି। ଗାଡ଼ି ଜବତ କରିବା ସହ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କାର୍ଯ୍ୟ ପାଇଁ ୨୦୨୪ ମାର୍ଚ୍ଚ ୧୬ରେ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଆର୍‌ଟିଓ ବିକାଶ ଚୌଧୁରୀ ଗାଡ଼ି ନମ୍ବର ଓଡି ୩୩ ଏଏମ୍-୦୨୬୫, ଓଡି୦୨ ସିୟୁ-୧୯୬୨ ଏବଂ ଓଡି ୩୩ୱାଇ-୧୭୯୪ ବୁକିଂ କରିଥିଲେ। ଉକ୍ତ ଗାଡ଼ି ମାଲିକଙ୍କୁ ଡ୍ରାଇଭର ସମେତ ମେ' ୧୪ ସକାଳ ୮ଟା ସୁଦ୍ଧା ଭୁବନେଶ୍ୱର ଉପଜିଲାପାଳଙ୍କୁ ରିପୋର୍ଟ କରିବାକୁ କୁହାଯାଇଥିଲା। ତେବେ ଉକ୍ତ ସମୟ ମଧ୍ୟରେ ଗାଡିଗୁଡ଼ିକ ପହଞ୍ଚି ନ ଥିଲା। ଏ ସମ୍ପର୍କରେ ଆର୍‌ଟିଓ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉକ୍ତ ଗାଡ଼ି ମାଲିକ ନୟାଗଡ଼ ଜିଲା ନିମସାହିର ମହେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧାର ବବୁଲ ନାଥ ଏବଂ ସରୋଜ ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଅଞ୍ଚଳ ଥାନା ଅଧିକାରୀଙ୍କୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ନବୀନ ପଟ୍ଟନାୟକ ବିଜୁଳି ଗ୍ୟାରେଣ୍ଟି, ଶଙ୍ଖ ଚିହ୍ନ ଗ୍ୟାରେଣ୍ଟି

### ନବୀନ-ପାଣ୍ଡିଆନଙ୍କ ବିମାନ ଗସ୍ତ ଭିଡିଓ ବାର୍ତ୍ତା

**ଭୁବନେଶ୍ୱର,୧୫।୫(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀକୁ ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ। ଦେବଗଡ଼ ନିର୍ବାଚନମଣ୍ଡଳୀକୁ ଯିବା ବାଟରେ ବିମାନରେ ଉଭୟ ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନଙ୍କ ଭିଡିଓ ବାର୍ତ୍ତାଳାପ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ପାଣ୍ଡିଆନ କହୁଛନ୍ତି, ଆମେ ଦେବଗଡ଼ରେ ଅଛୁ। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନବାବୁ ଆସନ୍ତା ଜୁନ୍ ୯ ତାରିଖରେ ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ଆଶୀର୍ବାଦରେ



ପୁଣି ଥରେ ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ କଲା ପରେ ଫାଷ୍ଟ ଅର୍ଡର ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ବିଜୁଳି ଛାଡ଼, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସରକାରୀ ଚାକିରିଆଙ୍କ ସମେତ ରାଜ୍ୟର ସମସ୍ତଙ୍କୁ ସାମିଲ କରାଯିବ। ଏଇଟା ହେଉଛି ...ବୋଲି ପାଣ୍ଡିଆନ କହିବା ପରେ ମୁଖ୍ୟମନ୍ତ୍ରୀ କହୁଛନ୍ତି, ନବୀନ ପଟ୍ଟନାୟକ ବିଜୁଳିର ଗ୍ୟାରେଣ୍ଟି, ଶଙ୍ଖ ଚିହ୍ନ ଗ୍ୟାରେଣ୍ଟି। ପାଣ୍ଡିଆନ କହୁଛନ୍ତି, ଥ୍ୟାଙ୍କ ୟୁ ସାର୍ ଜୁହାର ଜୁହାର...।

# ବନ୍ଧୁକ ମୁନରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ୍

**ନନ୍ଦାହାଣ୍ଡି/ନବରଙ୍ଗପୁର,୧୫।୫, (ପ୍ରଦୀପ କୁମାର ଦାଶ/ ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗ୍ରାମର ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ମଙ୍ଗଳବାର ରାତିରେ ବଡ଼ ଧରଣର ଡକାୟତି ହୋଇଛି। ୮ଜଣ କଳାମୁଖାଧାରୀ ଦୁର୍ବୃତ୍ତ ବନ୍ଧୁକ ମୁନରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଏ ନେଇ ବୁଧବାର ସକାଳେ ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଡଙ୍ଗରଭେଜା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଦୁର୍ବୃତ୍ତମାନେ ଡଙ୍ଗରଭେଜା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ବିଜେଡି ନେତା ସୁନୀଲ ସାହୁଙ୍କ ପୈତୃକ ଘରେ ଭଡ଼ାରେ ରହୁଥିବା ଶିକ୍ଷୟିତ୍ରୀଙ୍କ ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ଘରେ ଉପସ୍ଥିତ ଥିବା ନନ୍ଦାହାଣ୍ଡି ବ୍ଲକ ଉସୁରିପଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ କୁମୁଦିନୀ ବେହେରା ଓ ତାଙ୍କ ସ୍ୱାମୀ ରୋହିତ ବେହେରାଙ୍କ ସହ ଦୁଇ ଛୋଟ ଶିଶୁଙ୍କ ମୁଣ୍ଡରେ ବନ୍ଧୁକ ରଖି ହତ୍ୟା ଧମକ ଦେଇଥିଲେ। ପରେ ସେମାନେ ଆଲମିରା ଭାଙ୍ଗି ସମସ୍ତ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଏହା ସହ ବ୍ୟବସାୟୀ ସୁନୀଲ ସାହୁଙ୍କ କୋଠରି ବିଷୟରେ ପଚାରି ସେଠାରେ ମଧ୍ୟ ତନାଘନା କରିଥିଲେ। ଡକାୟତମାନେ ୪ ସୁନାଚେନ୍, ୧୨ଟି ମୁଦି , ଗୋଟିଏ ସୁନାହାର, ୪ ହଳ ସୁନାଚୁଡ଼ି, ୩ଟି ମଙ୍ଗଳସୂତ୍ର, ୪ ହଳ କାନଫୁଲ, ୪ ହଳ ପାଉଁଜି, ଗୋଟିଏ ସୁନା ଲକେଟ ଓ ଛୋଟ ଛୁଆଙ୍କ ଦୁଇଟି ସୁନା ମୁଦି ଏବଂ ୧୭୦୦ ଟଙ୍କା ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି। ୬ଜଣ ଡକାୟତଙ୍କ ହାତରେ ପିସ୍ତଲ ଥିବାବେଳେ ୨ଜଣଙ୍କ ହାତରେ ଖଣ୍ଡା ଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀ କହିଛନ୍ତି। ଗ୍ରାମାଞ୍ଚଳରେ ଏଭଳି ଘଟଣା ପ୍ରଥମ ଥର ପାଇଁ ହୋଇଥିବାବେଳେ ଏହାକୁ ନେଇ ଭୟର ବାତାବରଣ ଦେଖାଦେଇଛି। ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ୍ଆଇ ସବୀର ଅହମ୍ମଦ ସାଇଣ୍ଟିଫିକ ଟିମ୍ ସହ ଘଟଣାର ତଦନ୍ତ କରୁଛନ୍ତି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ନବରଙ୍ଗପୁର ପୋଲିସ ସୂଚନା ଦେଇଛି।

# ମୋଦିଙ୍କ ଦୂରଦୃଷ୍ଟିରେ ମହିଳା ସଶକ୍ତୀକରଣ: ନଡ୍ଡା



**ଭୁବନେଶ୍ୱର,୧୫।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ଓ ଭାରତରେ ମହିଳା ସଶକ୍ତୀକରଣ ହୋଇପାରିଛି ବୋଲି ବୁଧବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଖୋର୍ଦ୍ଧାରେ ଏକ ସଭାକୁ ସମ୍ବୋଧିତ କରି ନଡ୍ଡା ଗତ ଦଶନ୍ଧିରେ ମହିଳା ସଶକ୍ତୀକରଣ ପାଇଁ ହୋଇଥିବା ଅକ୍ଳାନ୍ତ ଉଦ୍ୟମର ଅବତାରଣା କରିଛନ୍ତି। ଏହି ଅବସରରେ ସେ ଉଭୟ ରାଜ୍ୟ ଭାଜପାକୁ ଭୋଟ ଦେବା ସହ କେନ୍ଦ୍ରରେ ମୋଦିଙ୍କୁ ପୁଣି ଥରେ ଜିତାଇବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି।

ନଡ୍ଡା କହିଛନ୍ତି, ଦୀର୍ଘ ୨୭ ବର୍ଷ ଧରି ପଡ଼ିରହିଥିବା ମହିଳା ସଂରକ୍ଷଣ ବିଲ୍‌କୁ ପ୍ରଧାନମନ୍ତ୍ରୀ ମାତ୍ର ୩ ଦିନରେ ଗୃହୀତ କରାଇଛନ୍ତି। ଏହା ହେଉଛି ବାସ୍ତବରେ ମହିଳା ସଶକ୍ତୀକରଣ। ବିଜେଡି ସରକାର ମହିଳାମାନଙ୍କ ଅଧିକାରଗୁଡ଼ିକୁ ମାତ୍ର ୫୪ ପଇସାରେ କିଣିବା ପାଇଁ ଉଦ୍ୟମ କରିଥିଲା। କିନ୍ତୁ ମୋଦିଙ୍କ ନେତୃତ୍ୱରେ ଭାଜପା ଶୁଭଦ୍ରା ଯୋଜନା ପାଇଁ ଆଗାମୀ ୨ ବର୍ଷରେ ୫୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତିବଦ୍ଧ। ମୋଦିଙ୍କ ଦୂରଦୃଷ୍ଟି ସମାଜର ମହିଳା ସଶକ୍ତୀକରଣ ପାଇଁ କେନ୍ଦ୍ରୀଭୂତ। ମହିଳାମାନେ ଯେପରି ଆହୁରି ସଶକ୍ତ ହେବେ ସେଦିଗରେ ପଦକ୍ଷେପ ନିଆଯାଉଛି। ଓଡ଼ିଶାର ଆଦିବାସୀ ଝିଅ ତଥା ପୂର୍ବତନ ନେତ୍ରୀ ଦ୍ରୌପଦୀ ମୁର୍ମୁ ଆଜି ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଛନ୍ତି। ୨୦୨୯ ଲୋକ ସଭା ଏବଂ ଓଡ଼ିଶା ବିଧାନସଭା ନିର୍ବାଚନରେ ୩୩% ମହିଳା ନିର୍ବାଚିତ ହେବେ ବୋଲି ନଡ୍ଡା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ନିର୍ବାଚନ ବେଳେ...

ସମେତ କେନ୍ଦ୍ରର ଅନେକ ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଶାହା ଆହୁରି କହିଥିଲେ, ଏହି ନୂତନ ଆଇନ ଯୋଗୁ କୌଣସି ଭାରତୀୟଙ୍କୁ ନିଜ ନାଗରିକତ୍ୱର ପ୍ରମାଣ ଦେବା ପାଇଁ ଦସ୍ତାବିଜର ଆବଶ୍ୟକତା ପଡ଼ିବ ନାହିଁ। ଏହା ବେଆଇନ ଅନୁପ୍ରବେଶକାରୀମାନଙ୍କୁ ପ୍ରତ୍ୟର୍ପଣ କରିବା ସମ୍ପର୍କିତ ଆଇନ ମଧ୍ୟ ନୁହେଁ। ଇତିମଧ୍ୟରେ ଏପ୍ରିଲ ୧୯ରେ ଦେଶରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅଦ୍ୟାବଧି ୪ଟି ପର୍ଯ୍ୟାୟରେ ୩୭୯ ଲୋକ ସଭା ଆସନରେ ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ଅବଶିଷ୍ଟ ୩ ପର୍ଯ୍ୟାୟରେ ୧୬୩ ଆସନରେ ନିର୍ବାଚନ ହେବାକୁ ବାକି ଅଛି। ଏଭଳି ସମୟରେ ଦେଶରେ ବିରୋଧୀଙ୍କ ମୁସଲିମ୍ ସଂରକ୍ଷଣ ପ୍ରତିଶ୍ରୁତି ଏକ ବିତର୍କିତ ପ୍ରସଙ୍ଗ ପାଲଟିଥିବାବେଳେ ସରକାର ୧୪ ଅଣମୁସଲମାନ ବିଦେଶୀଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବା ଦ୍ୱାରା ଆଗକୁ ବିବାଦ ବଢ଼ିବା ଆଶଙ୍କା କରାଯାଉଛି। ବିଶେଷକରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରାୟ ପ୍ରତିଟି ନିର୍ବାଚନୀ ସଭାରେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହାର ଜବାବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମଙ୍ଗଳବାର କହିଥିଲେ, ମମତା ତ ମମତା; ବିଶ୍ୱର କୌଣସି ଶକ୍ତି ସିଏଏ କାର୍ଯ୍ୟକାରୀ କରାଇବାକୁ ଅଟକାଇପାରିବ ନାହିଁ। ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି। ଶାହାଙ୍କ ଏହି ମନ୍ତବ୍ୟର ଦିନକ ପରେ ଭାରତୀୟ ନାଗରିକତ୍ୱ ତାଲିକାରେ ଯୋଡ଼ିହୋଇଯାଇଛନ୍ତି ଆଉ ୧୪ ଜଣ। ଏଣିକି ଏହି ୧୪ ଜଣ ଭାରତର ନାଗରିକ ଭାବେ ପରିଗଣିତ ହେବେ। ସେମାନେ ଦେଶରେ ସ୍ଥାୟୀ ଭାବେ ବସବାସ କରିବା ସହିତ ଅନ୍ୟ ଭାରତୀୟଙ୍କ ଭଳି ସମ୍ବିଧାନ ପ୍ରଦତ୍ତ ଅଧିକାରଗୁଡ଼ିକୁ ଉପଭୋଗ କରିପାରିବେ।

## ୧୮ରୁ ପୁଣି ...

୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସେପଟେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଦେଖାଯାଇଛି। ପାରଳାଖେମୁଣ୍ଡିରେ ଅପରାହ୍ନ ସାଢ଼େ ୫ଟା ଭିତରେ ସର୍ବାଧିକ ୧୨.୪ ମି.ମି. ରେକର୍ଡ କରାଯାଇଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ କାଳବୈଶାଖୀ ବର୍ଷା ହେବାର ଆଶଙ୍କା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ବୁଧବାର ୪ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ନୂଆପଡ଼ାରେ ସର୍ବାଧିକ ୪୨ ଡିଗ୍ରୀ ଦିନ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୪୦.୩, ସମ୍ବଲପୁର ୪୦.୫, ଝାରସୁଗୁଡ଼ା ୪୦.୨ ଓ ସୁନ୍ଦରଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା।

## କାରଣ ନ ଦର୍ଶାଇ ...

୧୩ ରାୟ ମଧ୍ୟ ଅବୈଧ। ପ୍ରକାଶ ଯେ, ନ୍ୟୁଜ୍‌କ୍ଲିକ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ଅମିତ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରାଯାଇଥିଲା। ଗତ ଜାନୁୟାରୀରେ ଦିଲ୍ଲୀର ଏକ ଅଦାଲତ ଅମିତଙ୍କୁ ରାଜସାକ୍ଷୀ ହେବାକୁ ଅନୁମତି ଦେଇଥିଲେ। ଚାଇନାର ପ୍ରୋପାଗଣ୍ଡା ବିସ୍ତାର ପାଇଁ ନ୍ୟୁଜ୍‌କ୍ଲିକ୍ ଟଙ୍କା ନେଇଥିବା ବିଷୟ ସେ ସ୍ୱୀକାର କରିଥିଲେ। କୋର୍ଟ ତାଙ୍କୁ ଜାମିନ ଦେବା ସହ ବିନା ଅନୁମତିରେ ଦେଶ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସରକାର ଗଢ଼ିବାର ...

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହୋଇ ଉଠିଥିଲା। ଶାହାଙ୍କ ଗସ୍ତକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ୨୧ ପ୍ଲାଟୁନ ପୋଲିସ ନିୟୋଜିତ କରାଯାଇଥିବାବେଳେ ୧୫୦ ଜଣ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ଶାହା ଭୁବନେଶ୍ୱରରୁ ସଡ଼କ ପଥରେ କଟକ ଆସି ଏହି ରୋଡ ଶୋ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କଳିଙ୍ଗ ଷ୍ଟାଡିୟମରେ ...

ଏହା ପୂର୍ବରୁ ୨୦୨୧ ମାର୍ଚ୍ଚ ୧୭ରେ ଏକ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିରେ ମଧ୍ୟ ସେ ୮୭.୮୦ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ସେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦେଶର କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଥିଲେ। କେବଳ ସେତିକି ନୁହେଁ ୨୦୨୨ରେ ଡାଇମଣ୍ଡ ଲିଗ୍ ଚାମ୍ପିୟନ ଓ ୨୦୨୩ରେ ବିଶ୍ୱ ଚାମ୍ପିୟନ ହେବାସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ହେଉଛି ୮୯.୯୪ ମିଟର। ଫେଡେରେଶନ କପ୍‌ର ଅନ୍ତିମ ଦିବସରେ ଓଡ଼ିଶାର ୨ ପ୍ରତିଯୋଗୀ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ରୌପ୍ୟ ଜିତିଥିବାବେଳେ ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ ବ୍ରୋଞ୍ଜ ପଦକ ପାଇଛନ୍ତି।

## କ୍ଷମତାକୁ ଆସିଲେ ...

ସେ ଆହୁରି କହିଛନ୍ତି, ଭାଜପା ନେତାମାନେ ନିର୍ବାଚନ ଜିତିଲେ ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିଦେବେ। ଆମ୍ବେଦକର, ଗାନ୍ଧୀ ଏବଂ ନେହେରୁ ଯେଉଁ ଦଳିତ, ଆଦିବାସୀ ଏବଂ ପଛୁଆବର୍ଗଙ୍କୁ ସଂରକ୍ଷଣ ମାଧ୍ୟମରେ ଅସ୍ତ୍ର ଦେଇଛନ୍ତି ସେଇ ଅସ୍ତ୍ରକୁ ଶେଷ କରିଦିଆଯିବାକୁ ପ୍ରୟାସ ଚାଲିଛି। ଭାଜପା ଦେଶର ପବ୍ଲିକ୍ ସେକ୍ଟରଗୁଡ଼ିକୁ ପୁଞ୍ଜିପତିମାନଙ୍କୁ ବିକ୍ରି କରିଦେଇଛି। ମାତ୍ର ୨୨ ଜଣଙ୍କର ୧୬ ଲକ୍ଷ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି। ଏହି ଟଙ୍କା ୨୪ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ଟଙ୍କା ସହ ସମାନ। କୃଷକ, ଛାତ୍ରଙ୍କ ଋଣ ଛାଡ଼ କରି ନ ଥିବା କିମ୍ବା ଛୋଟ ବ୍ୟବସାୟୀଙ୍କୁ ଋଣ ଦେଇ ନ ଥିବା ଭାଜପା ସରକାର ଦେଶରେ ୨୨-୨୫ ଜଣ ବଡ଼ ଧନୀ ଲୋକଙ୍କ ଋଣ ଛାଡ଼ କରିଚାଲିଛନ୍ତି। ଫଳରେ ଦେଶର ଗରିବ ଲୋକ ଓ ଚାଷୀ ଋଣ ବୋଝରେ ପଡ଼ିଛନ୍ତି। ଦେଶରେ ୫୦ ପ୍ରତିଶତ ପଛୁଆ ବର୍ଗ, ୧୫ ପ୍ରତିଶତ ଦଳିତ, ୮ ପ୍ରତିଶତ ଆଦିବାସୀ, ୧୫ ପ୍ରତିଶତ ସଂଖ୍ୟାଲଘୁ ଶ୍ରେଣୀ ଏବଂ ୫ ପ୍ରତିଶତ ଗରିବ ସାଧାରଣ ବର୍ଗର ଲୋକ ଅଛନ୍ତି। ଦେଶର ଏହି ୯୦ ପ୍ରତିଶତ ଲୋକଙ୍କ କୌଣସି କ୍ଷେତ୍ରରେ ଭାଗୀଦାରି ନାହିଁ। ଗଣମାଧ୍ୟମ ଏବଂ ଟିଭିରେ କେବଳ ଅମ୍ବାନୀ ଘରର ବିବାହ, ମୋଦିଜୀଙ୍କ ୨୪ ଘଣ୍ଟିଆ ଭିଡିଓ ଦେଖିବାକୁ ମିଳୁଛି। ମାତ୍ର ଦେଶର ଚାଷୀ, ମୂଲିଆ, ବେରୋଜଗାରି ଯୁବକଙ୍କ କଥା ଦେଖାଯାଉନାହିଁ। ଚାଷୀ ମରିଗଲେ କି ଆତ୍ମହତ୍ୟା କଲେ ଗଣମାଧ୍ୟମରେ ଆଉ ଆସୁନାହିଁ ବୋଲି ରାହୁଲ ସମାଲୋଚନା କରିଛନ୍ତି।

ଇଣ୍ଡିଆ ମେଣ୍ଟ ସରକାରକୁ ଆସିଲେ କୋଟିଏ ଲୋକଙ୍କୁ ଲକ୍ଷପତି କରାଯିବ ବୋଲି ରାହୁଲ ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଦେଶରେ ଗରିବ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯିବ। ସେହି ଗରିବ ପରିବାରରୁ ଜଣେ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ। ଜୁଲାଇ ୪ରୁ ପ୍ରଥମ ମାସର କିସ୍ତି ଆକାରରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୮୫୦୦ ଟଙ୍କା ଆସିଯିବ। ସେହିଭଳି ୩୦ ଲକ୍ଷ ସରକାରୀ ଚାକିରି ଯାହା ଖାଲି ପଡ଼ିଛି ତାହା ଯୁବକଙ୍କୁ ଦିଆଯିବ। ଯୁବକଙ୍କ ପାଇଁ ପ୍ରଥମ ଚାକିରି ପକ୍କା କରାଯିବ। ବେକାର ଗ୍ରାଜୁଏଟ୍‌ଙ୍କୁ ୧ ବର୍ଷିଆ ଚାକିରି ଦିଆଯିବ। ବେକାର ଗ୍ରାଜୁଏଟ୍‌ଙ୍କୁ ମାସିକ ୮୫୦୦ ଟଙ୍କା ଦିଆଯିବ। ଚାଷୀଙ୍କ ପାଇଁ ଧାନ, ଗହମ, ଆଖୁ, ପନିପରିବାର ସର୍ବନିମ୍ନ ସହାୟକ ମୂଲ୍ୟ ଆଇନତଃ ଧାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ରାହୁଲ ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ପ୍ରାର୍ଥୀ ଓ ୭ଜଣ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। କଂଗ୍ରେସର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ନରସିଂହ ମିଶ୍ର କ୍ରାନ୍ତି ନାରା ଦେଇଥିଲେ। ସଭାରେ ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ଅନୀଲ ମେହେର, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ଲୋଇସିଂହା ବିଧାୟକ ପ୍ରାର୍ଥୀ ଓମ୍‌ପ୍ରକାଶ କୁମ୍ଭାର ଯୋଗଦେଇଥିଲେ। ଏହାଛଡ଼ା ସୋନପୁର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଅଜୟ କୁମାର, ଜିଲା ସଭାପତି ଅଶୋକ ନନ୍ଦ, ନାରୀ ନେତ୍ରୀ ମୀନାକ୍ଷୀ ନଟରାଜନ୍, ଭକ୍ତ ଦାସ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ତାରାପ୍ରସାଦ ବାହିନୀପତି ଓ ଅନ୍ୟ ମାନ୍ୟଗଣ୍ୟ ନେତା ଉପସ୍ଥିତ ଥିଲେ। ସଭା ପୂର୍ବରୁ ମନୋହରପୁର ହେଲିପ୍ୟାଡ୍‌ରୁ ରାହୁଲ ଗାନ୍ଧୀଙ୍କୁ ଏକ ବିଶାଳ ବାଇକ୍ ରାଲିରେ ସହର ପରିକ୍ରମା କରାଯାଇ ସଭାସ୍ଥଳକୁ ନିଆଯାଇଥିଲା।


# ବୈଦ୍ୟନାଥ

## ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଳୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300

## ସଂକ୍ଷେପରେ

### ବିଜେଡିରେ ମିଶିଲେ ବିଭିନ୍ନ ଦଳର କର୍ମୀ

ବାଲିପାଟଣା, ୧୫।୫ (ଅଭିମନ୍ୟୁ ନାୟକ): ପମ୍ପାଲୋ ପଞ୍ଚାୟତର ବିଭିନ୍ନ ଦଳର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ସରପଞ୍ଚ ବାହାନ ଭୋଇଙ୍କ ନେତୃତ୍ୱରେ ସେମାନେ ବିଜେଡିରେ ମିଶିଥିଲେ। ରଘୁନାଥ ଖଟେଇ, ଅଭିମନ୍ୟୁ ବେହେରା, ମକୁନ୍ଦ ପଣ୍ଡା, ମନୋହର ବେହେରା, ଶୈଳ ବେହେରା, ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମଣ ବେହେରା, କାଳନ୍ଦୀ ବାରିକ, ପ୍ରତାପ ପ୍ରଧାନ, ଟହଲି କାଣ୍ଡି, ଚତୁର୍ଭୁଜ ମହାରଣାଙ୍କ ନେତୃତ୍ୱରେ କର୍ମୀମାନେ ବିଜେଡି ସଙ୍ଗଠକ କମଳ କୁମାର ପାତ୍ରଙ୍କୁ ଗଡଶ୍ରୀରାମପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ଆଗାମୀ ଦିନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କରିବାକୁ ପାତ୍ର ପରାମର୍ଶ ଦେଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ମାମଲା
### ସମ୍ପର୍କୀୟ ଅଜାଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୧୫।୫ (ସତ୍ୟଜିତ୍ ରାଉତ): ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଅତିରିକ୍ତ ଜିଲା ଜଜ୍ (୪) ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସୋ) ପ୍ରଦିପ କୁମାର ବେହେରା ବୁଧବାର ବାଣପୁର ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ତଥା ପୀଡିତାଙ୍କ ସମ୍ପର୍କୀୟ ଅଜା ପୂର୍ଣ୍ଣଚନ୍ଦ୍ର ବେହେରା (୫୮)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ନ ଦେଇପାରିଲେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ବିଚାରପତି ବାଣପୁରରେ କ୍ୟାମ୍ପ (ସର୍କଟ୍) କୋର୍ଟ କରି ଏହି ମାମଲାର ଶୁଣାଣି କରିଥିଲେ। ୧୨ଜଣଙ୍କ ସାକ୍ଷ୍ୟ ଓ ୮୮ଟି ଦସ୍ତାବିଜ୍‌କୁ ଆଧାର କରି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ବରିଷ୍ଠ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରୀୟଦର୍ଶୀ ଏହି ମାମଲାକୁ ପରିଚାଳନା କରୁଥିଲେ। ୨୦୨୦ ସେପ୍ଟେମ୍ବର ୨୭ରେ ଏହି ଘଟଣା ଘଟିଥିଲା। ସେତେବେଳେ ପୀଡିତା ନାବାଳିକାଙ୍କୁ ମାତ୍ର ୯ବର୍ଷ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଚକୋଲେଟ୍ ଦେବା ଆଳରେ ନାବାଳିକାଙ୍କୁ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ଏନେଇ ବାଣପୁର ଥାନା ପୋଲିସ ଆଇପିସି ଦଫା ୩୭୬ (ଏବି) ସହ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୩୦୯/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଏମ୍ପି, କେନ୍ଦ୍ରମନ୍ତ୍ରୀ ଲିଙ୍ଗରାଜଙ୍କ କାମ ବନ୍ଦ ପାଇଁ ଷଡ଼ଯନ୍ତ୍ର କରିଥିଲେ: ପାଣ୍ଡିଆନ

ଭୁବନେଶ୍ୱର,(ଅନିଲ ଦାସ)/ପୁରୁଣା ଭୁବନେଶ୍ୱର,୧୫।୫ (ସୁବାସଚନ୍ଦ୍ର ପ୍ରଧାନ)

ଏମ୍ପି ଓ କେନ୍ଦ୍ରମନ୍ତ୍ରୀ ଲିଙ୍ଗରାଜଙ୍କ କାମକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କଲେ, ଏହା ଠିକ୍ କଥା କି ? ଏମ୍ପି ଭାବେ ତାଙ୍କ କାମ ହେଉଛି କେନ୍ଦ୍ର ସରକାରଙ୍କଠାରୁ ବଡ଼ ବଡ଼ ଯୋଜନା ଆଣିବା । ଫ୍ଲାଏଓଭର, ଆଇଟି ପାର୍କ, ଏମ୍ଏସ୍ଏମ୍ଇ, ଦକ୍ଷତା ବିକାଶ ଆଦି ଯୋଜନାରେ ହଜାର ହଜାର କୋଟି ଟଙ୍କା ସେ ଆଣି ପାରିଥାନ୍ତେ। ବେଙ୍ଗାଲୁରୁ ଓ ଜୟପୁର ଆଦି ସହରର ସାଂସଦମାନେ ସେମାନଙ୍କ ସହର ପାଇଁ ୪୦ ହଜାର, ୫୦ ହଜାର କୋଟି ଟଙ୍କା ଆଣୁଛନ୍ତି। କିନ୍ତୁ ଦୁଃଖର କଥା, ଏମ୍ପି ଛୋଟ କଥାରେ ମାତୁଛନ୍ତି, କର୍ପୋରେଟରମାନଙ୍କ କଥାରେ ମୁଣ୍ଡ ଖେଳାଉଛନ୍ତି। ତାଙ୍କର କିଛି ଉଚ୍ଚ ଚିନ୍ତାଧାରା ନାହିଁ। ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବୁଧବାର ସନ୍ଧ୍ୟାରେ ଏକାମ୍ର ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରଚାର ବେଳେ ଏଭଳି ଶାଣିତ ଢଙ୍ଗରେ ଏମ୍ପିଙ୍କୁ ସମାଲୋଚନା କରିଛନ୍ତି ।

ଏକାମ୍ର ପ୍ରକଳ୍ପ ଉପରେ ଆଲୋକପାତ କରି ସେ ଭାବବିହ୍ୱଳ ହୋଇ ପଡିଥିଲେ। ସେ କହିଛନ୍ତି, ଲିଙ୍ଗରାଜ ମନ୍ଦିରକୁ ମୁଁ ସବୁ ସୋମବାର ଆସେ। ଶିବରାତ୍ରିରେ ମଧ ଆସେ। ଥରେ ଶିବରାତ୍ରିରେ ମୁଁ ଦେଖିଲି ଯେ ଲିଙ୍ଗରାଜ ମନ୍ଦିରରେ ମା'ମାନଙ୍କ ପାଇଁ ଛିଡା ହେବାକୁ ମଧ ଜାଗା ନାହିଁ, ଶାନ୍ତିରେ ଦୀପ ବସାଇ ପାରୁନାହାନ୍ତି। ଏ ବିଷୟ ମୁଖ୍ୟମନ୍ତ୍ରୀଙ୍କୁ କହିବା ପରେ ଏକାମ୍ର ପ୍ରକଳ୍ପ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଜି ମା'ମାନେ ବହୁତ ଶାନ୍ତିରେ ପିଲାଛୁଆଙ୍କୁ ଧରି ଦୀପ ବସାଇ ପାରୁଛନ୍ତି।

ଏକାମ୍ରବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଯେ ଏହି ପ୍ରକଳ୍ପ ପାଇଁ ଆପଣମାନେ ଅନେକ ତ୍ୟାଗ କରିଛନ୍ତି। ଘର, ଦୋକାନ ଆହୁରି ଅନେକ କିଛି ତ୍ୟାଗ କରିଛନ୍ତି। ଆପଣମାନଙ୍କ ଏ ତ୍ୟାଗ ଇତିହାସ ମନେରଖିବ। ମହାପ୍ରଭୁ ଲିଙ୍ଗରାଜ ଆପଣଙ୍କୁ ଆଶୀର୍ବାଦ କରିବେ ବୋଲି ସେ କହିଛନ୍ତି। ଆଗକୁ ଏକାମ୍ର ପ୍ରକଳ୍ପ ଆହୁରି ଆଗେଇବ। ଆହୁରି ଭବ୍ୟ ଓ ଦିବ୍ୟ ହେବ। ଆଧାତ୍ମିକ ଅନୁଭବ ପାଇବେ। ହଜାର ହଜାର ପର୍ଯ୍ୟଟକ ଆସିବେ। ଆପଣମାନଙ୍କ ରୋଜଗାର ବଢ଼ିବ ଓ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ।


ଏକାମ୍ର ନିର୍ବାଚନମଣ୍ଡଳୀରେ ବୁଧବାର ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅବସରରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ପ୍ରଥମ ଦସ୍ତଖତରେ ଆପଣମାନଙ୍କ ବିଜୁଳି ବିଲ୍ ଛାଡ଼ କରିବେ, ୯୦ ପ୍ରତିଶତ ପରିବାର ଛାଡ ପାଇବେ। ଦ୍ୱିତୀୟ ଦସ୍ତଖତରେ ବାକି ରହିଥିବା ଲୋକଙ୍କୁ ବିଏସ୍‌କେୱାଇରେ ସାମିଲ କରିବେ। ସହରାଞ୍ଚଳରେ ସମସ୍ତେ ପାଇବେ। ସରକାରୀ କର୍ମଚାରୀ, ମିଶନ ଶକ୍ତିର କର୍ମୀ, ଅଙ୍ଗନୱାଡ଼ି, ଆଶାକର୍ମୀମାନେ ମଧ ସାମିଲ ହେବେ। ତୃତୀୟ ଦସ୍ତଖତରେ ମିଶନ ଶକ୍ତି ମା'ମାନଙ୍କୁ ଭତ୍ତା ମିଳିବ। ସେମାନଙ୍କର ବହୁଦିନର ଦାବି ପୂରଣ ହେବ। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣା ।

ମନ୍ମଥ ବାବୁ, ଅଶୋକ ବାବୁ ଏ ମାଟିର ପୁଅ। ସେମାନଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଛନ୍ତି । ଏମ୍ପି ପ୍ରାର୍ଥୀ ମନ୍ମଥ କହିଛନ୍ତି ଯେ ଆଜି ବିରୋଧୀ ଦଳ ଅସ୍ମିତା କଥା କହୁଛି। ଯେଉଁମାନେ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦେବାକୁ ଚିନ୍ତା କରିନାହାନ୍ତି, ଓଡ଼ିଆ ଭାଷା ପାଇଁ ଟଙ୍କାଟିଏ ବି ଦେଇନାହାନ୍ତି, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେଇନାହାନ୍ତି, ସେମାନଙ୍କର ଅସ୍ମିତା କଥା କହିବାର କିଛି ଅଧିକାର ନାହିଁ ବୋଲି ମତ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା କହିଛନ୍ତି

### ଏକାମ୍ର ନିର୍ବାଚନମଣ୍ଡଳୀରେ ପାଣ୍ଡିଆନଙ୍କ ପ୍ରଚାର

ଯେ ମହାପ୍ରଭୁ ଲିଙ୍ଗରାଜ ଆମର କ୍ଷେତ୍ରାଧିପତି। କିନ୍ତୁ ଲିଙ୍ଗରାଜ ଆଇନକୁ ଚକ୍ରାନ୍ତ କରି ବିରୋଧୀ ଏହାକୁ ଦିଲ୍ଲୀରେ ଅଟକାଇଛନ୍ତି। ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ କରିଛନ୍ତି। ସେମାନଙ୍କୁ ଇତିହାସ କ୍ଷମାଦେବ ନାହିଁ, ମହାପ୍ରଭୁ କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଦଳୀୟ ଏମ୍ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ଲିଙ୍ଗରାଜ ମନ୍ଦିର, କାର୍ଗିଲ୍ ରୋଡ୍ ଓ ଜାଗମରାରେ ଆୟୋଜିତ ନିର୍ବାଚନୀ ସଭାରେ ଏକାମ୍ର ପ୍ରକଳ୍ପ ତଥା ଭୁବନେଶ୍ୱର ରୂପାନ୍ତର ଉପରେ ଗୁରୁତ୍ୱ ଦେଇ ସେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ଲାଗି ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି। ପାଣ୍ଡିଆନ ଏହି ସଭାରେ ପ୍ରଥମେ ହର ହର ମହାଦେବ କହି ଭାଷଣ ଆରମ୍ଭ କଲେ ଓ ଜୟ ଜଗନ୍ନାଥ କହି ଭାଷଣ ଶେଷ କରିଥିଲେ।

# ଆଶୀର୍ବାଦ ସଭାରେ ଜନତାଙ୍କ ଆଶୀର୍ବାଦ ନେଲେ ସୁଶାନ୍ତ



ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ସୁଶାନ୍ତ ରାଉତ ଜନତାଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସି ୱାର୍ଡ ନଂ.୧୮ର ବିଭିନ୍ନ ଜାଗା ସମେତ ଭରତପୁର ଓ ଡମଣାଠାରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ବୁଧବାର ନିର୍ବାଚନୀ ପ୍ରଚାର କରିଛନ୍ତି। ହଜାର ହଜାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଶୀର୍ବାଦ ସଭାର ଆୟୋଜନ କରି ଜନତାଙ୍କ ସମର୍ଥନ ଲୋଡ଼ିଛନ୍ତି। ଜନକଲ୍ୟାଣ, ଉତ୍ତମ ଶାସନ ଓ ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ପରିଚିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆଜି ଆମ ରାଜ୍ୟ ସାରା ଦେଶରେ ଏକ ନମ୍ବର ହେବାକୁ ଯାଉଛି। ତାଙ୍କୁ ପୁଣି ଥରେ ଶାସନ ଦାୟିତ୍ୱ ଦେଇ ପ୍ରଗତି ଧାରାକୁ ବଜାୟ ରଖିବା ପାଇଁ କର୍ମୀମାନେ ବଦ୍ଧପରିକର ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିସହ ତାଙ୍କର ବିଭିନ୍ନ ନିର୍ବାଚନୀ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ବିପ୍ଳବ ବେହେରା, ଲାଲ ମୋହନ ଟୁଡୁ, ପ୍ରତାପ ରାଉତରାୟ ସଞ୍ଜୟ ବଳିୟାରସିଂ, ରମେଶ ସାହୁ, ସୁଲେଖ ରଥ, ପ୍ରଦୀପ ମହାପାତ୍ର, ମନୋଜ ସାହୁ, ନବଘନ ସାହୁ, ଦିଲେଶ ରାଓ, ଭଗବାନ ସୁବୁଦ୍ଧି, ବିନୋଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଏସଏଚ୍‌ଜି ମହିଳାମାନେ ଯୋଗଦେଇଥିଲେ।

### ଏମ୍‌ବିଏସ୍ ସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୧୫।୫

ଭାରତୀୟ ମହାବୋଧି ସୋସାଇଟି ଦ୍ୱାରା ପରିଚାଳିତ ଭୁବନେଶ୍ୱରସ୍ଥିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲରେ ଚଳିତ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ଏହାର ଛାତ୍ରୀଛାତ୍ରାମାନେ ଅତିଉତ୍ତମ ପ୍ରଦର୍ଶନ କରିଛନ୍ତି। ଦଶମରେ ୮୦% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ୨୫% ଛାତ୍ରୀଛାତ୍ର ୯୦ ପ୍ରତିଶତ ଏବଂ ୨୦% ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଦଶମରେ ଦୀପ୍‌ସିତା ନନ୍ଦ ୯୬.୮% ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୯୦% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୯ଜଣ ୯୦% ଏବଂ ୪୪ଜଣ ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଅର୍ପିତା ପ୍ରିୟଦର୍ଶିନୀ ୯୫.୮% ନମ୍ବର ରଖି ସ୍କୁଲରେ ଟପ୍ପର ହୋଇଛନ୍ତି। ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ ଭୁବନେଶ୍ୱରର ଏକ ମାତ୍ର ଘରୋଇ ବିଦ୍ୟାଳୟ, ଯାହାକି ଅଣବାଣିଜ୍ୟିକ ଆଧାରରେ ପରିଚାଳିତ ହେଉଛି। ଏଠାରେ ପିଲାମାନଙ୍କୁ ନିୟମିତ ପାଠ୍ୟକ୍ରମରେ ଶିକ୍ଷା ଦିଆଯିବା ସହ ବୌଦ୍ଧ ଦର୍ଶନ ଉପରେ ମାର୍ଗଦର୍ଶନ ଦିଆଯାଇଥାଏ।

# ରୋଡ୍ ଶୋ'ରେ ଶକ୍ତିପ୍ରଦର୍ଶନ କଲେ ପ୍ରିୟଦର୍ଶୀ

## ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଦେବାକୁ ପ୍ରତିଶ୍ରୁତି


ରୋଡ ଶୋ'ରେ କର୍ମୀଙ୍କ ଗହଣରେ ଉତ୍ତର ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର।

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ତାଙ୍କ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବୁଧବାର ଦାଡା ପଞ୍ଚାୟତରେ ରୋଡ ଶୋ' ହୋଇଥିଲା। ପଦାସାହିରେ ପ୍ରିୟଦର୍ଶୀ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ବାଜା ବଜାଇ ବାଣ ଫୁଟାଇ, ହରିବୋଲ ହୁଳହୁଳିରେ ସ୍ୱାଗତ କରିଥିଲେ। ଗ୍ରାମୀଣ ମଣ୍ଡଳ ଓ ୫ଟି ପଞ୍ଚାୟତ ପକ୍ଷରୁ ଆୟୋଜିତ ରୋଡ୍ ଶୋ ପଦାସାହିର ପ୍ରଭୁ ହୁଙ୍କା ଗୋସାଇଁଙ୍କ ପୀଠରୁ ବାହାରି ପଞ୍ଚାୟତ ପରିକ୍ରମା କରିଥିଲା। ଏଥିସହ ୫ଶହରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ବାଇକ୍ ରାଲିରେ ଶକ୍ତି ପ୍ରଦର୍ଶନ କରିଥିଲେ। ଓଡିଶାରେ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କୁ ଏଠାକୁ ଆଣିବାକୁ ପଡିବ ବୋଲି ପ୍ରିୟଦର୍ଶୀ କହିଥିଲେ। ଏଥିପାଇଁ ଭାଜପାକୁ ଡବଲ ପଦ୍ମ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ସେହିପରି ସନ୍ଧ୍ୟାରେ ୱାର୍ଡ ନଂ. ୮ ଅନ୍ତର୍ଗତ ସାଇ ମନ୍ଦିର ନିକଟରୁ ଏକ ରୋଡ୍ ଶୋ ବାହାରି କଲୋନୀ ପରିକ୍ରମା କରିଥିଲା। ପରେ ସେ ୱାର୍ଡ ନଂ. ୧୭ସ୍ଥିତ ସୈନିକ ସ୍କୁଲ ମୁଖ୍ୟ ଫାଟକ ନିକଟରୁ ବାଇକ ରାଲିରେ ଯାଇ ବିଶ୍ୱେଶ୍ୱର ବସ୍ତି, ଆଚାର୍ଯ୍ୟବିହାର, ବାଣୀବିହାର, ସତ୍‌ସଙ୍ଗ ବିହାର, ପଥରବନ୍ଧ ବସ୍ତିରେ ପ୍ରଚାର କରିଥିଲେ। ସେଠାରୁ ଭିଏସ୍ଏସ୍ ନଗର, ଧିରିକୁଟି ବସ୍ତିରେ ପ୍ରଚାର କରିଥିଲେ। ନିର୍ବାଚିତ ହେବାର ୩ ମାସ ମଧ୍ୟରେ ଭିଏସ୍ଏସ୍ ନଗରରେ ରହିଥିବା ଭିଡ, ପାର୍କିଂ ସମସ୍ୟା ଦୂର କରାଯିବ। ଏଥିସହ ପ୍ରତେକ ବସ୍ତି ବାସିନ୍ଦାଙ୍କୁ ୬୦୦ ବର୍ଗ ଫୁଟ ଜମିର ସ୍ଥାୟୀ ପଟ୍ଟା ମିଳିବ ବୋଲି ପ୍ରିୟଦର୍ଶୀ ପ୍ରତିଶ୍ରୁତି ଦେଇଥିଲେ।

# ଭାଜପାରେ ମିଶିଲେ ଯୁବନେତା ସଂଗ୍ରାମ

ପୁରୁଣା ଭୁବନେଶ୍ୱର,୧୫।୫(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡଗଡ଼ ଗ୍ରାମର ଯୁବନେତା ସଂଗ୍ରାମ ମାର୍ଥା ବୁଧବାର ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି ତାଙ୍କୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଭୁବନେଶର ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ଲିଙ୍ଗରାଜ ମଣ୍ଡଳର ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

- ମୁତୟନ ହେବେ ୧୦ ପ୍ଲାଟୁନ ଫୋର୍ସ
- ଜାରି ହେଲା ଟ୍ରାଫିକ କଟକଣା

ଭୁବନେଶ୍ୱର,୧୫।୫ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ରୋଡ୍ ଶୋ' କରିବେ। ଏହାକୁ ଦୃଷ୍ଟିରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ଶୋ' ପାଇଁ ଟ୍ରାଫିକ କଟକଣା କରାଯାଇଛି। ଏନେଇ ବୁଧବାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାନୁସାରେ, ରୋଡ୍ ଶୋ' ୟୁନିଟ-୬ ଗଙ୍ଗନଗର ଛକଠାରୁ ବାହାରି ଏଲ୍ଆଇସି ଅଫିସ ଛକ, ଗୋପବନ୍ଧୁ ଛକ, ଓୟୁଏଟି ଗେଷ୍ଟ ହାଉସ୍ ଛକ, ୟୁନିଟ-୮ ଡିଏଭି ସ୍କୁଲ ଛକ, ଏଚ୍‌ଡିଏଫସି ବ୍ୟାଙ୍କ ଛକ, ବାଲୁଙ୍କେଶ୍ୱର ମନ୍ଦିର ଛକ, ମମତାଜ ଅଲ୍ଲି ସ୍କୁଲ, ଶ୍ରୀକୃଷ୍ଣ କ୍ଲବ, ବେହେରା ସାହି ଛକ, ନିକୋ ପାର୍କ ଛକ, ବାୟାବାବା ମଠ, ରୁପାଲି ଛକ, ରାମ ମନ୍ଦିର ଛକ, ଶ୍ରୀୟା ଛକ, ମାଷ୍ଟର କ୍ୟାଣ୍ଟିନ ଦେଇ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଯିବ। ଏହି ସମୟରେ ଜନସାଧାରଣଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଜାରି କରାଯାଇଛି। ଅପରାହ୍ଣ ସାଢେ ୪ଟାରୁ ରୋଡ ଶୋ ସରିବା ପର୍ଯ୍ୟନ୍ତ ସେହି ପାର୍ଶ୍ୱ ରାସ୍ତାରେ ଯାନବାହନ ଯିବା ଆସିବା ବନ୍ଦ ରହିବ। ସେହିପରି ଉକ୍ତ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାରୁ କୌଣସି ପ୍ରକାରର ଯାନବାହନ ଏହି ସମୟରେ ସେହି ରାସ୍ତାକୁ ପ୍ରବେଶ କରିପାରିବ ନାହିଁ ବୋଲି ସୂଚନା ଦିଆଯାଇଛି।

# ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନନ୍ତଙ୍କ ନିବେଦନ



ମଧ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଅନନ୍ତ ଜେନା ଭୋଟଭିକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ବୁଧବାର ୱାର୍ଡ଼ ନଂ. ୩୬ ଅନ୍ତର୍ଗତ ରାମପୁର ବିଜୁ ଆଦର୍ଶ କଲୋନୀରେ ଘରଘର ବୁଲି ପ୍ରଚାର କରିଥିଲେ। ଅଞ୍ଚଳବାସୀଙ୍କ ଆଶୀର୍ବାଦ ନେବା ସହ ସ୍ଥାନୀୟ ଯୁବକଙ୍କ ସହିତ କ୍ରିକେଟ ମଧ ଖେଳିଥିଲେ। ୱାର୍ଡ଼ ନଂ. ୩୫ ଅନ୍ତର୍ଗତ ୟୁନିଟ-୩ସ୍ଥିତ ମାଳି କଲୋନୀରେ ପ୍ରଚାର କରି ଜନସାଧାରଣଙ୍କ ସମର୍ଥନ ଲୋଡିଥିଲେ। ପରେ ସନ୍ଧ୍ୟାରେ ୱାର୍ଡ଼ ନଂ. ୩୪ ଅନ୍ତର୍ଗତ ସତ୍ୟନଗରସ୍ଥିତ ଓୟାର ହାଉସ କଲୋନୀରେ ଆୟୋଜିତ କର୍ମୀ ସମାବେଶରେ ଉଦ୍‌ବୋଧନ ଦେଇ ଅନନ୍ତ କହିଲେ, ଆମେ ସବୁ ନବୀନ ପଟ୍ଟନାୟକଙ୍କ ପରିବାର। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଜିତାଇବା ଆମମାନଙ୍କର ଦାୟିତ୍ୱ ବୋଲି ସେ କହିଥିଲେ। ସମାବେଶରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାପରେ ରାଜକୁମାର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ସଭାରେ ଯୋଗଦେଇ ସମସ୍ତ ବସ୍ତି ବାସିନ୍ଦାଙ୍କ ସ୍ଥାୟିତ୍ୱ ତାଙ୍କ ଦାୟିତ୍ୱ ବୋଲି କହିଥିଲେ। ପିଏଚ୍‌ଡି କଲୋନୀ ସେଭାରେ ଯୋଗଦେଇ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ଭଲପାଇବା ପାଇଁ କୃତଜ୍ଞତା ଜଣାଇବା ସହିତ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

### ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ

# ଭୋଟରେ ପ୍ରତିଫଳିତ ହେବ ମନର ଇଚ୍ଛା

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ) – ରାଜ୍ୟରେ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଅର୍ଥାତ ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ମତଦାନ ହେବ। ଏଥିପାଇଁ ଭୁବନେଶ୍ୱର ମଧ, ଉତ୍ତର ଓ ଏକାମ୍ର ନିର୍ବାଚନମଣ୍ଡଳୀରେ ପ୍ରଚାର ଜମୁଥିବାବେଳେ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟରଙ୍କୁ ନେବା ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପଦଯାତ୍ରା, ଶୋଭାଯାତ୍ରା, ବୈଠକ କରିବା ସହ ଘରକୁ ଘର ବୁଲି ଭୋଟ ନିବେଦନ କରୁଛନ୍ତି। ତେବେ ଏଠାରେ ବିଭିନ୍ନ ବର୍ଗର ଭୋଟର ରହିଥିବାରୁ ପ୍ରାର୍ଥୀମାନେ ମଧ ଭିନ୍ନ ଭିନ୍ନ ରଣକୌଶଳ ଆପଣାଉଛନ୍ତି। ଫଳରେ ରାଜଧାନୀରେ ରାଜନୀତି ପାଣିପାଗ ବେଶ୍ ସରଗରମ ହୋଇ ଉଠୁଥିବାବେଳେ ଭୋଟରମାନେ ମଧ ବେଶ୍ ଉତ୍ସାହିତ ଥିବା ଦେଖାଯାଇଛି। ବିଶେଷକରି ତିନି ପ୍ରମୁଖ ଦଳ ବିଜେଡି, ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ଇତିମଧ୍ୟରେ ବହୁ ଭୋଟର କେଉଁଠି ମୋହର ମାରିବେ ତାହା ସ୍ଥିର କରିସାରିଥିଲେ ମଧ ଅନେକେ ଦ୍ୱନ୍ଦ୍ୱ ଭିତରେ ଅଛନ୍ତି। ଏହା ଭିତରେ ନିଜ ନିଷ୍ପତ୍ତିରେ ଭୋଟ ଦେବେ ବୋଲି ସେମାନେ କହିଛନ୍ତି। ତେବେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ମୁଡ୍ ପରଖିବା ସମୟରେ 'ଧରିତ୍ରୀ' ଟିମ୍ ପାଇଥିଲା ଏଭଳି କିଛି ପ୍ରତିକ୍ରିୟା।



“କାହାକୁ ଭୋଟ୍ ଦେବି ସେ ନେଇ ଏ ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇନାହିଁ। କାରଣ ରାଜ୍ୟରେ ଯେଉଁଭଳି ଏକଛତ୍ରବାଦ ଶାସନ ଚାଲିଛି, ବିଜେଡି ଏଥର ଜିତିଲେ ତାହା ଆହୁରି ବଢିଯିବ। ଅପରପକ୍ଷେ କଂଗ୍ରେସର ସ୍ଥିତି ଯେଉଭଳି ଦୋହଲୁଛି, ତାକୁ ଭରସା କରିପାରୁନାହିଁ। ପୁଣି ଭାଜପା ସରକାର ଯେଉଁ ଅଚ୍ଛେ ଦିନ୍‌ର ସ୍ୱପ୍ନ ଦେଖାଇଥିଲେ, ତାହା ଦୁର୍ଦ୍ଦିନରେ ପରିଣତ ହୋଇଗଲାଣି। ବାସ୍ତବରେ ଏବେ ରାଜନୀତିର ପରିଭାଷା ଯେଉଁଭଳି ଭାବେ ବଦଳୁଛି, ସେଥିରେ କାହାକୁ ଭରସା କରିବି ଜାଣିପାରୁନାହିଁ।

–ସାଗରିକା ସେନାପତି



“ଯେବେଠାରୁ ଭୋଟ୍ ଦେଉଛି, ସେବେଠାରୁ ମୁଁ କେବଳ ବିଜେଡିକୁ ହିଁ ଭୋଟ୍ ଦିଏ। ଆମ ନିର୍ବାଚନମଣ୍ଡଳୀରେ ବିଧାୟକ ଅଶୋକ ପଣ୍ଡା ବହୁତ କିଛି କାମ କରିଛନ୍ତି। ତେଣୁ ଦଳ ତାଙ୍କୁ ପୁଣି ଥରେ ଭରସା କରିଛି। ଯେଉଁଠି ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ଉପରେ ଭରସା କରୁଛନ୍ତି ସେଠି ସନ୍ଦେହର ପ୍ରଶ୍ନ ଉଠୁନାହିଁ। ତେଣୁ ମୋ ଭୋଟ୍ ବିଜେଡିକୁ ହିଁ ଯିବ।

–ଜିତେନ୍ଦ୍ର ବେଉରା



“ଛୁଆ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ବିଜେଡି ସରକାର ସାଧାରଣ ଲୋକଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଉଛନ୍ତି। ତେଣୁ ତାଙ୍କୁ ବାଦ୍ ଦେଇ ଆଉ କାହାକୁ ଭୋଟ୍ ଦେବାରେ ପ୍ରଶ୍ନ ଉଠୁନାହିଁ। ଭାଜପା ପ୍ରାର୍ଥୀ କେବେ ବି ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେଇ ପାରିବେ ନାହିଁ। ସେହିପରି ଆମ ନିର୍ବାଚନମଣ୍ଡଳୀରେ କଂଗ୍ରେସରୁ କିଏ ପ୍ରାର୍ଥୀ ଛିଡ଼ା ହୋଇଛନ୍ତି ସେ ନେଇ ଆମେ ଅବଗତ ନାହୁଁ।

–ସାବିତ୍ରୀ ବେଉରା

“ରାଜନୈତିକ ଶତ୍ରୁତାରୁ ବର୍ତ୍ତିବା ପାଇଁ ମୁଁ ବିଜେଡିରେ ରହିଛି। ମାତ୍ର ମୋର ଏବଂ ମୋ ପରିବାରର ସମସ୍ତ ଭୋଟ୍ ଭାଜପାକୁ ଯିବ। କାରଣ କେବଳ ଭୁବନେଶ୍ୱର ନୁହେଁ, ସମଗ୍ର ରାଜ୍ୟରେ ଏବେ ଏକଚ୍ଛତ୍ରବାଦ ଶାସନ ଚାଲିଛି। ଦୀର୍ଘଦିନ ଧରି ଶାସନରେ ରହିବା ଦ୍ୱାରା ବିଜେଡି ସରକାର ମନମୁଖି କାମ କରୁଛନ୍ତି। ତେଣୁ ଏବେ ପରିବର୍ତ୍ତନର ସମୟ ଆସିଛି। ଚଳିତ ନିର୍ବାଚନରେ ଭାଜପା ନ ଜିତୁ ପଛେ, ବିରୋଧୀ ଦଳ ଭାବେ ତାକୁ ମଜ୍‌ଭୁତ ହେବାକୁ ପଡିବ।

–ସଞ୍ଜୟ ସାହୁ

## ସଂକ୍ଷେପରେ

### ବିଜେଡିର ନିର୍ବାଚନୀ ସଭା

ଚୌଦ୍ୱାର,୧୫।୫(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୯ ନମ୍ବର ୱାର୍ଡର ବିଜେଡି କାର୍ଯ୍ୟାଳୟରେ ଦଳ ପକ୍ଷରୁ ନିର୍ବାଚନୀ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସଭାପତି ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ରଙ୍ଗଲତା ସାହୁ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଅର୍ଜୁନ ପଣ୍ଡା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଯୋଡି ଶଙ୍ଖରେ ଭୋଟ ଦେଇ ଚୌଦ୍ୱାର -କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଓ କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ରାଜେନ୍ଦ୍ର ମହାରଣା, ମନୋଜ ପ୍ରତାପ ଦେ, ସଞ୍ଜୀବ ରାୟ, ସ୍ମୃତି ରଞ୍ଜନ ମହାପାତ୍ର, ଜୟନ୍ତୀ ମିଶ୍ର, ଅରୁନ୍ଧତୀ ଦାସ, ସସ୍ମିତା ନାୟକ, ଜିତେନ୍ଦ୍ର ଦାସ, ଭରତ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ସଂଖ୍ୟକ ଦଳୀୟ କର୍ମୀ, ଯୁବକ, ଛାତ୍ର, ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ହାଇୱା ଧକ୍କାରେ ବାପା, ପୁଅ ଗୁରୁତର

ବାରଙ୍ଗ,୧୫।୫(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ବଜାର ଟ୍ରାଫିକ ଛକରେ ବୁଧବାର ଏକ ହାଇୱା ଧକ୍କାରେ ବାପା, ପୁଅ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ହାଇୱାକୁ ଅଟକ ରଖି ବାରଙ୍ଗ ପୋଲିସକୁ ହସ୍ତାନ୍ତର କରିଥିଲେ। ଗୁରୁତର ବାପା, ପୁଅଙ୍କୁ ପୋଲିସ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଘଟଣାସ୍ଥଳରୁ ପୋଲିସ ୨ ଗାଡ଼ିକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ସନ୍ଧ୍ୟାରେ ଏକ ହାଇୱା (ଓଡି ୩୩ଜି ୯୨୫୮) ଭୁବନେଶ୍ୱରରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିଲା। ଏକ ବାଇକ୍‌ରେ ଉକ୍ତ ବାପା,ପୁଅ ହାଇକୋର୍ଟ ଅଭିମୁଖେ ଯାଉଥିବାବେଳେ ହାଇୱା ସେମାନଙ୍କୁ ଟ୍ରାଫିକ ଛକଠାରେ ପଛପଟୁ ଧକ୍କା ଦେବାରୁ ସେମାନେ ଛିଟିକି ତଳେ ପଡ଼ିଯାଇଥିଲେ। ଫଳରେ ୫ ବର୍ଷ ପୁଅର ୨ ଗୋଡ଼ରେ ହାଇୱାର ଆଗ ଚକା ଚଢ଼ି ଯାଇଥିଲା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ନିଜ ପଦବୀର ଅପବ୍ୟବହାର କରୁଛନ୍ତି। ବିନା କାରଣରେ ଡାକ୍ତରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ବିନା ଅନୁମତିରେ ଗୁରୁତର ରୋଗୀଙ୍କୁ ଆଇସିୟୁ ଦିଆଯାଉନାହିଁ। ପ୍ରଶାସନିକ ଅଧିକାରୀଙ୍କ କବ୍‌ଜାରେ ୧୦ଟି ଆଇସିୟୁ ରହୁଛି। ଏଥିରେ ବିଭିନ୍ନ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ବୋଲି ବୁଧବାର ଏସ୍‌ସିବି ମେଡିକାଲ ଡାକ୍ତର ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଜଣେ କନିଷ୍ଠ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ବୁଧବାର ଏସ୍‌ସିବି ମେଡିକାଲ କାଉନ୍‌ସେଲିଂ ଗୃହରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ପ୍ରସେନ୍‌ଜିତ୍ ମହାନ୍ତି, ଅଧୀକ୍ଷକ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ, ବରିଷ୍ଠ ପ୍ରଫେସର ଓ ଡାକ୍ତର ଉପସ୍ଥିତ ଥିଲେ। କନିଷ୍ଠ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ବୈଠକରେ ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ମତ




ଉପସ୍ଥାପନ କରିଥିଲା। ମେଡିକାଲର ଆନ୍ତଃ ବିଭାଗରେ ଦୀର୍ଘଦିନ ଧରି ଇସିଜି ମେଶିନ ନ ରହିବା, ରୋଗୀଙ୍କ ଲାଗି ମେଡିସିନ ମହଜୁଦ ନ ରହିବା ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଗୁରୁତର ରୋଗୀଙ୍କ ଆଇସିୟୁ ଆବଶ୍ୟକ ପଡିଲେ ଡାକ୍ତର କିମ୍ବା ଅଧୀକ୍ଷକଙ୍କ ଅନୁମତି ପରେ ତାହା ମିଳିଥାଏ। ହେଲେ ଏବେ ପ୍ରଶାସନିକ ଅଧିକାରୀଙ୍କ ରେଫରେନ୍ସ ବିନା ଆଇସିୟୁ ବେଡ୍ ମିଳୁ ନ ଥିବା ବୈଠକରେ ଅଭିଯୋଗ ହୋଇଛି। ଅଧୀକ୍ଷକ କିଛି ନ ବୁଝି ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଫଳରେ ଡାକ୍ତରମାନେ ଚାପଗ୍ରସ୍ତ ହୋଇଛନ୍ତି। ଏହି କାରଣ ଦର୍ଶାଅ ନୋଟିସ ପ୍ରତ୍ୟାହାର ଲାଗି କର୍ତ୍ତୃପକ୍ଷଙ୍କ ନିକଟରେ ସେମାନେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଏହି ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଡାକ୍ତର ସଂଘ ଚେତାବନୀ ଦେଇଛି। ଏହି ବୈଠକରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ସେଠାରେ ପୋଲିସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ, ଏକ ପାଥୋଲାବ ସଂସ୍ଥାର କର୍ମଚାରୀ କିଛିଦିନ ତଳେ ଏସ୍‌ସିବି ମେଡିକାଲ ମେଡିସିନ ବିଭାଗ

#### ଅଧୀକ୍ଷକ, ଅଧ୍ୟକ୍ଷଙ୍କ ଉପସ୍ଥିତିରେ ବସିଲା ଜରୁରିକାଳୀନ ବୈଠକ

ୱାର୍ଡରେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ଇସିଜି ପରୀକ୍ଷା କରାଇବା ସହ ରକ୍ତ ନମୁନା ସଂଗ୍ରହ କରୁଥିଲେ। ମେଡିକାଲର ଅନ୍ତରୀଣ ସ୍କ୍ୱାଡ୍ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲା। ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଲାବ୍ କର୍ମଚାରୀଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଇସିଜି ମେଶିନ ଏବଂ ଅନ୍ୟ ଉପକରଣ ଜବତ କରିଥିଲା। ଏହି ଗିରଫଦାରୀ ପରେ ଏସ୍‌ସିବି ମେଡିକାଲ ମେଡିସିନ ବିଭାଗର ଜଣେ ଡାକ୍ତରଙ୍କୁ ଏସ୍‌ସିବି କର୍ତ୍ତୃପକ୍ଷ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଉକ୍ତ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହାକୁ କନିଷ୍ଠ ଡାକ୍ତରମାନେ ବିରୋଧ କରିବା ସହ କାରଣ ଦର୍ଶାଅ ନୋଟିସ ପ୍ରତ୍ୟାହାର କରିବା ଲାଗି ଦାବି କରିଥିଲେ। ଏ ସମ୍ପର୍କରେ ଏସ୍‌ସିବି ମେଡ଼ିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ଅନ୍ୟ କେହି ମୁହଁ ଖୋଲୁନାହାନ୍ତି।

# ପଦଯାତ୍ରାରେ ନିର୍ବାଚନ ପ୍ରଚାରକଲେ ସୁରେଶ, ମୀରା



କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ଓ ମୀରା ମଲ୍ଲିକ ଦଳୀୟ କର୍ମୀଙ୍କ ସହିତ ନିର୍ବାଚନୀ ପ୍ରଚାର କରୁଛନ୍ତି।

କଟକ, ୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ କଟକ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର ଓ ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ମୀରା ମଲ୍ଲିକ ବୁଧବାର ପଦଯାତ୍ରା ମାଧ୍ୟମରେ ନିର୍ବାଚନ ପ୍ରଚାର କରି ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏହି ପଦଯାତ୍ରା ଷ୍ଟେଶନ ବଜାରଠାରୁ ବାହାରି କଲେଜ ଛକ, ରାଣୀହାଟ, ମଙ୍ଗଳାବାଗ, ମାଛୁଆବଜାର, ମସ୍ତାନଦର୍ଘା, ମଣିସାହୁ ଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଗୌରୀଶଙ୍କର ପାର୍କ, ଚୌଧୁରୀବଜାର, ନୟାସଡ଼କ, ବାଲୁବଜାର, ନିମଚୌଡି, ହାଇକୋର୍ଟ ଦେଇ ଚାନ୍ଦିନୀଚୌକ୍‌ଠାରେ ଶେଷ ହୋଇଛି। ଏହି ଅବସରେ ସୁରେଶ କହିଛନ୍ତି, ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ କଂଗ୍ରେସ ପ୍ରତି ଜନ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ନିର୍ବାଚନରେ କଂଗ୍ରେସ ସଫଳତା ହାସଲ କରିବ। ଭାଜପା ଓ ବିଜେଡି ପୃଥକ୍ ନୁହେଁ। ନାଟକବାଜି କରି ଉଭୟ ଦଳ ପରସ୍ପରକୁ ସମାଲୋଚନା କରିବା ସହ ଭୋଟରଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସୁରେଶ କହିଛନ୍ତି। ଏହି ପଦଯାତ୍ରାରେ ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଶତପଥୀ, ବାଙ୍କନିଧି ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନିର୍ବାଚନରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ, ୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ବିଭିନ୍ନ ବାର୍ ଆସୋସିଏଶନ ପରିଦର୍ଶନ କରି ନିର୍ବାଚନ ସମ୍ପର୍କରେ ଆଇନଜୀବୀଙ୍କ ସହିତ ଆଲୋଚନା କରିବା ସହ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏନେଇ ଭର୍ତ୍ତୃହରି କହିଛନ୍ତି, ନିର୍ବାଚନରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଆଇନଜୀବୀଙ୍କ ଭୋଟ ବହୁ ମୂଲ୍ୟବାନ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ପଦଯାତ୍ରା ବାହାରି କଟକର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଚୟନରେ ଯୋଗ୍ୟତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ।

## କ୍ୟାମ୍ପସ୍ ନିଯୁକ୍ତି ପାଇଲେ ୪୨୩ ବିଦ୍ୟାର୍ଥୀ

କଟକ,୧୫।୫ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ଶେଷ ବର୍ଷରେ ଅଧ୍ୟୟନରତ ୪୨୩ ଜଣ ବିଦ୍ୟାର୍ଥୀ କ୍ୟାମ୍ପସ୍ ଚୟନ ମାଧ୍ୟମରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଡେଲଏଟ୍, ଆସେଞ୍ଚର, ଟିସିଏସ୍, ପିଡବ୍ଲୁସି, ଟେକ୍ ମହିନ୍ଦ୍ରା, ଭେରିଜନ୍, ରଓ୍ୱାର ଜିଡିସ୍, ଗୁରୁରାତ ମିନେରାଲ ଆଦି କମ୍ପାନୀ ଏହି କ୍ୟାମ୍ପସ୍ ଚୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

#### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, କୁଳସଚିବ କାହ୍ନୁ ଚରଣ ମଲ୍ଲିକ, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ, ପ୍ରଫେସର ପତିତପାବନ ଦାଶ, ଡ. ଉର୍ମିଶ୍ରୀ ବେଦମାତା ପ୍ରମୁଖ ଉପସ୍ଥିତ ରହି କୃତୀ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ଲେସ୍‌ମେଣ୍ଟ ସେଲ୍ ସଂଯୋଜକ ବିଶ୍ୱରଞ୍ଜନ ସିଂହ, ଉପସଂଯୋଜକ ଶ୍ରୀକାନ୍ତ କୁମାର ବେଦ୍ ଓ ସଦସ୍ୟା ଶିଳ୍ପା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ବିଚିତ୍ରାନନ୍ଦ ଥିଲେ ମଧୁବାବୁଙ୍କ ପଟ୍ଟଶିଷ୍ୟ’




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

କଟକ,୧୫।୫ (କାର୍ତ୍ତିକ ସାହୁ)

ଓଡ଼ିଶାର ପ୍ରଥମ ଆଡ୍‌ଭୋକେଟ୍ ଜେନେରାଲ ତଥା ଡଗରପଡ଼ାସ୍ଥିତ ଶତାୟୁ ଶିଶୁ ସୁରକ୍ଷା ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ୧୩୯ତମ ଜୟନ୍ତୀ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପଟ୍ଟଶିଷ୍ୟ ଭାବେ ଆଇନ କ୍ଷେତ୍ରରେ ବିଚିତ୍ରାନନ୍ଦ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ ବୋଲି ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି। ଆଶ୍ରମ୍‌ର ସଭାପତି ତଥା ଆଡ୍‌ଭୋକେଟ୍ ପ୍ରସନ୍ନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ପୂର୍ବତନ ବିଚାରପତି ଏ.ଏସ୍. ନାଇଡୁ ଓ ‘ସମାଜ’ର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଶ୍ରମର ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ସାବିତ୍ରୀ ନାୟକ, କିଶୋର ମହାନ୍ତି, ବଂଶୀମୋହନ ଶତପଥୀ, ମୀରା ବେଉରା, ସୌମ୍ୟା ମହାନ୍ତି ପ୍ରମୁଖ ସ୍ୱାମୀଜୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

## ଆକ୍ରମଣ, ଗାଡ଼ି ଭଙ୍ଗାରୁଜା ଘଟଣା: ୨ ଅଟକ

ମଙ୍ଗୁଳି-ଜଗତପୁର,୧୫।୫(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ୬ ନମ୍ବର ୱାର୍ଡ ମୁଣ୍ଡମାଳ ବଜାରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ନିଶାସକ୍ତ ଯୁବକ ସୋମବାର ରାତିରେ ଉନ୍ମତ୍ତ କାଣ୍ଡ ଘଟାଇଥିବା ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ୫ଜଣ ସହଯୋଗୀଙ୍କ ସହାୟତାରେ ଏକ ଗାଡି ସର୍ଭିସିଂ ଦୋକାନରେ ପଶି ମାଲିକ ପ୍ରଭାତ କୁମାର ଦାସ ଓ ତାଙ୍କ ସାନଭାଇଙ୍କୁ ମାଡ ମାରି ଆହତ କରିବା ସହିତ ୪ଟି ଟାଟା ଏସିଇ ଗାଡିର କାଚ, ୪ ବାଇକ ଓ ଦୋକାନ ଆଜବେଷ୍ଟସ ଭଙ୍ଗାରୁଜା କରି ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରଭାତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୭୭/୨୪) ରୁଜୁ କରିଛି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ବୁଧବାର ଅଟକ ରଖି ପଚାରାଉଚରା ଚଳାଇଛି। ଧର୍ମ ଓ ସମ୍ପ୍ରଦାୟକୁ ନେଇ ଏହି ଘଟଣା ଘଟିଥିବା

#### ଧର୍ମ, ସମ୍ପ୍ରଦାୟକୁ ନେଇ ଘଟିଥିବା ଘଟଣାକୁ ଖଣ୍ଡନକଲେ ଏସିପି

ସାଧାରଣରେ ଚର୍ଚ୍ଚା ହୋଇଥିଲା। ହେଲେ ଏସିପି ମାନସ ରଞ୍ଜନ ଦେଓ ଏହାକୁ ଖଣ୍ଡନ କରିଛନ୍ତି। ଗୋ’ଚାଲାଣକୁ କେନ୍ଦ୍ରକରି ଜଣେ ଡ୍ରାଇଭର ଓ ସମ୍ପୃକ୍ତ ନିଶାସକ୍ତ ଯୁବକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଡ୍ରାଇଭର ଜଣଙ୍କ ପ୍ରଭାତଙ୍କ ପାଖରେ ଚାକିରି କରିଛି ବୋଲି ସନ୍ଦେହ କରି ତାଙ୍କୁ ଖୋଜିବାକୁ ଆସି ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥା ଏଭଳି ଘଟଣା ଘଟାଇଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ କେତେଜଣ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସିପି କହିଛନ୍ତି।

## ୪ ୱାର୍ଡରେ ବିଜେଡି ପ୍ରାର୍ଥୀଙ୍କ ପଦଯାତ୍ରା

କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା କଟକ କାଜିବଜାର ଅଞ୍ଚଳରେ ଚା’ ଖଟିରେ ଯୋଗଦେଇ ଅଞ୍ଚଳବାସୀଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ କାଜିବଜାର ପୂଜାମଣ୍ଡପରୁ ସମର୍ଥକଙ୍କ ସହ ପଦଯାତ୍ରା ବାହାରି ବିଭିନ୍ନ ସାହି ବୁଲି ଭୋଟ ଦେବା ପାଇଁ ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହାପରେ କଟକ ମହାନଗର ନିଗମ(ସିଏମ୍‌ସି)ର ୧୦,୧୧, ୧୨ ଓ ୧୮ ନମ୍ବର ୱାର୍ଡରେ ପ୍ରକାଶ ପଦଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କର୍ପୋରେଟର ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ‘ପ୍ରତିଯୋଗୀ ମନୋଭାବରେ ଗୁଣବତ୍ତାର ସୁଧାର ଆସେ’

କଟକ,୧୫।୫(କାର୍ତ୍ତିକ ସାହୁ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଜୀବନ ଅଧ୍ୟକ୍ଷ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଜୀ’ଙ୍କ ଜନ୍ମଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଇଣ୍ଟରଫେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ପ୍ରମୁଖ ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ଯୋଜନା, ପରିଯୋଜନା ଓ ଶୈକ୍ଷିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଗବେଷଣା, ବିକାଶ, ନୈତିକତା ଆଧାରରେ ବିଭିନ୍ନ ବିଷୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହେବା ଆବଶ୍ୟକ। ଏହାଦ୍ୱାରା ଶିକ୍ଷାର ଗୁଣବତ୍ତାରେ ସୁଧାର ଆସେ ବୋଲି ସେ କହିଥିଲେ। ଏଥିସହ ଶିଳ୍ପୋଦ୍ୟୋଗରେ ଇଣ୍ଟର୍ନସିପ୍‌କୁ ବିଭିନ୍ନ ଶିଳ୍ପ ସହଭାଗୀଙ୍କ ସହ ଯୋଗାଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ଆର୍. ଶର୍ମା ଅତିଥିଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ମାନ ବୃଦ୍ଧି କରିବାରେ ସହାୟକ ହେବ ବୋଲି କହିଥିଲେ। କଳା, ସଂସ୍କୃତି ଓ ଭାରତୀୟ ଶିକ୍ଷା (ଏଫ୍‌ଏସିଆଇଏସ) ବିଭାଗର ମୁଖ୍ୟ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଏଲିସା ନୃତ୍ୟ ପ୍ରଦର୍ଶନ କରିଥିଲେ। ଗବେଷଣା ଏବଂ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ପ୍ରଫେସର ସୁନିଲ କୁମାର ଧଳ କହିଥିଲେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଶିକ୍ଷା ଏବଂ ଗବେଷଣାରେ ଉତ୍କୃଷ୍ଟତା ହାସଲ ନିମନ୍ତେ ପ୍ରୟାସ ଜାରି ରଖିବ। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନଙ୍କ ସମେତ ସମସ୍ତ ବିଭାଗର ଡିନ୍ ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଏଥିସହ ସହଜ ସମାଧିଧ୍ୟାନ ଯୋଗ, ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଅଭିଭାଷଣ, ରୋଭର ଓ ରେଞ୍ଜରମାନଙ୍କ ବିଭିନ୍ନ ସେବା ସାଙ୍ଗକୁ ସଙ୍ଗୀତ, ଜ୍ଞାନ ଓ ଧ୍ୟାନର ଏକ ସୁମଧୁର ସନ୍ଧ୍ୟା ମାଧ୍ୟମରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମସପ୍ତାହ ପାଳିତ ହୋଇଥିଲା।

# କଟକରେ ଅମିତ ଶାହା

କଟକ, ୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର କଟକରେ ରୋଡ୍ ଶୋ’ କରିଛନ୍ତି। ଶାହାଙ୍କ ଏହି କାର୍ଯ୍ୟକ୍ରମ ଭାଜପା ପ୍ରାର୍ଥୀ, ନେତା, କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରି ଦେଇଛି। ରୋଡ୍ ଶୋ’ ସମୟରେ ବିଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା।

#### ‘ଜୟ ଶ୍ରୀରାମ’ ନାରା କମ୍ପିଲା ସହର

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ରୋଡ୍ ଶୋ’ କଟକ ଗୋପବନ୍ଧୁ ଛକଠାରୁ ଆରମ୍ଭ ହୋଇ ନୟାସଡ଼କଠାରେ ଶେଷ ହୋଇଥିଲା। ପ୍ରଥମେ ଶାହାଙ୍କ ‘ଜୟ ଶ୍ରୀରାମ’ ନାରାରେ ରୋଡ ଶୋ ଆରମ୍ଭ ହୋଇଥିବାବେଳେ ଶତାଧିକ ଭାଜପା କର୍ମୀ ଜୟ ଶ୍ରୀରାମ ନାରା ଦେଇଥିଲେ। ପଦ୍ମ ଚିହ୍ନର ଭଳି କି ଭଳି ଫ୍ଲାଗ କାର୍ଡରେ ରାସ୍ତା ପରିପୂର୍ଣ୍ଣ ହୋଇଥିଲା।

#### ପ୍ରଚାରରେ ଦକ୍ଷିଣୀ ବାଜା



ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରୋଡ୍ ଶୋ’ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମୀ।

ପ୍ରଚାର ସମୟରେ ରାଜନେତାମାନେ ଭଳି କି ଭଳି ବାଦ୍ୟ ନେଇ ଲୋକଙ୍କୁ ଆକର୍ଷିତ କରୁଥିବାବେଳେ ବୁଧବାର କେନ୍ଦ୍ର ସରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ରୋଡ଼ ଶୋ’ ସମୟରେ ପ୍ରଥମ କରି ଦକ୍ଷିଣୀ ବାଜା ଦେଖିବାକୁ ମିଳିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

#### ରୋଡ୍ ଶୋ’ ସମୟରେ ଫୋନ ଚୋରି ଅଭିଯୋଗ

କେନ୍ଦ୍ର ସରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ରୋଡ଼ ଶୋ’କୁ ଆସି ଅନେକ ଲୋକ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ରୋଡ଼ ଶୋ’ ଆରମ୍ଭରୁ ଲୋକଙ୍କ ମୋବାଇଲ ଫୋନ ଚୋରି ଅଭିଯୋଗ ଆସିଛି। ଉପସ୍ଥିତ ଥିବା ପୋଲିସ ଅଧିକାରୀଙ୍କ ନିକଟକୁ ପ୍ରାୟ ୨୦ରୁ ଅଧିକ ଫୋନ ଚୋରି ଅଭିଯୋଗ ଆସିଛି। ଲୋକଙ୍କ ପ୍ରବଳ ଜନସମାଗମ ଲୁଟେରାଙ୍କୁ ସୁହାଉଥିବାବେଳେ ଲୁଟେରାଙ୍କ ପାଦୁର୍ଭାବ ମଧ୍ୟ ବଢ଼ିବାରେ ଲାଗିଥିଲା।

## ସଂକ୍ଷେପରେ

### ବିଜେଡିର ସାଙ୍ଗଠନିକ ବୈଠକ

ବେଗୁନିଆ, ୧୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀର ମାଣିବନ୍ଧ ଗ୍ରାମରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ନିର୍ବାଚନ ପାଇଁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ଜିଲା ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନଙ୍କୁ ସୁଦୃଢ଼ କରି ଆଗାମୀ ନିର୍ବାଚନରେ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ଯୁବ କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ

ବୋଲଗଡ଼, ୧୫।୫(ଦେବବ୍ରତ ହୋତା)

ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ଯୁବ କଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧିଙ୍କ ନେତୃତ୍ୱରେ ୧୦ ଜଣ ଯୁବକଂଗ୍ରେସ କର୍ମୀ ବୋଲଗଡ଼ ବ୍ଲକର ୧୯ ଓ ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତ ଅଞ୍ଚଳର ଘର ଘର ବୁଲି କଂଗ୍ରେସର ଗ୍ୟାରେଣ୍ଟିକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଅସରଳା, କଡ଼ବ, ବାଙ୍କୋଇ, ଡାବରଧୁଆ, ଖଇରିଆ, କଳାଙ୍ଗ, ବୋଲଗଡ଼ , ଫାସୀଓଦା, ବଙ୍କୋଇ, ବଡ଼କୁମାରୀ, ଆରିକମା ଓ ପିଚୁକୁଳି ଆଦି ପଞ୍ଚାୟତରେ ଗ୍ୟାରେଣ୍ଟିକାର୍ଡ ବଣ୍ଟନ କରାଯାଉଥିବା ବେଳେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ, ୧୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ସଙ୍କଟ ମୋଚନଙ୍କ ମନ୍ଦିରରେ ଚାଲିଥିବା ବାର୍ଷିକ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଲେଖନପୁର ଗ୍ରାମର ନୀଳାଚଳ ସତ୍‌ସଙ୍ଗ ପଞ୍ଚବଟୀ କୁଟୀର ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ, ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସଯାତ୍ରା, ଯଜ୍ଞ ଆରମ୍ଭ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ନଗରକୀର୍ତ୍ତନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ସାମାଜିକ କର୍ମୀ ବାଉରି ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡି ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

ଜଟଣୀ/ଝାଁଳା, ୧୫।୫
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଜଟଣୀ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ପ୍ରଚାର ଜମିବାରେ ଲାଗିଛି। ବୁଧବାର ବିଜେଡି ପକ୍ଷରୁ ମା'ବଘେଇଙ୍କ ମନ୍ଦିରଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ଓଗାଳପଡ଼ାସ୍ଥିତ ମା'ବାଟଭୂଆସୁଣୀଙ୍କ ମନ୍ଦିରଠାରେ ଶେଷ ହୋଇଥିଲା। ଏଥିରେ ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ସହିତ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଗଙ୍ଗପଡା, ଭାତଖୁରୀ, ଗ୍ରାମଡିହ ଏବଂ ପିତାପଲ୍ଲୀ ଆଦି ଅଞ୍ଚଳରେ ଶୋଭାଯାତ୍ରା ହୋଇଥିଲା। ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବିଜୟ ମହାରଥୀ, ପୂର୍ବତନ ସରପଞ୍ଚ ହିମାଂଶୁ ମହାରଣାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାର ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ହୋମ୍ ଭୋଟିଂ, କମିଶନିଂ ପ୍ରକ୍ରିୟା ଆରମ୍ଭ





ଖୋର୍ଦ୍ଧା, ୧୫।୫(ପ୍ରଭାତ ପାଣିଗ୍ରାହୀ)

- ୧୭୦୪ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଓ ଦିବ୍ୟାଙ୍ଗ ଦେବେ ଭୋଟ
- ସେଲ୍‌ଫି ନେଇ ସଚେତନତା ବାର୍ତ୍ତା

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ। ଏକକାଳୀନ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଜାରି ରହିଛି। ତେବେ ଜିଲାରେ ଥିବା ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରେ ରହି ଭୋଟ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜିଲାରେ ମୋଟ ୧୭୦୪ଜଣ ଭୋଟର ଘରେ ରହି ମତଦାନ କରିବେ। ସେମାନଙ୍କ ମଧ୍ୟରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ୧୨୧୮ଜଣ ଏବଂ ୪୮୬ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ପୋଲିଂ ଅଧିକାରୀମାନେ ସେମାନଙ୍କ ଘରକୁ ଯାଇ ଭୋଟିଂ କରାଇବେ। ପୂର୍ବରୁ ଘରେ ରହି ଭୋଟ ଦେବା ପାଇଁ ସେମାନଙ୍କଠାରୁ ସ୍ୱୀକୃତି ଗ୍ରହଣ କରାଯାଇଥିଲା। ନିର୍ବାଚନର ଏହି ମହାନ୍ ପର୍ବରେ ସାମିଲ ହୋଇ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟର ଉତ୍ସାହିତ ହୋଇଥିଲେ। ମୁଁ ବି ଭୋଟ ଦେବି ବୋର୍ଡରେ ଫଟୋ ଉଠାଇ, ସେଲ୍ଫି ନେଇ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏହିକ୍ରମରେ ଜୟଦେବ ନିର୍ବାଚନମଣ୍ଡଳୀରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ୧୯୮ ଜଣ ଏବଂ ୬୯ଜଣ ଦିବ୍ୟାଙ୍ଗ ଭୋଟରଙ୍କୁ ମିଶାଇ ୨୬୭, ଭୁବନେଶ୍ୱର (ମଧ୍ୟ)ରେ ୯୩ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୨୫ଜଣ ଦିବ୍ୟାଙ୍ଗଙ୍କୁ ମିଶାଇ ମୋଟ ୧୧୮ଜଣ ଭୋଟର, ଭୁବନେଶ୍ୱର (ଉତ୍ତର)ରେ ୨୦୨ଜଣଙ୍କ ମଧ୍ୟରୁ ୧୫୫ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏବଂ ୪୭ଜଣ ଦିବ୍ୟାଙ୍ଗ, ଏକାମ୍ରରେ ୨୦୮ ଜଣଙ୍କ ମଧ୍ୟରୁ ୧୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୨୩ ଜଣ ଦିବ୍ୟାଙ୍ଗ ଭୋଟର, ଜଟଣୀରେ ମୋଟ ୭୪ ଜଣଙ୍କ ମଧ୍ୟରୁ ୪୩ ଜଣ ୮୫ବର୍ଷରୁ ଊର୍ଦ୍ଧ୍ୱ ଏବଂ ୩୧ ଜଣ ଦିବ୍ୟାଙ୍ଗ ଭୋଟର ସେମାନଙ୍କ ଘରେ ରହି ମତାଧିକାର ସାବ୍ୟସ୍ତ କରିବେ। ସେହିଭଳି ବେଗୁନିଆ ନିର୍ବାଚନମଣ୍ଡଳୀରେ ୧୮୪ ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୯ ଜଣ ଦିବ୍ୟାଙ୍ଗ ଭୋଟରଙ୍କୁ ମିଶାଇ ୨୩୩, ଖୋର୍ଦ୍ଧାରେ ୧୬୪ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୧୭ ଜଣ ଦିବ୍ୟାଙ୍ଗଙ୍କୁ ମିଶାଇ ମୋଟ ୨୮୧ ଜଣ ଘରେ ରହି ଭୋଟ ଦେଉଥିବାବେଳେ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀରେ ୧୯୬ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୨୫ଜଣ ଦିବ୍ୟାଙ୍ଗ ଭୋଟର ମତାଧିକାର ସାବ୍ୟସ୍ତ କରିବେ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଜେସନ ପରେ ଇଭିଏମ୍‌ଗୁଡ଼ିକର କମିଶନିଂ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଜିଲାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଜିଲା ପଣ୍ୟାଗାରରେ ଏହି କମିଶନିଂ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨୩ ତାରିଖରେ ପୋଲିଂ ପାର୍ଟିମାନେ ଇଭିଏମ୍ ଏବଂ ଆବଶ୍ୟକ ସାମଗ୍ରୀ ନେଇ ମତଦାନ କେନ୍ଦ୍ର ଅଭିମୁଖେ ଯାତ୍ରା କରିବେ। ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଆସନ୍ତା ୨୫ ତାରିଖରେ ଜିଲାର ୧୯୨୩ ମତଦାନ କେନ୍ଦ୍ରରେ ୧୯ ଲକ୍ଷ ୬ ହଜାର ୫୧୭ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ।

### ପୋଲିସକୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୫।୫
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ପୋଲିସ ଉପରେ ଆକ୍ରମଣ ହୋଇଛି। ପିସିଆର୍ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଜଣେ ହାବିଲଦାରଙ୍କ ଉପରେ ଇଟା ମାଡ଼ ହୋଇଛି। ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଭୀମପୁର ବସ୍ତିର ପଠାଣି ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ରାମଚନ୍ଦ୍ର ମାରାଣ୍ଡି କ୍ୟାପିଟାଲ ଥାନାରେ ପିସିଆର୍ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଅଭିଯୁକ୍ତ ପଠାଣୀ ଫାଳିକିଆ ବସ୍ତିରେ ଲୋକଙ୍କୁ ଗାଳିଗୁଲଜ କରୁଥିବା କଣ୍ଟ୍ରୋଲ ରୁମ୍‌ରୁ ସୂଚନା ପାଇବା ପରେ ରାମଚନ୍ଦ୍ର ପିସିଆର ଗାଡିରେ ପୋଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଉତ୍ତେଜନା ସୃଷ୍ଟି କରୁଥିବା ପଠାଣିଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ଓଲଟା ପିସିଆର୍ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ସହ ରାମଚନ୍ଦ୍ରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଇଟା ଫୋପାଡି ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଆକ୍ରମଣରୁ ବର୍ତ୍ତିଯିବାକୁ ଚେଷ୍ଟା କରିବା ବେଳେ ଇଟା ପିସିଆର ଗାଡ଼ିରେ ବାଜି କ୍ଷତିଗ୍ରସ୍ତ ହୋଇଛି।



ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ଜଟଣୀ ପାତ୍ରପଡ଼ାଠାରେ ଅନୁଷ୍ଠିତ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ବୁଧବାର ଅନୁଷ୍ଠିତ କାଳୀୟ ଦଳନ ନାଟକର ଏକ ଦୃଶ୍ୟ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

### ବିଶ୍ୱଶାନ୍ତି ମହାଯଜ୍ଞ

(ମାନସ ଚନ୍ଦ୍ର ପଟ୍ଟନାୟକ)

ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା (ଷଠିପଦର) ଗ୍ରାମର ଇଷ୍ଟଦେବ ଶ୍ରୀଲୋକନାଥ ଦେବଙ୍କ ପୀଠରେ ଦୁଇଦିନଧରି ଚାଲିଥିବା ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ନିକଟ ପୁଷ୍କରିଣୀରୁ ଜଳ ଆଣି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ଗୋପୂଜା, ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ଦିବସରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଯଜ୍ଞ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ଭଗବତୀ ଯୁବକ ସଙ୍ଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳାଙ୍କ ଟଙ୍କା ନେଇ ଫେରାର ବେଳେ ଧରାପଡ଼ିଲା ଲୁଟେରା

ବାଲୁଗାଁ, ୧୫।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଏଟିଏମ୍‌ରେ ବୁଧବାର ଚଞ୍ଚକତା କରି ମହିଳାଙ୍କ ଟଙ୍କା ନେଇ ଫେରାର ହେବା ବେଳେ ଜଣେ ଆନ୍ତଃଜିଲା ଲୁଟେରାଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଧରିବାରେ ସକ୍ଷମ ହୋଇଛନ୍ତି। ଗିରଫ ଲୁଟେରା ଜଣଙ୍କ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ କମାଗୁରୁ ଗ୍ରାମର କରମଚାନ୍ଦ ରଣବିଜୁଳି। ତେବେ କରମଚାନ୍ଦଙ୍କ ଜଣେ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲେ।

ସୂଚନା ମୁତାବକ, ସ୍ଥାନୀୟ ରାହାଣବେଲି ଗ୍ରାମର ଶେଷଧର ରାଉତରାୟଙ୍କ ସ୍ତ୍ରୀ ବନିତା ବୁଧବାର ସକାଳ ୯ଟାରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାଉଣ୍ଟରକୁ ଟଙ୍କା ଉଠାଣ ପାଇଁ ଆସିଥିଲେ। କୌଣସି କାରଣବଶତଃ ଟଙ୍କା ଉଠାଣରେ ଅସୁବିଧା ହୋଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଲୁଟେରା ଜଣକ ସହାୟତା ବାହାନାରେ ମହିଳାଙ୍କଠାରୁ ପିନକୋଡ୍ ଆଣି ୭ ହଜାର ଟଙ୍କା ଉଠାଇଥିଲେ। ଏହା ପରେ ବନିତାଙ୍କୁ ୨ହଜାର ଟଙ୍କା ଦେଇ ଅବଶିଷ୍ଟ ୫ହଜାର ଧରି ଲୁଟେରା ଜଣଙ୍କ ସେଠାରୁ ଦୌଡ଼ିଥିଲା। ତେବେ ବନିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଓ ବଜାରରେ କାର୍ଯ୍ୟରତ ପୋଲିସ ଗୋଡ଼ାଇ ଲୁଟେରାଙ୍କୁ କାବୁ କରିଥିଲେ। ବନିତାଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୧୭୭/୨୪)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଲୁଟ ୫ହଜାର ଟଙ୍କା ଜବତ କରିଛି। କରମଚାନ୍ଦଙ୍କ ନାମରେ ବିଭିନ୍ନ ଜିଲାରେ ଏକାଧିକ ଲୁଟ୍ ମାମଲା ଥିବା ତଦନ୍ତରୁ ଜଣାପଡିଛି। ତେବେ ଲୁଟ ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

## 'ଯୋଡ଼ିହେବ ବିକାଶର ନୂତନ ଫର୍ଦ୍ଦ'

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

**ଟାଙ୍ଗୀରେ ମନ୍ମଥ, ରାଜେନ୍ଦ୍ରଙ୍କ ମାରାଥନ ପ୍ରଚାର**

ବିକଶିତ ଖୋର୍ଦ୍ଧା ଏବଂ ଭୁବନେଶ୍ୱରର ଆହ୍ୱାନ ଦେଇଛନ୍ତି ବିଜେଡି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ। ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ପଞ୍ଚାୟତର ବୋଡ଼ଙ୍ଗରାପାଟଣା ଏବଂ ଓଳସିଂ ପଞ୍ଚାୟତଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରାର୍ଥୀ ମନ୍ମଥ ଓ ରାଜେନ୍ଦ୍ର ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଲୋକଙ୍କ ସହଯୋଗ କାମନା କରିଥିଲେ। ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ମନ୍ମଥ କହିଥିଲେ, ଭୁବନେଶ୍ୱର ସ୍ମାର୍ଟସିଟି ସହ ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ। ମୁଖ୍ୟମନ୍ତ୍ରୀ ସର୍ବଦା ଲୋକଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ଆଶୀର୍ବାଦ ରହିଲେ ଜୁନ ୯ତାରିଖ ଓଡ଼ିଶା ନୂତନ ସୂର୍ଯ୍ୟୋଦୟ ଦେଖିବ। ଓଡ଼ିଶାରେ ଯୋଡ଼ିହେବ ବିକାଶର ନୂତନ ଫର୍ଦ୍ଦ। ଏକ ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନବୀନଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ରାଜେନ୍ଦ୍ର କହିଥିଲେ, ମୁଖ୍ୟମନ୍ତ୍ରୀ କଥା କମ୍ କାମ ବେଶି ଉପରେ ବିଶ୍ୱାସ କରନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର ଯୋଜନା ସହ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ନୀବନଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଜୁଲାଇ ପହିଲାରୁ ଶହେ ୟୁନିଟ୍ ପର୍ଯ୍ୟନ୍ତ ୯୦ପ୍ରତିଶତଙ୍କୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡିବ ନାହିଁ। ମା'ମାନେ ଆତ୍ମନିର୍ଭର ହୋଇପାରିଛନ୍ତି। ଗ୍ରାମୀଣ ସଂସ୍କୃତି, ପରମ୍ପରା ସହ ଭିତ୍ତିଭୂମିର ବିକାଶ, କ୍ରୀଡ଼ାର ଅଗ୍ରଗତି ହୋଇଛି। ଏକାଧିକ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରି ଲୋକଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।


ସଭାରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଉଦ୍‌ବୋଧନ ଦେଉଛନ୍ତି।

### ବିଜେଡିରେ ମିଶିଲେ ବିଭିନ୍ନ ଦଳର କର୍ମୀ

ବାଲିପାଟଣା, ୧୫।୫(ଅଭିମନ୍ୟୁ ନାୟକ)

ପମ୍ପାଲୋ ପଞ୍ଚାୟତର ବିଭିନ୍ନ ଦଳର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ସରପଞ୍ଚ ବାହାନ ଭୋଇଙ୍କ ନେତୃତ୍ୱରେ ସେମାନେ ବିଜେଡିରେ ମିଶିଥିଲେ। ରଘୁନାଥ ଖଟେଇ, ଅଭିମନ୍ୟୁ ବେହେରା, ମକୁନ୍ଦ ପଣ୍ଡା, ମନୋହର ବେହେରା, ଶୈଳ ବେହେରା, ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମଣ ବେହେରା, କାଳନ୍ଦୀ ବାରିକ, ପ୍ରତାପ ପ୍ରଧାନ, ଟହଲି କାଣ୍ଡି, ଚତୁର୍ଭୁଜ ମହାରଣାଙ୍କ ନେତୃତ୍ୱରେ କର୍ମୀମାନେ ବିଜେଡି ସଙ୍ଗଠକ କମଳ କୁମାର ପାତ୍ରଙ୍କୁ ଗଡଶ୍ରୀରାମପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ଆଗାମୀ ଦିନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କରିବାକୁ ପାତ୍ର ପରାମର୍ଶ ଦେଇଥିଲେ।

### ନିରାକାରପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ନିରାକାରପୁର, ୧୫।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ତେବେ ନିର୍ବାଚନରେ ସ୍ୱଚ୍ଛତା, ନିରପେକ୍ଷ, ଶାନ୍ତିଶୃଙ୍ଖଳା ସହ ଅବାଧମୁକ୍ତ ମତଦାନ ପାଇଁ ବୁଧବାର ନିରାକାରପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ନୂଆଗଡ଼ ପଞ୍ଚାୟତର ବୃନ୍ଦାବନପୁର, ହରିପୁର, ମେହେରାବପୁର ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ନିରାକାରପୁର ଥାନାର ଏସ୍‌ଆଇ ଦୀପାଳିଶା ନାୟକ, ଏସ୍‌ଆଇ ଅରବିନ୍ଦ ରାଉଳ, ଏଏସ୍‌ଆଇ ତପନ କୁମାର ପ୍ରଧାନ, ଏଏସ୍‌ଆଇ ଶ୍ରୀମତୀ ମଲ୍ଲିକ, ଏଏସ୍‌ଆଇ ଏସ୍.କେ. ବେହେରାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଭୋଟରମାନେ ଭୟଭୀତ ନ ହୋଇ ନିଜର ସ୍ୱାଧୀନତାକୁ ସାବ୍ୟସ୍ତ କରିବାକୁ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଫ୍ଲାଗମାର୍ଚ୍ଚ ଜରିଆରେ ସଚେତନ କରିଥିଲେ।

## ଏକାଠି ହେଲେ ବିଭିନ୍ନ ସଙ୍ଗଠନ

ଜଟଣୀ, ୧୫।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଉତ୍କଳ ଦଳିତ ମହାସଂଘ, ଜଟଣୀ ସୁରକ୍ଷା ମଞ୍ଚ, ମା'ଡାଳଖାଇ ଫ୍ରେଣ୍ଡସ କ୍ଲବ ଓ ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ବିଧାୟକ ସୁରେଶ କୁମାର ରାଉତରାୟ ଜଟଣୀ ନଗରପାଳ ଅନନ୍ତ ବେହେରା, କଳିଙ୍ଗ ସାହୁ, ସୁନୀଲ ରାଉତରାୟ, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ବଳବନ୍ତରାୟ ଆଲୋଚନା କରିବା ସହିତ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ।


କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

## ତ୍ରିମୁଖୀ ଲଢ଼େଇ ସମ୍ଭାବନା

ଖୋର୍ଦ୍ଧା, ୧୫।୫(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକ ସଭା ଏବଂ ୭ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ। ବିଭିନ୍ନ ଦଳର ପ୍ରାର୍ଥୀମାନେ ଘରଘର ବୁଲି ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରୁଛନ୍ତି। ଭୁବନେଶ୍ୱର ଲୋକ ସଭା ସମେତ ବିଧାନସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବା ସମ୍ଭାବନା ରହିଛି। ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିକାଶର କଥା କହୁଥିବା ବେଳେ ଭାଜପା ପ୍ରାର୍ଥୀ ମୋଦି ଗାରେଣ୍ଟି କହି ଭୋଟରଙ୍କୁ ବୁଝାଉଛନ୍ତି। କଂଗ୍ରେସ ପ୍ରାର୍ଥୀ ମଧ୍ୟ ସମାନ ଢଙ୍ଗରେ ପ୍ରଚାର ଚଳାଇଛନ୍ତି।

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ, ବିଜେଡିରୁ ମନ୍ମଥ ରାଉତରାୟ ଓ କଂଗ୍ରେସରୁ ୟାସିର ନୱାଜ ପ୍ରାର୍ଥୀ ହୋଇଛନ୍ତି। ତେବେ ଏଥର ଉକ୍ତ ଲୋକ ସଭା ଆସନ ପାଇଁ ୧୨ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ୩ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଖୋର୍ଦ୍ଧା ବିଧାନସଭାରେ ବିଜେଡିରୁ ରାଜେନ୍ଦ୍ର ସାହୁ, ଭାଜପାରୁ ପ୍ରଶାନ୍ତ ଜଗଦେବ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ମଧ୍ୟରେ କଡା ଟକ୍କର ହେବ। ବିଜେଡି ଏବଂ ଭାଜପା ବାଇକ ଶୋଭାଯାତ୍ରା, କର୍ମୀ ସମ୍ମିଳନୀକୁ ଯୋରଦାର କରିଥିବା ବେଳେ କାଳୁ ହାତରେ ବାଲ୍‌ଟି ଧରି ଘରକୁ ଘର ବୁଲି ପ୍ରଚାର କରିବା ସହ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ପ୍ରଦୀପ ସାହୁ, ଭାଜପାରୁ ପ୍ରକାଶ ଚନ୍ଦ୍ର ବିଜୁଳି ଏବଂ କଂଗ୍ରେସର ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ମଧ୍ୟରେ କଡା ଟକ୍କର ହେବ। ଚଳିତ ବର୍ଷ ବେଗୁନିଆରେ ସ୍ଥାନୀୟ ନେତାମାନେ ନିର୍ବାଚନ ଲଢୁଛନ୍ତି। ବେଗୁନିଆର ମୁଖ୍ୟତଃ ଜଳସେଚନ, ପାନୀୟଜଳକୁ ପ୍ରାର୍ଥୀମାନେ ଢାଲ କରିଛନ୍ତି। ଜଟଣୀ ବିଧାନସଭା ଆସନରେ ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ, ଭାଜପାରୁ ବିଶ୍ୱରଞ୍ଜନ ବଡ଼ଜେନା ଏବଂ କଂଗ୍ରେସର ସନ୍ତୋଷ ଜେନା ଯୋରଦାର ପ୍ରଚାର ଚଳାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ତେବେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ଜେନା ଭାଜପା ଏବଂ ବିଜେଡି ପାଇଁ କଣ୍ଟା ସାଜିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୨୦୧୯ରେ ଏହି ଆସନରେ କଂଗ୍ରେସରୁ ସୁରେଶ ରାଉତରାୟ ବିଜୟୀ ହୋଇଥିବା ବେଳେ ତାଙ୍କ ସାନପୁଅ ମନ୍ମଥ ବିଜେଡିରୁ ଲୋକ ସଭା ପ୍ରାର୍ଥୀ ଅଛନ୍ତି। ପୁଅ ପାଇଁ ସୁରେଶ ଅଣ୍ଟା ଭିଡିଥିବା ବେଳେ ବିରୋଧୀଙ୍କ ପାଇଁ ଅଡୁଆ ହୋଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ପୁରୀ ସସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ଚିର୍ବାରେ ଭାଜପାର ପୃଥ୍ୱୀରାଜ ହରିଚନ୍ଦନ, ବିଜେଡିର ରଘୁନାଥ ସାହୁ ଏବଂ କଂଗ୍ରେସର ପ୍ରଦୀପ ସ୍ୱାଇଁଙ୍କ ମଧ୍ୟରେ କଡ଼ା ଟକ୍କଟ ହେବ। ଭାଜପା ଏବଂ ବିଜେଡିର ମିଶ୍ରଣ ପର୍ବ, କର୍ମୀ ସମ୍ମିଳନୀ ଚାଲିଛି। ପଥ୍ୱୀରାଜ ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ ଯୋଜନାକୁ ନେଇ ପ୍ରଚାର ଯୋରଦାର କରିଥିବା ବେଳେ ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ଇସ୍ତାହାରକୁ ଢାଲ କରି ଲୋକଙ୍କୁ ଭେଟୁଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମଧ୍ୟ କଂଗ୍ରେସ ସଂକଳ୍ପ ପତ୍ରକୁ ନେଇ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି।

## ସଂକ୍ଷେପରେ

### ସିବିଏସ୍‌ଇ ପରୀକ୍ଷାରେ ପ୍ରିୟବ୍ରତ କଣାସ ବ୍ଲକରେ ପ୍ରଥମ

କଣାସ,୧୫।୫(ବିଭୂତି ଭୂଷଣ ତ୍ରିପାଠୀ)



ସିବିଏସ୍‌ଇ ୧୦ମ ବୋର୍ଡ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିଲା। ଏଥିରେ କଣାସ ବ୍ଲକ ବଡ଼ାସ ଗ୍ରାମର ଶିକ୍ଷକ ଦାଶରଥି ବେହେରା ଓ ଅଙ୍ଗନୱାଡ଼ି କର୍ମୀ ମାତା କୁନିମଣି ବେହେରାଙ୍କ ପୁତ୍ର ତଥା ସତ୍ୟବାଦୀ ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଛାତ୍ର ପ୍ରିୟବ୍ରତ ବେହେରା ୯୫.୬% ନମ୍ବର ରଖି ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସେ ସତ୍ୟବାଦୀରେ ୫ମ ସ୍ଥାନରେ ଥିବାବେଳେ କଣାସ ବ୍ଲକରେ ପ୍ରଥମ ହୋଇଛନ୍ତି।

### ଦିଅର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର, ଅଭିଯୁକ୍ତ ଗିରଫ

ବଳଙ୍ଗା,୧୫।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ସଇରି ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଆକ୍ରମଣ କରିଥିବା ନେଇ ବୁଧବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଅର ପ୍ରଶାନ୍ତ ପ୍ରଧାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପବିତ୍ରମୋହନ ପ୍ରଧାନଙ୍କ ସ୍ତ୍ରୀ ଝୁନାମଣି ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ସ୍ୱାମୀ ପବିତ୍ର, ଶାଶୁ, ଶ୍ୱଶୁର ଓ ନଣନ୍ଦ ମିଶି ଝୁନାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଝୁନା ଏଥିରେ ପ୍ରତିବାଦ କରିବାରୁ ଦିଅର ପ୍ରଶାନ୍ତ ଏକ ଟାଙ୍ଗିଆରେ ତାଙ୍କ ହାତକୁ ଚୋଟ ପକାଇଥିଲେ। ଝୁନା ଜୀବନ ବିକଳରେ ନିଜର ୧ ବର୍ଷର ଝିଅକୁ ସାଙ୍ଗରେ ଧରି ପଡ଼ିଶା ଘରକୁ ଦୌଡ଼ି ପଳାଇ ବାପଘରକୁ ଖବର ଦେଇଥିଲେ। ଖବରପାଇ ଝୁନାଙ୍କ ମା' ଝିଅଙ୍କୁ ବଳଙ୍ଗା ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି।ଦେଇଥିଲେ। ସମ୍ମିଳନୀରେ ନିମାପଡ଼ା ଓ ଗୋପ ବ୍ଲକର ୪୬ଟି ପଞ୍ଚାୟତର ଶତାଧିକ ଯୁବଛାତ୍ର ପ୍ରତିନିଧିମାନେ ଯୋଗଦେଇଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ବଳଙ୍ଗା,୧୫।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ଦାଶଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ନିମାପଡ଼ା ଶିକ୍ଷା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମନ୍ତ ଶେଖର ରଥ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, କ୍ଲଷ୍ଟର ସଂଯୋଜକ କୃଷ୍ଣଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଦାଶ, ନିମାପଡ଼ା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କଲ୍ୟାଣ ସ୍ୱାଇଁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଶଙ୍କର ବେହେରା ସଭା ପରିଚାଳନା କରିଥିଲାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦାଶଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପିଇବା ପାଣି ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ, ୧୫।୫(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମେଗା ୱାଟର ପ୍ରୋଜେକ୍ଟ ମାଧ୍ୟମରେ ଜଳ ଯୋଗାଇ ଦେଉଛନ୍ତି ବୋଲି ସରକାର କହୁଛନ୍ତି। ହେଲେ ପୁରୀ ସଦର ବ୍ଲକ ଚାଳିଶବାଟିଆ ପଞ୍ଚାୟତର ଲହଡ଼ିଆ ଗ୍ରାମରେ ବାସ କରୁଥିବା ଲୋକମାନେ ବିଶୁଦ୍ଧ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀ ଜଳ ସମସ୍ୟା ସମାଧାନ ନିମନ୍ତେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି, ଦୀର୍ଘ ବର୍ଷ ହେବ ସେମାନେ ବିଶୁଦ୍ଧ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ନଳକୂପ ଥିଲେ ମଧ୍ୟ ସେଥିରୁ ଲୁଣି ପାଣି ବାହାରୁଛି । ଏନେଇ ଜିଲା ପ୍ରଶାସନ ପାଖରେ ବାରମ୍ବାର ଦାବି ପରେ ମଧ୍ୟ ପାନୀୟ ଜଳ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କରାଯାଉନାହିଁ। ଏପରି କି ପାଣି ପାଇପ୍ ମଧ୍ୟ ଗ୍ରାମରେ ପକାଯାଉ ନାହିଁ। ଗ୍ରାମରେ ୪୦୦ରୁ ଅଧିକ ଅଧିବାସୀ ବାସ କରୁଛନ୍ତି। ଅଭିଯୋଗ ହେଲେ ଗ୍ରୀଷ୍ମଦିନରେ ଟ୍ୟାଙ୍କରରେ ପାଣି ଯୋଗାଣ କରି ପ୍ରଶାସନ ଚୁପ ବସି ରହୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେହି ଚିନ୍ତା କରୁ ନାହାନ୍ତି। ଗ୍ରାମବାସୀ ନଈ, ପୋଖରୀରୁ ପାଣି ପିଉଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଗ୍ରାମବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି। ଅପରପକ୍ଷରେ ସମସ୍ୟାକୁ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ ଅଭିମନ୍ୟୁ ବାରିକ ସ୍ୱୀକାର କରିଛନ୍ତି। ବିଭାଗୀୟ ଅଧିକାରୀ କହିଛନ୍ତି, ଲହଡିଆ ଗ୍ରାମର ମାଟି ତଳେ ମଧୁର ଜଳ ଉତ୍ସ ନାହିଁ। ଏଣୁ ନଳ କୂପ ସ୍ଥାପନ ସତ୍ତ୍ୱେ ପାନୀୟ ଜଳ ସମସ୍ୟା ସମାଧାନ ହୋଇ ପାରିନାହିଁ। ତେବେ ଲୋକଙ୍କ ସମସ୍ୟାକୁ ଦୃଷ୍ଟି ରେ ରଖାଯାଇ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଗ୍ରାମରେ ୪ଗୋଟି ନଳକୂପ ରହିଛି ତେବେ ପାଣି ଖାରି ରହୁଛି ତେଣୁ ଗ୍ରାମବାସୀ ପିଇବାରେ ସମସ୍ୟା ରହୁଛି। ଗତ କିଛି ମାସ ତଳେ ମଧ୍ୟ ଗୋଟିଏ ନଳକୂଳ ଖୋଳାଯାଇଥିଲା ମାତ୍ର ସେଥିରୁ ମଧ୍ୟ ଖାରି ଜଳ ବାହାରୁଛି। ତେବେ ମେଗା ପାନୀୟ ଜଳ ପ୍ରକଳ୍ପରେ ଉକ୍ତ ଗ୍ରାମକୁ ସଂଯୋଗ କରାଯିବ। ଏ ନେଇ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଅଧିକାରୀ କହିଛନ୍ତି।

## ଆଜିଠୁ ତୁମ୍ବଗୁଡ଼ିକରେ ସୂତାବାଡ଼ିଆ କାର୍ଯ୍ୟ ଆରମ୍ଭ



ରଥ ଖଳାରୁ...

ପୁରୀ,୧୫।୫ (ଅଜିତ୍ କୁମାର ମହାନ୍ତି)

ପବିତ୍ର ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇଥିବା ରଥ ନିର୍ମାଣର ବୁଧବାର ପଞ୍ଚମ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ପଞ୍ଚମ ଦିନର କାର୍ଯ୍ୟ ଶେଷ ସୁଦ୍ଧା ୩ ରଥର ମୋଟ ୪୨ଟି ତୁମ୍ବରୁ ୪୧ଟି ତୁମ୍ବର ଗୋଲେଇ ସହ ମଠା କାମ ସରିଛି। କାର୍ଯ୍ୟ ସରିଥିବା ୪୧ଟି ତୁମ୍ବ ମଧ୍ୟରୁ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମୋଟ ୧୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥର ସମସ୍ତ ୧୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ସରିଛି। ତେବେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ମୋଟ ୧୪ଟି ତୁମ୍ବରୁ ୧୩ଟି ତୁମ୍ବର ଗୋଲେଇ ସହ ମଠାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତୁମ୍ବ କାର୍ଯ୍ୟ ପ୍ରାୟ ଶେଷ ହେବା ପରେ ଗୁରୁବାରଠାରୁ ତୁମ୍ବ ବିନ୍ଧ ପାଇଁ ୩ ରଥର ତୁମ୍ବଗୁଡ଼ିକରେ ସୂତାବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଜିଆଇ ଲୁହା ରଡ କାଟି ୬/୭ ଇଞ୍ଚର ଅରକଣ୍ଟା ନିର୍ମାଣ ସହ ତୁମ୍ବରେ ବସିବା ପାଇଁ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି। ୫ମ ଦିନରେ ୩ ରଥର ୪୭ ଜଣ ମହାରଣା ସେବକ, ୨୭ ଜଣ ଭୋଇ ସେବକ, ୪ ଜଣ କରତୀ ସେବକ, ୯ ଜଣ କମାର ସେବକ, ଜଣେ ତୁମ୍ବ ବିନ୍ଧ କାରିଗର, ଜଣେ ରଥଖଳା ସହାୟକ (ପାଣି ବାଲା) ଏହିପରି ମୋଟ ୮୯ ଜଣ କାରିଗର ଓ ସେବକ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

# ରଥଖଳାରେ ପହଞ୍ଚିଲା ୬ଷ୍ଠ ପର୍ଯ୍ୟାୟ ରଥକାଠ



ଷଷ୍ଠ ପର୍ଯ୍ୟାୟରେ ନୟାଗଡ ବନାଞ୍ଚଳରୁ ରଥକାଠ ବୁଧବାର ରଥଖଳାରେ ପହଞ୍ଚିଛି।

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ତେବେ ବସନ୍ତପଞ୍ଚମୀରେ ରଥକାଠ ପୂଜା ହୋଇ ଅକ୍ଷୟତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ନୟାଗଡ଼ ବନାଞ୍ଚଳରୁ ୬ଷ୍ଠ ପର୍ଯ୍ୟାୟରେ ଗୋଟିଏ ଟ୍ରକରେ ୨୨ ଖଣ୍ଡ ରଥକାଠ ଆସି ପୁରୀରେ ପହଞ୍ଚିଛି। ଏହି ରଥକାଠ ମଧ୍ୟରେ ୧୨ ଫୁଟିଆ ଓ ୨୦ ଫୁଟିଆ କାଠ ରହିଛି। ୨୨ ଖଣ୍ଡ ମଧ୍ୟରୁ ୪ ଖଣ୍ଡ ଅସନ କାଠ ରହିଥିବାବେଳେ ୧୮ ଖଣ୍ଡ ଧଉରା କାଠ ରହିଛି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ୫୩ ଖଣ୍ଡ କାଠ ବଳକା ରହିଥିବାରୁ ଚଳିତବର୍ଷ ୮୧୨ ଖଣ୍ଡ କାଠ ଆବଶ୍ୟକ ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ୧୦୨ ଖଣ୍ଡ କାଠ, ଦ୍ୱିତୀୟ ପର୍ଯ୍ୟାୟରେ ୨୫ ଖଣ୍ଡ ଧଉରା ଓ ଅସନ କାଠ, ତୃତୀୟ ପର୍ଯ୍ୟାୟରେ ୨୫ ଖଣ୍ଡ ଧଉରା କାଠ, ଚତୁର୍ଥ ପର୍ଯ୍ୟାୟରେ ୧୪ ଖଣ୍ଡ ଫାସିକାଠ ଏବଂ ୫ମ ପର୍ଯ୍ୟାୟରେ ୭୨ ଖଣ୍ଡ ରଥ କାଠ ଆସି ରଥଖଳାରେ ପହଞ୍ଚିଥିଲା। ପର୍ଯ୍ୟାୟ କ୍ରମେ ରଥକାଠ ଆସି ପୁରୀରେ ପହଞ୍ଚିବ ବୋଲି ମେକାପ ସୂଚନା ଦେଇଛନ୍ତି।

## ବ୍ରହ୍ମଗିରି ଆଦର୍ଶ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସଫଳତା

ବ୍ରହ୍ମଗିରି,୧୫।୫(ସ୍ୱାଧୀନ ଚମ୍ପତିରାୟ)

ଚଳିତବର୍ଷ ସିବିଏସ୍‌ଇ ୧୦ମ ବୋର୍ଡ ପରୀକ୍ଷାରେ ବ୍ରହ୍ମଗିରିସ୍ଥିତ ଆଦର୍ଶ ବିଦ୍ୟାଳୟ ୯୮.୬୧% ସଫଳତା କରିଛି। ଚଳିତବର୍ଷ ବିଦ୍ୟାଳୟରୁ ୭୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୭୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୦ ଛାତ୍ରୀଛାତ୍ରଙ୍କ ୯୦%, ୨୩ ଛାତ୍ରୀଛାତ୍ରଙ୍କ ୮୦%ରୁ ଊର୍ଦ୍ଧ୍ୱ ଓ ୨୧ ଛାତ୍ରୀଛାତ୍ରଙ୍କ ୭୦%ରୁ ଊର୍ଦ୍ଧ୍ୱ ନମ୍ବର ରହିଛି। ବିଦ୍ୟାଳୟର ଅବିନାଶ ବିଶ୍ୱାଳ ୯୬.୮% ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ଉକ୍ତ ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ବେହେରା ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଳ ଅଷ୍ଟମୀ ତିଥି ବୁଧବାର ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ବା ନୀଳାଦ୍ରି ମହୋଦୟ ଉପଲକ୍ଷେ ସ୍ୱତନ୍ତ୍ର ନୀତି ଶ୍ରୀମନ୍ଦିରରେ ସମ୍ପନ୍ନ ହୋଇଛି। ଭୋର୍‌ରୁ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ହେବା ପରେ ଭିତର ଶୋଧ, ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ମହାପ୍ରଭୁଙ୍କ ସକାଳ ଧୂପ ସାରି ଆଇଟ ଲାଗି ପରେ ମଇଲମ ଲାଗି ହୋଇଥିଲା। ଯାତ୍ରାଙ୍ଗି ମହାସ୍ନାନ ପୂଜା ହୋଇଥିଲା। ପରେ ପୂର୍ବ ରାତ୍ରରୁ ଭୋଗ ମଣ୍ଡପ ଘରେ ଅଧିବାସ ହୋଇ ରଖାଯାଇଥିବା ୧୦୮ଗରାଜଳକୁ ପାଳିଆ ପ୍ରତିହାରୀ ଡାକି ଯାଇଥିଲେ। ଏହାପରେ ଘଣ୍ଟ, ଛତା, କାହାଳି ପଟୁଆରରେ ଗରାବଡୁ ସେବକ କମାଳେ ମୁହଁରେ ବାଘମୁହଁ ବାନ୍ଧି ୪ବାଡ଼ କରି ଜଳକୁ ମହାପ୍ରଭୁଙ୍କ ନିକଟକୁ ବିଜେ ହୋଇଥିଲେ। ୧୦୮ ଗରା ଜଳ ମଧ୍ୟରୁ ବଳଭଦ୍ରଙ୍କ ବାଡ଼ରେ ୩୩ ଗରା, ଶ୍ରୀଜଗନ୍ନାଥଙ୍କ ବାଡ଼ରେ ୩୫ ଗରା, ମା' ଶୁଭଦ୍ରାଙ୍କ ବାଡ଼ରେ ୨୨ ଗରା ଏବଂ ସୁଦର୍ଶନଙ୍କ ବାଡ଼ରେ ୧୮ ଗରା ଜଳ ରଖାଯାଇଥିଲା। ଏହାପରେ ପାଳିଆ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ସୁବର୍ଣ୍ଣ ଦର୍ପଣରେ ଶ୍ରୀବିଗ୍ରହଙ୍କୁ ଜଳ ଲାଗି ପୂଜା ସମ୍ପନ୍ନ କରିଥିଲେ। ପରେ ମହାପ୍ରଭୁଙ୍କ ମଇଲମ କରି ନୂଆ ଲୁଗା ଲାଗି ହୋଇ ପାଣି ପଡ଼ିଥିଲା। ଏହା ପରେ ରୂପା ପିଙ୍ଗଣ ତିନିଟିରେ ପଣ୍ଡା, ପତି ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ସିଂହାସନ ଉପରେ ସଂସ୍କାର କରାଇ ପୃଷ୍ଠାଳକଙ୍କ ସହିତ ଚନ୍ଦନ ସର୍ବାଙ୍ଗ କରାଇଥିଲେ। ପରେ ଯାତ୍ରାଙ୍ଗ ଭୋଗ ଓ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା । ଏହି ଧୂପ ଉଠିଲେ ଦକ୍ଷିଣ ଭୋଗ ସାରି ରାମକୃଷ୍ଣ ଓ ମଦନମୋହନ ସିଂହାସନକୁ ବିଜେ କରନ୍ତି। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଧୂପ ମଣୋହି କଲା ପରେ, ପାଣି ପଡ଼ିଥିଲା। ତିନିବାଡ଼ରେ ବନ୍ଦାପନା ହେଲା ପରେ ପୂଜାପଣ୍ଡା ଆଜ୍ଞା ମାଳ ଠାକୁର ଠାକୁରାଣୀ ପ୍ରଦାନ କରିବା ପରେ ଚନ୍ଦନ ଯାତ୍ରାକୁ ବିଜେ କରିଥିଲେ।



ପୁରୀ ଗୋପୀନାଥପୁର ଗ୍ରାମପଞ୍ଚାୟତରେ ବିଜେଡିର ପ୍ରଚାର ଅଭିଯାନରେ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସ୍ତ୍ରୀ ଓ ମଞ୍ଚାସୀନ ଅତିଥି ।

# ଜଗବନ୍ଧୁ ସିଂଙ୍କ ମହାପ୍ରୟାଣ ଅବସରରେ ସାରସ୍ୱତ ସଭା

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)



ପବିତ୍ର ନୀଳାଦ୍ରି ମହୋଦୟ ତିଥି ଅବସରରେ ଭକ୍ତ ସାଲବେଗ ପୀଠ ସଭାଗୃହରେ ବିଶିଷ୍ଟ ସାମାଜିକ କର୍ମୀ, ଐତିହାସିକ ତଥା ଆଇନଜୀବୀ ଜଗବନ୍ଧୁ ସିଂଙ୍କ ମହାପ୍ରୟାଣ ଅବସରରେ ଏକ ସାରସ୍ୱତ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ସ୍ମୃତି ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭାପତି କବି ଶିବ ସୁନ୍ଦର ମିଶ୍ର ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. କୈଳାସଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧିକା ତଥା ଗବେଷିକା ବାସନ୍ତୀ ଦେବୀ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଜଗବନ୍ଧୁଙ୍କ ସିଂଙ୍କ ଅମ୍ଳାନ ପ୍ରତିଭା ଓ ବ୍ୟକ୍ତିତ୍ୱରେ ଓଡ଼ିଆ ଅସ୍ମିତାର ବିଭବ ପ୍ରକାଶିତ ହୋଇଥାଏ। ଆମ ଐତିହ୍ୟ, ସଂସ୍କୃତିର ବିକାଶ ପାଇଁ ତାଙ୍କ ଦ୍ୱାରା ରଚିତ ପ୍ରାଚୀନ ଉତ୍କଳ ଜ୍ୟୋତିଷାର୍ଣ୍ଣବ ଓ ଗୃହଲକ୍ଷ୍ମୀ ପୁସ୍ତକର ଆବଶ୍ୟକତା ରହିଛି। ସାହିତ୍ୟ ଆଲୋଚନାଚକ୍ରରେ ପୁଷ୍କର ମହାପାତ୍ର, ବିପିନ ବିହାରୀ ଦଳାଇ, ଉମାକାନ୍ତ ମହାପାତ୍ର, ଭାରତୀ ଭୂଷଣ ଦାସ, ଚାରୁଲତା ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ସାରଙ୍ଗଧର ଷଡ଼ଙ୍ଗୀ, ଦୁର୍ଗା ମାଧବ ଦାଶ, ଡା. ରାନୁ ମିଶ୍ର, ରଶ୍ମିରେଖା ସାମନ୍ତରାୟ, ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ସିଂଙ୍କ ସ୍ମୃତିଚାରଣ କରିଥିଲେ। ପୁଲକ ମିଶ୍ର ଏବଂ ଉମେଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବି ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ତୃଷାର୍ତ୍ତ ବୃକ୍ଷଙ୍କୁ ଜଳଦାନ

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ଜଳବାୟୁର ଆର୍ଦ୍ରତା, କଂକ୍ରିଟ ରାସ୍ତା ଓ କୋଠାର ପ୍ରଖର ରଶ୍ମି ବିକିରଣ, ପ୍ରଚଣ୍ଡ ରୌଦ୍ରତାପ ଓ ହ୍ରାସ ପାଉଥିବା ଜଳସ୍ତରରେ ତୃଷାର୍ତ୍ତ ହୋଇ ଯାଉଥିବା ରାସ୍ତାକଡ଼ର ବୃକ୍ଷମାନଙ୍କୁ ଜଳଦାନ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଉଛି। ବୁଧବାର ପୁରୀରୁ ମାଳତୀପାଟପୁର, ନାଗପାଟଣାରୁ ଗୋପାଳପୁର ଓ ନାଗପାଟଣାରୁ ପୁରୀ ଭୁବନେଶ୍ୱରକୁ ସ୍ପର୍ଶ କରୁଥିବା ରାଜପଥର ଉଭୟପାର୍ଶ୍ୱରେ ଥିବା ତୃଷାର୍ତ୍ତ ବୃକ୍ଷଙ୍କୁ ଟ୍ୟାଙ୍କର ମାଧ୍ୟମରେ ଜଳଦାନ କରାଯାଇଛି। ଗତ ୬ ତାରିଖରୁ ୧୦ ଦିନ କାଳ ମଧୁରଜଳ ଅଞ୍ଚଳ, ପୁରୀ -ଗିରଳ, ନାଗପାଟଣା -ବାଲିଘାଟ, ଆଇଟିଆଇ ଓ କ୍ରୀଡ଼ା ଷ୍ଟାଡିୟମ ଅଞ୍ଚଳରେ ଏହି ଜଳଦାନ ଆରମ୍ଭ ହୋଇଥିଲା, ଯାହା ବୁଧବାର ଶେଷ ହୋଇଛି। ବିନା ସରକାରୀ ଓ ବେସରକାରୀ ସହାୟତାରେ ଅର୍ଥାତ୍ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଉଦ୍ୟମରେ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ୭୨ ଟ୍ୟାଙ୍କର ଜଳ ବ୍ୟବହୃତ କରାଯାଇଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ଅଧିକାରୀଙ୍କ ସହ ଆଇଟିଆଇ ଅଧ୍ୟକ୍ଷ ଅରବିନ୍ଦ ଘୋଷ, ଗଣମାଧ୍ୟମ ପ୍ରତିନିଧି, ପ୍ରକୃତିମିତ୍ର ମଧୁସୂଦନ ମିଶ୍ର, ଅଧିବକ୍ତା ଦେବାଶିଷ ଦାସ, ଅଧିବକ୍ତା ରଶ୍ମିରଞ୍ଜନ ଦାଶ, ଶିବରାମ ପ୍ରଧାନ, କେଦାରନାଥ ମହାପାତ୍ର, ଗୋବିନ୍ଦ ପାତ୍ର, ସତ୍ୟ ନାରାୟଣ ପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ରାମକୃଷ୍ଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ପଟ୍ଟା ଦିଅ ଭୋଟ ନିଅ'





ପୁରୀ ବଳିଆପଣ୍ଡାସ୍ଥିତ ବିଜୟନଗର ବସ୍ତି ବାସିନ୍ଦାଙ୍କ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ପୁରୀର ଅନ୍ୟ ସମସ୍ତ ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ଦିଆଯାଇଥିବାବେଳେ ବଳିଆପଣ୍ଡା ବିଜୟନଗର ବସ୍ତି ବାସିନ୍ଦା ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ସହ ଧାରଣାରେ ବସିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଯଦି ଆସନ୍ତା ନିର୍ବାଚନ ପୂର୍ବରୁ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ନ ମିଳେ, ତେବେ ବସ୍ତି ବାସିନ୍ଦା ଭୋଟ ବର୍ଜନ କରିବେ ବୋଲି ସୂଚନା ଦେଇଛନ୍ତି। ପଟ୍ଟା ନ ମିଳିଥିବାରୁ ଭୋଟ ଭିକ୍ଷା କରିବାକୁ କୌଣସି ନେତାଙ୍କୁ ବସ୍ତି ମଡ଼େଇ ଦିଆଯିବନି ବୋଲି କହିଛନ୍ତି। ଏପରି କି ବସ୍ତିରେ ନିର୍ବାଚନ ପ୍ରଚାର ହେବନି। ସମ୍ମିଳନୀରେ ବିଜୟନଗର ବସ୍ତି ସଭାପତି ବାସନ୍ତୀ ମୁଦି ସୂଚନା ଦେଇ କହିଛନ୍ତି, ୨୦୧୭ରୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ବିଜୟନଗର ବସ୍ତି ବାସିନ୍ଦାଙ୍କ ସହ ଖେଳ ଖେଳୁଛନ୍ତି। ବାରମ୍ବାର ଜିଲା ପ୍ରଶାସନ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଦେବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବସ୍ତିବାସିନ୍ଦାଙ୍କ ସହ ଛଳନା କରି ପଟ୍ଟା ପ୍ରଦାନ କରୁନାହାନ୍ତି। ତେଣୁ ବସ୍ତିବାସିନ୍ଦା ପଟ୍ଟା ନ ମିଳିବା ପର୍ଯ୍ୟନ୍ତ ଭୋଟ ବର୍ଜନ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ବସ୍ତିରେ ପାଖାପାଖି ୨ହଜାରରୁ ଅଧିକ ଘର ଥିବା ବେଳେ ୮ ହଜାରରୁ ଅଧିକ ଭୋଟର ରହିଛନ୍ତି। ତେବେ କେହି ଭୋଟ ଦେବେ ନାହିଁ। ପ୍ରଚାର ପାଇଁ ନେତାଙ୍କୁ ବସ୍ତିରେ ପ୍ରବେଶ କରେଇ ଦିଆଯିବନି। ଏପର୍ଯ୍ୟନ୍ତ ଯେଉଁ ନେତା ଏଠାକୁ ଆସିଛନ୍ତି ସମସ୍ତଙ୍କୁ ଫେରାଇ ଦିଆଯାଇଛି ବୋଲି ବାସନ୍ତୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମନୋଜ ମଣ୍ଡଳ, କୋଷାଧ୍ୟକ୍ଷ ନବ ପ୍ରଧାନ, ଉପସଭାପତି ଗୋବିନ୍ଦ ମହାନ୍ତି, ସୌଦାମିନୀ ବାରିକ୍, ବାସୁଦେବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)



ଆସନ୍ତା ନିର୍ବାଚନ ପାଇଁ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ପୁରୀ ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପାଇଁ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ବୁଧବାର ଚୂଡ଼ାନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଶ୍ୱମ୍ଭର ବିଦ୍ୟାପୀଠ ଓ ପୁରୀ ଜିଲା ସ୍କୁଲଠାରେ ବୁଧବାର ପୂର୍ବାହ୍ନରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଉପଜିଲାପାଳ ଗୋପୀନାଥ କୁଅଁର, ପୁରୀ ସଦର ତହସିଲଦାର ଅଭିଷେକ ଦାଶ, ପୁରୀ ସଦର ବିଡିଓ ସମ୍ପିତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ମାଷ୍ଟର ଟ୍ରେନରମାନେ ପ୍ରିଜାଇଡିଂ ଓ ସମସ୍ତ ପୋଲିଂ ଅଫିସରମାନଙ୍କ ଦାୟିତ୍ୱ ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ପୂର୍ବ ପ୍ରଶିକ୍ଷଣରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବା ସହ ପ୍ରିଜାଇଡିଂ ଅଫିସରଭାବେ ଦାୟିତ୍ୱ ନିର୍ବାହ ପାଇଁ ଉଦ୍ଦିଷ୍ଟ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ ପ୍ରଦାନ କରାଯାଇ ଏହାକୁ ତନ୍ନ ତନ୍ନ କରି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଇଭିଏମ୍ ପରିଚାଳନା କରିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ନିର୍ବାଚନ ଏକ ସାମୁହିକ କାର୍ଯ୍ୟ। ଟିମ ଗଠନ ହେବା ପରେ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଆବଶ୍ୟକ ବୋଲି ବରିଷ୍ଠ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଯେଉଁମାନେ ପୋଷ୍ଟାଲ ଭୋଟ ପାଇଁ ପୂର୍ବରୁ ଆବେଦନ କରିଥିଲେ, ସେମାନଙ୍କୁ ମତଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା।

# ଶର୍ଟସର୍କିଟରୁ ଜଳିଗଲା ୩ ଦୋକାନ

## ପାଣ୍ଡରା ରୋଡ୍‌ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୫।୫(ସତ୍ୟଜିତ ରାଉତ)

ଭୁବନେଶ୍ୱର ଜିଜିପି କଲୋନୀ ନିକଟ ପାଣ୍ଡରା ରୋଡ୍‌ରେ ବୁଧବାର ରାତିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ରାସ୍ତା ପାର୍ଶ୍ୱରେ ଲାଗି ଲାଗି ଥିବା ୩ ଦୋକାନ ଜଳି ପୋଡି ପାଉଁଶ ହୋଇଯାଇଥିବାବେଳେ ଆଉଏକ ଦୋକାନ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଜଳିଯାଇଥିବା ଦୋକାନଗୁଡିକ ମଧ୍ୟରେ ବିଭୂତି ପ୍ରସାଦ ଚଣ୍ଡଙ୍କ ପରିବା ଦୋକାନ, ଶିବରାମ ତରାଇଙ୍କ ଫଳ ଦୋକାନ ଓ ହରିହର ସାହୁଙ୍କ ଫାଷ୍ଟଫୁଡ଼ ଦୋକାନ ରହିଛି। ଅଗ୍ନିକାଣ୍ଡରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତି ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ କଳ୍ପନା ଅଗ୍ନିଶମ କେନ୍ଦ୍ରର ଟିମ୍ ଦୁଇଟି ଗାଡି ସହ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲା। ତେବେ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ପାଇଁ ନିକଟରେ ଥିବା ପାନ ଦୋକାନ ସମ୍ପୂର୍ଣ୍ଣ ଜଳିବାରୁ ରକ୍ଷା ପାଇଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଦୋକାନରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯିବା ପରେ ନିଆଁ ଭୟଙ୍କର ରୂପ ନେଇଥିବା କୁହାଯାଉଛି।

ସୂଚନାନୁସାରେ, ରାତି ପ୍ରାୟ ୧୧ଟା ବେଳେ ଦୋକାନୀମାନେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ସାଢ଼େ ୧୧ଟାରେ ଫାଷ୍ଟଫୁଡ଼ ଦୋକାନରୁ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଚାହୁଁଚାହୁଁ ଦୋକାନଟି ହୁତୁହୁତୁ ହୋଇ ଜଳିବା ସହ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିଯାଇଥିଲା। ଦୋକାନଗୁଡ଼ିକ କାଠରେ ତିଆରି ହୋଇଥିବାରୁ ନିଆଁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଥିଲା। ପରିବା ଦୋକାନର ଫ୍ୟାନ ୩ଟା, ୨ଟା କମ୍ପ୍ୟୁଟର କଣ୍ଟା, ୨ଟା ଫ୍ରିଜ୍ ସମେତ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡିଯାଇଥିବା ମାଲିକ ବିଭୁତି କହିଛନ୍ତି। ସେହିପରି ଫଳ ଦୋକାନର ଗୋଟିଏ ଫ୍ରିଜ ସମେତ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଫଳମୂଳ ନଷ୍ଟ ହୋଇଯାଇଥିବା ଏହାର ମାଲିକ ଶିବରାମ କହିଛନ୍ତି। ହରିହର ସାହୁଙ୍କ ଫାଷ୍ଟଫୁଡ଼ ଦୋକାନରେ ଦୁଇଟି ଗ୍ୟାସ ଟାଙ୍କି ସମେତ ପ୍ରାୟ ୫୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ସେହିପରି ଫାଷ୍ଟଫୁଡ୍ ଦୋକାନ ନିକଟରେ ପାର୍କିଂ ହୋଇଥିବା ଏକ ସ୍କୁଟି ମଧ୍ୟ ଜଳିଯାଇଛି।



## ଓଡ଼ିଏମ୍ ଗ୍ଲୋବାଲରେ ସମର ସ୍କିଲ୍ କ୍ୟାମ୍ପ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)

ଓଡ଼ିଏମ୍ ଗ୍ଲୋବାଲ୍ ସ୍କୁଲରେ ଚଳିତ ବର୍ଷର ଗ୍ରୀଷ୍ମକାଳୀନ ଶିବିର 'ସମର୍ ସ୍କିଲ୍ କ୍ୟାମ୍ପ-୨୦୨୪' ଉଦ୍‌ଯାପିତ ହୋଇଯାଇଛି। ୧୫ଦିନ ଧରି ଚାଲିଥିବାଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ହସ୍ତଶିଳ୍ପ, ଚିତ୍ରକଳା, ଗଳ୍ପକଥନ, ସ୍ୱାସ୍ଥ୍ୟ ଏବଂ ଫିଟ୍‌ନେସ, କ୍ରିକେଟ୍, ଫୁଟ୍‌ବଲ, ବାସ୍କେଟ୍‌ବଲ, ଟେନିସ୍, ଫଟୋଗ୍ରାଫି, ସନ୍ତରଣ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍, ପ୍ରାଥମିକ ଆଶୁଚିକିତ୍ସା ଆଦି ବିଷୟରେ ପ୍ରଶିକ୍ଷିତ କରାଯାଇଥିଲା। ଶିବିରରୁ ଶିକ୍ଷା ଲାଭ କରିଥିବା କଳା ଓ କୌଶଳକୁ ବିଦ୍ୟାର୍ଥୀମାନେ ଅଭିଭାବକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷା ଶୈଳେନ୍ଦ୍ରକୁମାରୀ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ ଯୋଗଦେଇଥିଲେ। ଶିବିରର ସଫଳ ପରିଚାଳନା ପାଇଁ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହୋଟେଲରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୫।୫ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଛକରେ ଥିବା ଏକ ହୋଟେଲରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଏଥିରେ ହୋଟେଲ ଭିତରେ ଥିବା ବହୁ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି। ଉକ୍ତ ହୋଟେଲଟି ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ବୋଲି ଜଣାପଡିଛି। ଗତ ୩ ଦିନ ହେବ ତାଙ୍କ ହୋଟେଲ ବନ୍ଦ ଥିଲା। ରାତିରେ ହଠାତ ହୋଟେଲଟି ଜଳିଉଠିବା ଦେଖି ସ୍ଥାନୀୟ ଲୋକେ ମାଲିକ ପୂର୍ଣ୍ଣଙ୍କୁ ଖବର ଦେବା ସହ ତମାଣ୍ଡୋ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୋଲିସକୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୫ (ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ପୋଲିସ ଉପରେ ଆକ୍ରମଣ ହୋଇଛି। ପିସିଆର୍ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଜଣେ ହାବିଲଦାରଙ୍କ ଉପରେ ଇଟା ମାଡ଼ ହୋଇଛି। ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଭୀମପୁର ବସ୍ତିର ପଠାଣି ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରୀ ରାମଚନ୍ଦ୍ର ମାରାଣ୍ଡି କ୍ୟାପିଟାଲ ଥାନାରେ ପିସିଆର୍ ହାବିଲଦାର ଭାବରେ କାର୍ଯ୍ୟରତ ଅଛନ୍ତି। ଅଭିଯୁକ୍ତ ପଠାଣୀ ଫାଳିକିଆ ବସ୍ତିରେ ଲୋକଙ୍କୁ ଗାଳିଗୁଲଜ କରୁଥିବା କଣ୍ଟ୍ରୋଲ ରୁମ୍‌ରୁ ସୂଚନା ପାଇବା ପରେ ରାମଚନ୍ଦ୍ର ତୁରନ୍ତ ପିସିଆର ଗାଡିରେ ଅନ୍ୟ ପୋଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଉତ୍ତେଜନା ସୃଷ୍ଟି କରୁଥିବା ଅଭିଯୁକ୍ତ ପଠାଣିଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ କିଛି ନ ଶୁଣି ଓଲଟା ପିସିଆର୍ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ସହ ରାମଚନ୍ଦ୍ରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଇଟା ଫୋପାଡି ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଆକ୍ରମଣରୁ ବର୍ତ୍ତିଯିବାକୁ ଚେଷ୍ଟା କରିବା ସମୟରେ ଉକ୍ତ ଇଟା ପିସିଆର ବୋଲେରୋରେ ବାଜିଥିଲା ଓ ଗାଡିର କିଛି ଅଂଶ ନଷ୍ଟ ହୋଇଯାଇଥିଲା। ପରେ ପିସିଆର କର୍ମଚାରୀମାନେ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିବା ପରେ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

# ଟ୍ରେନ୍‌ରୁ ଚୋରି: ୨ ଜେଲ୍ ଗଲେ

## ୨୫ ମୋବାଇଲ, ୯ ଲାପଟପ ଜବତ

ଭୁବନେଶ୍ୱର,୧୫।୫ (ସୂର୍ଯ୍ୟକାନ୍ତ ବେହେରା)

ରୋଜଗାର ପାଇଁ ମିଛ କହି ଘରୁ ବାହାରୁଥିଲେ। ହେଲେ ଚଳନ୍ତା ଟ୍ରେନ ଓ ଷ୍ଟେଶନରେ ବିଶ୍ରାମ ନେଉଥିବା ଯାତ୍ରୀଙ୍କଠାରୁ ଚୋରି କରୁଥିଲେ। ଏଭଳି ଜଣେ ପେଶାଦାର ଚୋର ସଞ୍ଜୟ ସେଠ ଓ ରିସିଭର ବିଷ୍ଣୁପଦ ନାୟକଙ୍କୁ ଗିରଫ କରିଛି ଭୁବନେଶ୍ୱର ଜିଆର୍‌ପି ଥାନା ପୋଲିସ। ଉଭୟଙ୍କଠାରୁ ବିଭିନ୍ନ କମ୍ପାନୀର ୨୫ ମୋବାଇଲ ଓ ୯ ଦାମୀ ଲାପ୍‌ଟପ ଜବତ ହୋଇଛି। ତେବେ ଅଭିଯୁକ୍ତ ସଞ୍ଜୟ ୨ଜଣଙ୍କୁ ବିବାହିତ କରିଥିବା ତଦନ୍ତବେଳେ ଜିଆରପି ଜାଣିବାକୁ ପାଇଛି। ସେହିପରି ଚୋରି ସାମଗ୍ରୀ ବିକ୍ରି କରି ମିଳୁଥିବା ଟଙ୍କାରେ ସେ ବିଭିନ୍ନ ହୋଟେଲରେ ରହିବା ସହ ଝିଅଙ୍କ ପଛରେ ଉଡାଉଥିଲେ। ସେହିପରି ଘରକୁ ନ ଯାଇ ଅଧିକାଂଶ ସମୟ ହୋଟେଲ ଓ ଷ୍ଟେଶନରେ ରହୁଥିଲେ। ବିଭିନ୍ନ ଥାନାରେ ସଞ୍ଜୟଙ୍କ ନାଁରେ ଆପରାଧିକ ମାମଲା ରହିଥିବା ଜିଆର୍‌ପି ପକ୍ଷରୁ ସୂଚନା ଦିଆଯାଇଛି।







ଗିରଫ ଦୁଇ ଅଭିଯୁକ୍ତ, ଜବତ ମୋବାଇଲ ଏବଂ ଲାପ୍‌ଟପ୍।

ଅପରପକ୍ଷେ ରିସଭର ବିଷ୍ଣୁପଦଙ୍କର ଖଣ୍ଡଗିରି ଅଞ୍ଚଳରେ ଏକ ପଲ୍ୟୁଶନ ସେଣ୍ଟର ରହିଥିବା ସୂଚନା ମିଳିଛି। ସେ ସଞ୍ଜୟଙ୍କଠାରୁ ଚୋରା ମୋବାଇଲ ରଖିବା ପରେ ଲୋକଙ୍କୁ ବିକ୍ରି କରିଥାଏ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ରେଲ୍‌ୱେ ଏସ୍‌ପି ବିରଞ୍ଚି ପ୍ରସାଦ ଦେହୁରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜିଆର୍‌ପି ସେମାନଙ୍କୁ ଧରିଥିବା ଜଣାପଡିଛି।

## ସାହିତ୍ୟିକ ସୁରେନ୍ଦ୍ର ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିପାଟଣା,୧୫।୫(ଅଭିମନ୍ୟୁ ନାୟକ)

ସାହିତ୍ୟିକ ସୁରେନ୍ଦ୍ର ନାଥ ଦାଶଙ୍କ ବିୟୋଗରେ ସରାଟ ଶାସନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପରିଚାଳନା କରିଥିଲେ। ଏହି ଅବସରରେ ସ୍ମରଣିକା 'ସ୍ମୃତି ସୌରଭ' ଉନ୍ମୋଚିତ ହୋଇଥିଲା। ଚିତ୍ତରଞ୍ଜନ, ଜ୍ଞାନରଞ୍ଜନ, ରଶ୍ମିରଞ୍ଜନ, ରଞ୍ଜିତା, ନମ୍ରତା, ସନ୍ଧ୍ୟାରାଣୀ, ବୀଣାପାଣି, ଜ୍ୟୋତ୍ସ୍ନାରାଣୀଙ୍କ ସମେତ ଅଧ୍ୟାପକ ମୂରଲୀଧର ସାହୁ, କଲ୍ୟାଣ କୁମାର ପଣ୍ଡା, କବି ଭଗବାନ ସାହୁ, ଭବାନୀଶଙ୍କର ଦାଶ, ପ୍ରତାପ ସ୍ୱାଇଁ, ଶକ୍ତି ପ୍ରସାଦ ଦାଶ, ଦେବେନ୍ଦ୍ର ନାଥ ଦାଶ, ରବୀନ୍ଦ୍ର ନାଥ ମିଶ୍ର, ଲେଖକ କାର୍ତ୍ତିକ ଚନ୍ଦ୍ର ଦାଶ, ନବଘନ ପଣ୍ଡା, ଅଶୋକ ଷଡ଼ଙ୍ଗୀ, ସୁଶୀଲ ନନ୍ଦ, ସୁଧୀର ନନ୍ଦ, ଶରତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

## ଠକେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୫(ସତ୍ୟଜିତ୍ ରାଉତ)

ଏକ ଠକେଇ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ଅଞ୍ଚଳର ସୁରଜ ସାହାଣୀ (୨୬)। ଅଭିଯୋଗକାରୀ ଅମ୍ଳାନ ଅନିର୍ବାଣଙ୍କ କ୍ୟାମେରାଟିକୁ ଅଭିଯୁକ୍ତ ସୁରଜଙ୍କୁ ୪ଦିନ ପାଇଁ ଭଡାରେ ଦେଇଥିଲେ। ହେଲେ ସୁରଜ କ୍ୟାମେରା ନେବାର ୩ ମାସ ପରେ ବି ତାହାକୁ ଫେରାଇ ନ ଥିଲେ। ଏପରିକି ଭଡ଼ା ବାବଦକୁ ୫୦ ହଜାର ଟଙ୍କା ମଧ୍ୟ ଦେଇ ନ ଥିଲେ। ଅଭିଯୋଗପରେ ପୋଲିସ ୨୦୨୩ ଜୁନ୍ ୧୦ରେ ଏକ ମାମଲା (ନଂ.୨୪୯/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ସୁରଜଙ୍କ ନାମରେ ଚନ୍ଦକା ଥାନା ଓ ଲକ୍ଷ୍ମୀସାଗର ଥାନାରେ ପୂର୍ବରୁ ୨ଟି ଚୋରି ମାମଲା ରହିଥିବା ସୂଚନା ଦିଆଯାଇଛି।

## ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନର ସାଧାରଣ ଅଧିବେଶନ

ଭୁବନେଶ୍ୱର,୧୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନର ପଞ୍ଚମ ସାଧାରଣ ଅଧିବେଶନ ବୁଧବାର ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଦି ଗ୍ଲୋବାଲ ପ୍ରେଜେନ୍ସ ଅଫ୍ ଦି ଓଡ଼ିଆ ପିପୁଲ ସିନ୍ସ ଦି ଆନ୍‌ସିଏଣ୍ଟ କଳିଙ୍ଗ ନୌବାଣିଜ୍ୟ ଟିଲ୍ ମଡର୍ନ ଟାଇମ୍' ଶୀର୍ଷକ ଆଲୋଚନା ହୋଇଥିଲା। ପ୍ରସାଦ ମହାପାତ୍ର ଓ ନୌବାଣିଜ୍ୟ ବିଶାରଦ ଅକ୍ଷୟ ପରିଜା ଉପସ୍ଥିତ ଥିଲେ। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଟ୍ରଷ୍ଟ ସଭାପତି ଡ. ଇତି ସାମନ୍ତ ସଭାପତିତ୍ୱ କରିଥିଲେ। ପ୍ରକାଶକ ବନୋଜ ତ୍ରିପାଠୀ ପରିଚାଳନା କରିଥିବାବେଳେ ଟ୍ରଷ୍ଟ ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନବିଭାଗ ପକ୍ଷରୁ ସାପ ଉଦ୍ଧାର, ଥଇଥାନ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୫।୫ (ଅସମାପିକା ସାହୁ)

ଭୁବନେଶ୍ୱର ନଗର ବନଖଣ୍ଡ ଅଧୀନରେ ଥିବା ୪ଟି ରେଞ୍ଜର କର୍ମଚାରୀଙ୍କୁ ନେଇ ଦିନିକିଆ ସାପ ଉଦ୍ଧାର ଓ ଥଇଥାନ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶର ରେଞ୍ଜର ପାତ୍ରପଡ଼ାଠାରେ ଥିବା ମେଡିସିନାଲ ଗାର୍ଡେନ ନଲେଜ ସେଣ୍ଟର ପ୍ରଦର୍ଶନୀ କକ୍ଷରେ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ସାପ ଉଦ୍ଧାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ନଗର ବନଖଣ୍ଡ ଅଧୀନରେ ଯେଉଁ ସାପ ଧରାଳିମାନେ ବନବିଭାଗ ଗାଇଡ଼ଲାଇନ ଅନୁଯାୟୀ ଦରଖାସ୍ତ ଦେଇଥିଲେ ସେମାନଙ୍କ ପାଇଁ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ସାପ ଉଦ୍ଧାର ସମୟରେ ଉଦ୍ଧାରକାରୀ, ଦେଖଣାହାରୀ ଏବଂ ସାପ ଯେପରି କେହି ବି ବିପଦରେ ନ ପଡିବେ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସୁରକ୍ଷିତ ସାପ ଉଦ୍ଧାର ସହିତ ଦୁର୍ଘଟଣାବଶତଃ ସର୍ପାଘାତ ହେଲେ କିପରି ଠିକ ପ୍ରାଥମିକ ଚିକିତ୍ସା କରାଯିବ ତାହାର ଡେମୋ ମଧ୍ୟ ଦିଆଯାଇଥିଲା। ସୋସିଆଲ ମିଡିଆରେ ସାପ ଧରିବା ଭିଡିଓ ପୋଷ୍ଟ କରି ବେଆଇନ ଟଙ୍କା ରୋଜଗାର କରିବାକୁ ଚେଷ୍ଟା କଲେ ନିଶ୍ଚୟ ଜେଲ ଦଣ୍ଡ ଭୋଗିବେ ବୋଲି ଉପସ୍ଥିତ ବନ ଅଧିକାରୀମାନେ ଚେତାବନୀ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଆଇଆର୍‌ଏସ ଅଧିକାରୀ ତଥା ଭୁବନେଶର କଷ୍ଟମ ବିଭାଗର ଜଏଣ୍ଟ କମିଶନର ସୁଶାନ୍ତ ମିଶ୍ର ଯୋଗଦେଇଥିଲେ।

ଏବେ ବିଦେଶୀ ସାପଙ୍କ ଚୋରା ଚାଲାଣ ମଧ୍ୟ ଦେଶରେ ବଢ଼ିବାରେ ଲାଗିଛି। ଏହି ସମୟରେ ବିମାନ ବନ୍ଦରରେ କଷ୍ଟମ ଅଧିକାରୀମାନେ ସାପ ଧରିବା କୌଶଳ ଶିଖିଥିଲେ କୌଣସି ସମସ୍ୟା ହେବ ନାହିଁ। ତେଣୁ ଏହି ଉଦ୍ଦେଶ୍ୟରେ ଜଏଣ୍ଟ କମିଶନର ସୁଶାନ୍ତ ଶିବିରରେ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ନଗର ବନଖଣ୍ଡ ଦୁଇଜଣ ଏସିଏଫ ସ୍ୱାଗତିକା ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ଭୁବନେଶର ରେଞ୍ଜ ଅଧିକାରୀ ସତ୍ୟାନନ୍ଦ ପାଲଙ୍କ ସହିତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଭୁବନେଶରରେ କାମ କରୁଥିବା ସ୍ନେକ ହେଲ୍ପ ଲାଇନର ୮ ଜଣ ଉଦ୍ଧାରକାରୀ ମଧ୍ୟ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/10, ତା.07.05.2024ରିଖ

(1) ଟେଣ୍ଡର ସଂ. eTender-CenKUR-08-2024, ତା.02.05.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY)/ଢ଼େଙ୍କାନାଳ ଅଧୀନସ୍ଥ ରାଜଆଠଗଡ଼ ୟାର୍ଡ ଠାରେ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 49.78 ଲକ୍ଷ, EMD: ₹ 99,600/-

(2) ଟେଣ୍ଡର ସଂ. eTender-CenKUR-38-2024, ତା.02.05.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେରଠାରୁ ଗୁରୁଡ଼ିଝାଟିଆ ପର୍ଯ୍ୟନ୍ତ ଲୁପ୍ ଲାଇନରେ ବେଗକୁ 30 କି.ମି. ପ୍ରତି ଘଣ୍ଟାରୁ 50 କି.ମି. ପ୍ରତି ଘଣ୍ଟାକୁ ପ୍ରସ୍ତାବିତ ବୃଦ୍ଧି ନିମନ୍ତେ P.WAY ସମ୍ପର୍କିତ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 142.48 ଲକ୍ଷ, EMD: ₹ 2,21,300/-

(3) ଟେଣ୍ଡର ସଂ. eTender-CenKUR-39-2024, ତା.02.05.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ଭୁବନେଶ୍ୱର ଏବଂ ରେଢଙ୍ଗ ୟାର୍ଡଠାରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ ଲେଆଉଟ୍‌ଗୁଡ଼ିକର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 49.24 ଲକ୍ଷ, EMD: ₹ 98,500/-

(4) ଟେଣ୍ଡର ସଂ. eTender-HqKUR-40-2024, ତା.02.05.2024ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ସେକ୍ସନ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ୟାର୍ଡର ଲୁପ୍ ଲାଇନ୍‌ରେ 10.337 କି.ମି. ଲୟ ନିମନ୍ତେ CTR(S) ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 296.85 ଲକ୍ଷ, EMD: ₹ 2,98,400/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 10 (ଦଶ) ମାସ (କ୍ରମ ସଂ. 2 ପାଇଁ), 08 (ଆଠ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକେରିୟରଙ୍କ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-117/P/24-25



**OFFICE OF THE DISTRICT JUDGE, KENDRAPARA**
**ADVERTISEMENT NO. 02/Rect./2024**
Dated, Kendrapara the 15th day of May, 2024

Applications in the prescribed format are invited from the eligible candidates for filling up of the following vacancies in the judgeship of Kendrapara.

| Sl. No. | Name of the post | Scale of Pay | Category SC | ST | SEBC | UR | Total No. of posts |
|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900- Rs.63,200/- under Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | 01 | 01 | 03 | 06 |
| 2 | Junior Typist | Rs.19,900- Rs.63,200/- udner Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | - | - | - | 01 |
| 3 | Salaried Amin | Rs.21,700- Rs.69,100/- under Level-5 of the pay matrix given in the 1st schedule of the O.R.S.P. Rules, 2017 | - | 01 | - | - | 01 |

Last date of receipt of application: 5.00 P.M. of 17.06.2024.
For details please visit the official website of District Court, Kendrapara https://kendrapara.dcourts.gov.in/.

Sd./- DISTRICT JUDGE-CUM-CHAIRMAN,
DISTRICT RECRUITMENT COMMITTEE, KENDRAPARA



**PRESS RELEASE**
**ELECTION EXPENDITURE OBSERVERS CONTACT DETAILS OF KENDRAPARA DISTRICT**

No.D-43 : Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the Expenditure Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Swati Chulet, IRAS (Mob - 9001195022) | 15 - Kendrapara PC | 7205524593 |
| 2. | Bhubaneswari S, IRS (Mob - (9176148290) | 97 - Kendrapara AC<br>98 - Aul AC<br>99 - Rajanagar AC | 7205517289 |
| 3. | Paventhan Arumugam, IA & AS (Mob - 9629030604) | 96 - Patkura AC<br>100 - Mahakalapada AC | 7205517089 |

**PRESS RELEASE**
**ELECTION GENERAL OBSERVERS CONTACT DETAILS OF KENDRAPARA DISTRICT**

Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the General Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Mr. B.K. Vasava, IAS (Mob : 9825447122) | 15 - Kendrapara PC<br>97 - Kendrapara AC<br>98 - Aul AC<br>99 - Rajnagar AC | 7205514952 |
| 2. | Mr. Saket Malviya, IAS (Mob : 9868324011) | 15 - Kendrapara PC<br>96 - Patkura AC<br>100 - Mahakalpada AC | 7205527541 |

Sd./- District Election Officer & Collector
OIPR-12171/11/0002/2425



**DISTRICT ELECTION OFFICE, KHORDHA**
**Mail ID: deo.khordha2024@gmail.com**

| Sl. No. | Name of the Expenditure Observers | Name of the P.C./A.C. | Contact No. |
|---|---|---|---|
| 1. | Mr. Venkata Murali, IAS | 111 - Jayadev A.C.<br>112 - Bhubaneswar Central A.C.<br>113 - Bhubaneswar North A.C.<br>114 - Ekamra Bhubaneswar A.C. | 7978090286 |
| 2. | Mrs. G. Rekha Rani, IAS | 115 -Jatani A.C.<br>116 - Begunia A.C.<br>117 - Khordha A.C. | 7978418507 |
| 3. | Mr. T.V. Subash, IAS | 118 - Chilika A.C. | 7978108436 |
| 4. | Mr. Yaram Nagi Reddy, IPS | Police Observer | 9348823290 |



**ODISHA PUBLIC SERVICE COMMISSION, CUTTACK**
**NOTICE**
No.- 2728/PSC, Dt - 15.05.2024
(DR - IV)(2PF-01-2024-25)

No.D-45 : It is for information of all provisionally qualified candidates that the Document Verification for recruitment to the post of **Veterinary Assistant Surgeon/ Additional Veterinary Assistant Surgeon**, pursuant to Advertisement No. 24 of 2023-24 will be held on 21.05.2024 at the office of OPSC,19, Dr. P. K. Parija Road, Cuttack -753001 as per the programme detailed below.

The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 21.05.2024 | 10.30 A.M. to 12.15 P.M | 100002,100003,10004, 100005,100006, 100007,100008,100009, 100010,100011, 100012,100013 = **12 candidates** | Team - I |
| | | 100014, 100015, 100017, 100018, 100019, 100020, 100022, 100023, 100025, 100026, 100027, 100028 = **12 candidates** | Team - II |
| | 12.15 P.M. to 01.30 P.M. | 100029, 100030, 100031, 100032, 100033, 100034, 100035, 100037, 100038, 100040, 100041, 100042 = **12 candidates** | Team - I |
| | | 100043, 100044, 100045, 100046, 100047, 100048, 100049, 100053, 100054, 100055, 100056, 100057 = **12 candidates** | Team - II |
| | 02.30 P.M. to 04.00 P.M. | 100058, 100059, 100060, 100061, 100062, 100063, 100064, 100065, 100066, 100067, 100068, 100069 = **12 candidates** | Team - I |
| | | 100070, 100071, 100072, 100073, 100075, 100076, 100077, 100079, 100080, 100081, 100082, 100084 = **12 candidates** | Team - II |
| | 04.00 P.M. to 5.30 P.M. | 100085, 100086, 100088, 100089, 100090, 100091, 100092, 100093, 100094, 100095, 100096, 100097, 100098 = **13 candidates** | Team - I |
| | | 100100, 100101, 100102, 100103, 100104, 100106, 100107, 100108, 100112, 100113, 100114, 100116 = **12 candidates** | Team - II |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificates / documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQURIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner** Application Forms are available in the website of the Commission. The Candidates are required to download the same using their respective Username and Password/OTP etc. through OPSC e-Chayan portal via www.opscechavan.in
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V.Sc. or its equivalent Degree Certificate & Marksheet** issued by the recognized University.
5. **Permanent Registration Certificate under the state of Odisha Veterinary Practitioner Act. 1970. (Issued within last date** of submission of online application form i.e., 26.02.2024)
6. **Caste Certificate by birth (SC/ST) issued within the last date i.e 26.02.2024.**
7. **SEBC Certificate** (issued within **27.02.2021 to 26.02.2024**), whereever applicable.
8. **Permanent Disability certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 26.02.2024**.
9. **Discharge Certificate** issued **within 26.02.2024** by the Commanding officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
10. Odia Test Pass certificate issued within 26.02.2024.
11. **No Objection Certificate** issued by the Competent Authority in case of in-service candidates ; wherever applicable.
12. **Any proof of photo Identity.**
13. **Attestation form** duly filled-in the candidate and signed by a Gazetted Officer (to be downloaded from the website of the Commission).
14. The candidates are required to mention **"Submitted by me"** and put their **full signature and date of verification on each Xerox copy** of documents.
15. Any other documents as per Para - 10 of the Adverisement.

OIPR-12002/11/0022/2425 Sd./-Secretary

# ଦର୍ଶକଙ୍କୁ ବିମୋହିତ କଲା ଓଡ଼ିଶୀ ନୃତ୍ୟ




ନୃତ୍ୟାଳୟାର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ନିମାପଡ଼ା,୧୫।୫(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାର କଳା ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ୧୫ତମ ବୈଶାଖୀ ଉତ୍ସବ ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍କଳ ୟୁନିଭର୍ସିଟି ଅଫ୍ କଲଚରର ମୁଖ୍ୟ ଗୁରୁ ଲିଙ୍ଗରାଜ ସ୍ୱାଇଁ, ପ୍ରଖ୍ୟାତ ଛଉ ନୃତ୍ୟଗୁରୁ ଡ. ରମଣୀ ରଞ୍ଜନ ଜେନା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସଙ୍ଗୀତ ଗୁରୁ ଜୟକୃଷ୍ଣ ନାୟକ, ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକ ଗୁରୁ ବିଷ୍ଣୁଚରଣ ସାସ୍ମଲ ପ୍ରମୁଖ ଯୋଗଦେଇଥିଲେ।

ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟକୁ ପୁନର୍ଜୀବିତ କରି ରଖିବା ଓ ଏହି କଳାର ପ୍ରଚାରପ୍ରସାର କ୍ଷେତ୍ରରେ ଅଦମ୍ୟ ପ୍ରୟାସ ଓ ପ୍ରଚେଷ୍ଟା କରୁଥିବା ଉକ୍ତ ଅନୁଷ୍ଠାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ କଳା ଶିକ୍ଷକ ଶାରଦାପ୍ରସନ୍ନ ବେହେରାଙ୍କୁ ନୃତ୍ୟାଳୟ ପକ୍ଷରୁ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନ ଓ ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ରଙ୍କୁ ନୃତ୍ୟାଳୟ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନୃତ୍ୟାଳୟର ବରିଷ୍ଠ କଳାକାରମାନଙ୍କ ପକ୍ଷରୁ ଗୁରୁ ସାସ୍ମଲଙ୍କ ନିର୍ଦ୍ଦେଶିତ ସୁଦେଷ୍ଣା ପ୍ରଧାନ, ଗୁରୁ ରାଜକିଶୋର ଜେନା, ଇତିଶ୍ରୀ ରାୟ, ସ୍ୱର୍ଣ୍ଣପ୍ରଭା ଖଟୋଇ, ସ୍ମୃତିମଙ୍ଗଳା ପ୍ରିୟଦର୍ଶନୀ ପ୍ରମୁଖଙ୍କ ସହ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ, ପଲ୍ଲୀ ନୃତ୍ୟ, ନୃତ୍ୟାଭିନୟ ବସନ୍ତରାସ, ରାଧାକୃଷ୍ଣଙ୍କ ମାନଭଞ୍ଜନ, ସମ୍ବଲପୁରୀ ନୃତ୍ୟ, ରସରକେଲି, ଢୋଲପାରବଜା ଆରେବଜାନିଆ ପରିବେଶିତ ହୋଇଥିଲା। ହେଲେ ଓଡ଼ିଶୀ ନୃତ୍ୟରେ ପୁଷ୍ପାଞ୍ଜଳି ଓ ଜଗଜ୍ଜନନୀ ଶକ୍ତି ପ୍ରଦାୟିନୀ ମା' କାଳୀଙ୍କ ଅତି ଆକର୍ଷଣୀୟ 'ଜୟ ମା' ମହାକାଳୀ'ରେ ମା' କାଳୀଙ୍କ ବିଭିନ୍ନ ରୂପ ବର୍ଣ୍ଣନା ନୃତ୍ୟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ନିର୍ଦ୍ଦେଶକ ରଞ୍ଜନ ପଳତା ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

# ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲିମ ନେଲେ ୧୯୭ ଆଶାକର୍ମୀ

**ଗୋପ,୧୫।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଓ ସରକାରୀସ୍ତରରେ ସମସ୍ତ ସରକାରୀ ଯୋଜନା ଉପରେ ଗୁରୁତ୍ୱ ଦିଆଯିବା ସହିତ ସମସ୍ତ ଯୋଜନାକୁ ଜରୁରୀ ମନେକରିବା ଆମମାନଙ୍କ କର୍ତ୍ତବ୍ୟ। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କୁ ତାଲିମ ପ୍ରଦାନବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନି ଆପ୍ରୋଜ ଏହା କହିଥିଲେ। ଏହି ୨ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ୧୯୭ ଜଣ ଆଶାକର୍ମୀ ଯୋଗଦେଇଥିଲେ। ଗ୍ରୀଷ୍ମପ୍ରବାହ ଅବସରରେ ଅଂଶୁଘାତ ରୋକାଯିବା ଉପରେ ଗୁରୁତ୍ୱ, ପର୍ଯ୍ୟାପ୍ତ ପରିମାଣର ଓଆରଏସ୍ ପାଣି ପିଇବା, ଛତା, ଟୋପି, ବିଶୁଦ୍ଧ ଜଳ ସହିତ ଓଦା ଗାମୁଛା ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ କରି ସାଧାରଣ ନିର୍ବାଚନରେ ଆଶାକର୍ମୀଙ୍କୁ ସାମିଲ କରାଯାଉଥିବାବେଳେ ତାହା କିପରି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ଲକର ୩ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ପୁରୀ ସଦର ନିର୍ବାଚନମଣ୍ଡଳୀର ଇଡିଭୁଆଁ, ଛଇତନା, ଗଡ଼ଭିଙ୍ଗୁରା ପଞ୍ଚାୟତର ୨୫ ତାରିଖ ନିର୍ବାଚନରେ ଆଶାକର୍ମୀ ସାମିଲ ହେବେ। ଏଥିସହ ୪ର୍ଥ ପର୍ଯ୍ୟାୟରେ ଜୁନ୍ ୧ରେ ମଧ ଆଶାକର୍ମୀ ସାମିଲ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଚିଠି ନମ୍ବର ୧୦୩୮, ତା ୧୪।୫।୨୦୨୪ରେ ପୁରୀ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରିଣୀ ସୁଜାତା ମିଶ୍ର, ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ଅବଗତ କରାଯାଇଛି। ତାଲିମ କାର୍ଯ୍ୟକ୍ରମରେ ଡ. ସରିତା ମିଶ୍ର, ଡ. ରାକେଶ ସେଠୀ, ଡ. ଶୁଭମ୍ ଜ୍ୟୋତି ଦାସ, ସୁଶାନ୍ତ ରାଉତରାୟ, ସୁରେଶ ପ୍ରଧାନଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଚାର ମଇଦାନରେ ଭାଜପା ପ୍ରାର୍ଥୀ ଆଶ୍ରିତଙ୍କ ସହ ଝିଅ ପ୍ରୋଲିତା

**ପିପିଲି,୧୫।୫(ପ୍ରଭାତ କୁମାର ମହାପାତ୍ର)**

ପିପିଲି ବିଜ୍ଞାପିତ ଅଞ୍ଚଳରେ ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ନିର୍ବାଚନୀ ପ୍ରଚାର ଜୋର ଧରିଛି। ପିପିଲି ନିର୍ବାଚନ ନିକଟତର ହେଉଥିବାରୁ ଆଶ୍ରିତ ପିପିଲି ସହରାଞ୍ଚଳର ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ଲୋଡୁଛନ୍ତି। ତେବେ ତାଙ୍କ ସହ ତାଙ୍କ ଝିଅ ପ୍ରୋଲିତା ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ପ୍ରୋଲିତାଙ୍କୁ ଲୋକେ ଫୁଲମାଳ ଦେଇ ସ୍ୱାଗତ କରୁଥିବାବେଳେ ଅଞ୍ଚଳର ବିକାଶ ପାଇଁ ବାପା ଆଶ୍ରିତଙ୍କୁ ସୁଯୋଗ ଦେବାକୁ ନିବେଦନ କରିଥିଲେ। ବାପଝିଅଙ୍କ ଘରକୁ ଘର ଯାଇ ପ୍ରଚାର କରିବା ପିପିଲି ରାଜନୈତିକ ମଇଦାନକୁ ସରଗରମ କରିଛି। କେବଳ ପୁରୁଣା ଢାଞ୍ଚା ଉପରେ ରଙ୍ଗ ବୋଳିଦେଲେ ବିକାଶ ହୁଏନି ବୋଲି ଆଶ୍ରିତ ଓ ଝିଅ ପ୍ରୋଲିତା ଶାସକ ଦଳକୁ କଡ଼ା ଭାଷାରେ କଟାକ୍ଷ କରିଛନ୍ତି। ବିକାଶ ତାକୁ ହିଁ କୁହନ୍ତି, ଯାହା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ କୃଷ୍ଣପ୍ରସାଦ ସଭାରେ ଘୋଷଣା କହିଥିଲେ। ତେବେ ପିପିଲିରେ ବିକାଶ ପାଇଁ ଲୋକେ ପରିବର୍ତ୍ତନ ନାରା ଦେଉଛନ୍ତି। ବିକାଶ ପାଇଁ ଭାଜପାକୁ ପୂରା ସମର୍ଥନ ମିଳୁଛି ବୋଲି ଆଶ୍ରିତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପିପିଲି ୬ନଂ. ଓ ୭ନଂ. ୱାର୍ଡରେ ହୋଇଥିବା ଏହି ନିର୍ବାଚନ ପ୍ରଚାରରେ ପିପିଲି ନଗର ସଭାପତି ସୁକାନ୍ତ ଭଞ୍ଜ, ଯୁବ ଜିଲା ଉପସଭାପତି ପ୍ରଫୁଲ୍ଲ ସାହୁଙ୍କ ସହ ଶତାଧିକ ଭାଜପା ସକ୍ରିୟ କର୍ମୀ ସାମିଲ ହୋଇଥିଲେ।




ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ ଝିଅ ପ୍ରୋଲିତା ପଟ୍ଟନାୟକ ନିର୍ବାଚନ ପ୍ରଚାର କରୁଛନ୍ତି।

# ପୋଲିସ ପକ୍ଷରୁ ଗୋପ, ନାଗପୁରରେ ଫ୍ଲାଗ୍‌ମାର୍ଚ୍ଚ




ଗୋପ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

**ଗୋପ,୧୫।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ କରିବାକୁ ବୁଧବାର ଗୋପ ପୋଲିସ ପକ୍ଷରୁ ଗୋପ ଥାନା ଅଧୀନ ନାଗପୁର ବଜାର ଓ ଗୋପ ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିହାରୀ, ବିପ୍ଳବ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଏହି ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଗୋପ ବ୍ଲକ ଅଧୀନ ୩୧ଟି ଗ୍ରାମପଞ୍ଚାୟତରେ ୩ୟ ଓ ୪ର୍ଥ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଯେପରି ଅବାଧ ଓ ନିରପେକ୍ଷ ସହିତ ଶାନ୍ତିପୂର୍ଣ୍ଣ ଭାବେ ହେବ ସେନେଇ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

# ଓଡ଼ିଶା କୃଷି ଶିଳ୍ପ ନିଗମ ମହିଳା କର୍ମଚାରୀଙ୍କୁ ଆକ୍ରମଣ

**ପିପିଲି,୧୫।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ପିପିଲି ଶାଖା ଓଡ଼ିଶା କୃଷି ଶିଳ୍ପ ନିଗମର ଜଣେ ମହିଳା କର୍ମଚାରୀଙ୍କୁ ବୁଧବାର ଆକ୍ରମଣ କରାଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପିପିଲି ମେଡିକାଲ ଓ ପରେ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡକୁ ହାତୁଡ଼ିରେ ଆକ୍ରମଣ କରାଯାଇଥିବାବେଳେ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହାତୁଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ମହିଳାଙ୍କ ସହ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ସେଠାରୁ ଫେରାର ହୋଇଯାଇଥିବା ସନ୍ଦେହ ସୃଷ୍ଟି କରିଛି।



ସୂଚନା ଅନୁସାରେ, ମଧ୍ୟାହ୍ନରେ ଭୋଜନ ବିରତିବେଳେ କାର୍ଯ୍ୟାଳୟର ମହିଳା କମ୍ପ୍ୟୁଟର କର୍ମଚାରୀ ସ୍ନେହପ୍ରଭା ମିଶ୍ର, ଆକାଉଣ୍ଟାଣ୍ଟ ଚିନ୍ମୟ ବାରିକ କାର୍ଯ୍ୟରତ ଥିବାବେଳେ ସହକାରୀ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ ବାହାରକୁ ଯାଇଥିଲେ। ସେମାନେ ଫେରି କାର୍ଯ୍ୟାଳୟର କବାଟ ବାହାରପଟୁ ବନ୍ଦ ଥିବା ଦେଖିଥିଲେ। କବାଟ ଖୋଲିବା ବେଳକୁ ସ୍ନେହପ୍ରଭା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ମହିଳାଙ୍କ ସ୍ୱାମୀ, ବାପା ଓ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଫିସ ପିଅନ ସହାୟତାରେ ତାଙ୍କୁ ପିପିଲି ଡାକ୍ତରଖାନାକୁ ନେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

**DISTRICT ELECTION OFFICE, KHORDHA**
**Mail ID: deo.khordha2024@gmail.com**

| Sl. No. | Name of the Expenditure Observers | Name of the P.C./A.C. | Contact No. |
|---|---|---|---|
| 1. | Mr. Venkata Murali, IAS | 111 - Jayadev A.C.<br>112 - Bhubaneswar Central A.C.<br>113 - Bhubaneswar North A.C.<br>114 - Ekamra Bhubaneswar A.C. | 7978090286 |
| 2. | Mrs. G. Rekha Rani, IAS | 115 -Jatani A.C.<br>116 - Begunia A.C.<br>117 - Khordha A.C. | 7978418507 |
| 3. | Mr. T.V. Subash, IAS | 118 - Chilika A.C. | 7978108436 |
| 4. | Mr. Yaram Nagi Reddy, IPS | Police Observer | 9348823290 |

# ତୁଳସୀପୁରରେ କଂଗ୍ରେସର ଜନସମ୍ପର୍କ ରାଲି

**ଯୋଗେଶ୍ୱରପୁର,୧୫।୫(ରଶ୍ମିରଞ୍ଜନ ସାହୁ):** ଯୋଗେଶ୍ୱରପୁର ନିକଟ ତୁଳସୀପୁର ପଞ୍ଚାୟତରେ ନିମାପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ପଞ୍ଚାୟତର ପଥରପଦାରୁ ବାହାରି ତୁଳସୀପୁର, ଅମରେଶ୍ୱର, ଚୌରାଶି, ହୀରାପାଟଣା, ବନ୍ଦେଶ୍ୱର, ଭାଣପୁର ସାରି ଶେଷରେ ତୁଳସୀପୁର ବଜାର ପରିକ୍ରମା କରିଥିଲା। ଏହି ରାଲିରେ ପଞ୍ଚାୟତର ରଘୁ ବେହେରା, ଅର୍ଜନ ସ୍ୱାଇଁ, ବିଜୟ ମଲ୍ଲିକ, ବନ ବିହାରୀ ଦାଶ, ହରିହର ବେହେରା, ଡମ୍ବୁର ମିଶ୍ର, ନୀଳମଣି ଭୋଇ, ଆର୍ତ୍ତତ୍ରାଣ ଦାସ, ବିଭୂତି ଭୂଷଣ ଦାଶ, ବଳରାମ ସାହୁଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ୧ ଲକ୍ଷ ଭୋଟ ପାର କରାଇବାକୁ ଶପଥ



ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡା ଉଦ୍‌ବୋଧନ ଦେଉଛନ୍ତି।

**ନିମାପଡ଼ା,୧୫।୫(ବିଚିତ୍ରାନନ୍ଦ ସାହୁ):** ଆଗାମୀ ନିର୍ବାଚନରେ ନିମାପଡ଼ା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କ ଭୋଟ ହାର ୧ ଲକ୍ଷ ପାର କରାଇବାକୁ ଯୁବବାହିନୀର କାର୍ଯ୍ୟକର୍ତ୍ତା ଓ ଶହ ଶହ ଯୁବକ ସାମୂହିକ ଶପଥ ନେଇଛନ୍ତି। ଭାଜପା ପକ୍ଷରୁ ନିମାପଡ଼ା ଗ୍ରୀନଲ୍ୟାଣ୍ଡ ମଣ୍ଡପଠାରେ ବୁଧବାର ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥର ନିମାପଡ଼ାରେ ନିଶ୍ଚିତ ପଦ୍ମ ଫୁଟିବ, ରାଜ୍ୟରେ ଭାଜପା ସରକାର ହେବ, ମୋଦି ପୁଣି ପ୍ରଧାନମନ୍ତ୍ରୀ ହେବେ ବୋଲି ସମ୍ମିଳନୀରେ ପରିଡ଼ା କହିଥିଲେ। ସମାବେଶରେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ଯୁବ ସଭାପତି ଜୟନ୍ତ ଦାସ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଯୁବନେତା ସୁଧିର ରଞ୍ଜନ ଦାଶ, ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ରାକେଶ ବେହେରା ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରାର୍ଥିନୀ ପରିଡ଼ାଙ୍କ ବିଜୟ ପାଇଁ ଦଳର ସମସ୍ତ ନେତୃବୃନ୍ଦ, କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥି ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ନିମାପଡ଼ା ଓ ଗୋପ ବ୍ଲକର ୪୬ଟି ପଞ୍ଚାୟତର ଶତାଧିକ ଯୁବଛାତ୍ର ପ୍ରତିନିଧିମାନେ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/10, ତା.07.05.2024ରିଖ

(1) ଟେଣ୍ଡର ସଂ. eTender-CenKUR-08-2024, ତା.02.05.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY)/ଢେଙ୍କାନାଳ ଅଧୀନସ୍ଥ ରାଜଆଠଗଡ଼ ୟାର୍ଡ ଠାରେ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.78 ଲକ୍ଷ, EMD : ₹ 99,600/-

(2) ଟେଣ୍ଡର ସଂ. eTender-CenKUR-38-2024, ତା.02.05.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେରଠାରୁ ଗୁରୁଡ଼ିଝାଟିଆ ପର୍ଯ୍ୟନ୍ତ ଲୁପ୍ ଲାଇନରେ ବେଗକୁ 30 କି.ମି. ପ୍ରତି ଘଣ୍ଟାରୁ 50 କି.ମି. ପ୍ରତି ଘଣ୍ଟାକୁ ପ୍ରସ୍ତାବିତ ବୃଦ୍ଧି ନିମନ୍ତେ P.WAY ସମ୍ପର୍କିତ କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 142.48 ଲକ୍ଷ, EMD : ₹ 2,21,300/-

(3) ଟେଣ୍ଡର ସଂ. eTender-CenKUR-39-2024, ତା.02.05.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ଭୁବନେଶ୍ୱର ଏବଂ ରେତଙ୍ଗ ୟାର୍ଡଠାରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ ଲେଆଉଟ୍‌ଗୁଡ଼ିକର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.24 ଲକ୍ଷ, EMD : ₹ 98,500/-

(4) ଟେଣ୍ଡର ସଂ. eTender-HqKUR-40-2024, ତା.02.05.2024ରିଖ
**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ସେକ୍ସନ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ୟାର୍ଡର ଲୁପ୍ ଲାଇନ୍‌ରେ 10.337 କି.ମି. ଲମ୍ବ ନିମନ୍ତେ CTR(S) ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 296.85 ଲକ୍ଷ, EMD : ₹ 2,98,400/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 10 (ଦଶ) ମାସ (କ୍ରମ ସଂ. 2 ପାଇଁ), 08 (ଆଠ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.05.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-117/P/24-25

**OFFICE OF THE DISTRICT JUDGE, KENDRAPARA**
**ADVERTISEMENT NO. 02/Rect./2024**
**Dated, Kendrapara the 15th day of May, 2024**

Applications in the prescribed format are invited from the eligible candidates for filling up of the following vacancies in the judgeship of Kendrapara.

| Sl. No. | Name of the post | Scale of Pay | Category | | | | Total No. of posts |
|---|---|---|---|---|---|---|---|
| | | | SC | ST | SEBC | UR | |
| 1 | Junior Clerk-cum-Copyist | Rs.19,900- Rs.63,200/- under Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | 01 | 01 | 03 | 06 |
| 2 | Junior Typist | Rs.19,900- Rs.63,200/- udner Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | - | - | - | 01 |
| 3 | Salaried Amin | Rs.21,700- Rs.69,100/- under Level-5 of the pay matrix given in the 1st schedule of the O.R.S.P. Rules, 2017 | - | 01 | - | - | 01 |

**Last date of receipt of application: 5.00 P.M. of 17.06.2024.**
For details please visit the official website of District Court, Kendrapara https://kendrapara.dcourts.gov.in/.

**Sd./- DISTRICT JUDGE-CUM-CHAIRMAN,**
**DISTRICT RECRUITMENT COMMITTEE, KENDRAPARA**

**PRESS RELEASE**
**ELECTION EXPENDITURE OBSERVERS CONTACT DETAILS OF KENDRAPARA DISTRICT**

No.D-43 : Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the Expenditure Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Swati Chulet, IRAS (Mob - 9001195022) | 15 - Kendrapara PC | 7205524593 |
| 2. | Bhubaneswari S, IRS (Mob - (9176148290) | 97 - Kendrapara AC<br>98 - Aul AC<br>99 - Rajanagar AC | 7205517289 |
| 3. | Paventhan Arumugam, IA & AS (Mob - 9629030604) | 96 - Patkura AC<br>100 - Mahakalapada AC | 7205517089 |

**PRESS RELEASE**
**ELECTION GENERAL OBSERVERS CONTACT DETAILS OF KENDRAPARA DISTRICT**

Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the General Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Mr. B.K. Vasava, IAS (Mob : 9825447122) | 15 - Kendrapara PC<br>97 - Kendrapara AC<br>98 - Aul AC<br>99 - Rajnagar AC | 7205514952 |
| 2. | Mr. Saket Malviya, IAS (Mob : 9868324011) | 15 - Kendrapara PC<br>96 - Patkura AC<br>100 - Mahakalpada AC | 7205527541 |

OIPR-12171/11/0002/2425
**Sd./- District Election Officer & Collector**

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.- 2728/PSC, Dt - 15.05.2024**
**(DR - IV)(2PF-01-2024-25)**

No.D-45 : It is for information of all provisionally qualified candidates that the Document Verification for recruitment to the post of **Veterinary Assistant Surgeon/ Additional Veterinary Assistant Surgeon**, pursuant to Advertisement No. 24 of 2023-24 will be held on 21.05.2024 at the office of OPSC,19, Dr. P. K. Parija Road, Cuttack -753001 as per the programme detailed below.

The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 21.05.2024 | 10.30 A.M. to 12.15 P.M | 100002,100003,10004, 100005,100006, 100007,100008,100009, 100010,100011, 100012,100013 = **12 candidates** | Team - I |
| | | 100014, 100015, 100017, 100018, 100019, 100020, 100022, 100023, 100025, 100026, 100027, 100028 = **12 candidates** | Team - II |
| | 12.15 P.M. to 01.30 P.M. | 100029, 100030, 100031, 100032, 100033, 100034, 100035, 100037, 100038, 100040, 100041, 100042 = **12 candidates** | Team - I |
| | | 100043, 100044, 100045, 100046, 100047, 100048, 100049, 100053, 100054, 100055, 100056, 100057 = **12 candidates** | Team - II |
| | 02.30 P.M. to 04.00 P.M. | 100058, 100059, 100060, 100061, 100062, 100063, 100064, 100065, 100066, 100067, 100068, 100069 = **12 candidates** | Team - I |
| | | 100070, 100071, 100072, 100073, 100075, 100076, 100077, 100079, 100080, 100081, 100082, 100084 = **12 candidates** | Team - II |
| | 04.00 P.M. to 5.30 P.M. | 100085, 100086, 100088, 100089, 100090, 100091, 100092, 100093, 100094, 100095, 100096, 100097, 100098 = **13 candidates** | Team - I |
| | | 100100, 100101, 100102, 100103, 100104, 100106, 100107, 100108, 100112, 100113, 100114, 100116 = **12 candidates** | Team - II |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificates / documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQURIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner** Application Forms are available in the website of the Commission. The Candidates are required to download the same using their respective Username and Password/OTP etc. through OPSC e-Chayan portal via www.opscechavan.in
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V.Sc. or its equivalent Degree Certificate & Marksheet** issued by the recognized University.
5. **Permanent Registration Certificate under the state of Odisha Veterinary Practitioner Act. 1970. (Issued within last date** of submission of online application form i.e., 26.02.2024)
6. **Caste Certificate by birth (SC/ST) issued within the last date i.e 26.02.2024.**
7. **SEBC Certificate** (issued within **27.02.2021 to 26.02.2024**), whereever applicable.
8. **Permanent Disability certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 26.02.2024**.
9. **Discharge Certificate** issued **within 26.02.2024** by the Commanding officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
10. Odia Test Pass certificate issued within 26.02.2024.
11. **No Objection Certificate** issued by the Competent Authority in case of in-service candidates ; wherever applicable.
12. **Any proof of photo Identity.**
13. **Attestation form** duly filled-in the candidate and signed by a Gazetted Officer (to be downloaded from the website of the Commission).
14. The candidates are required to mention **"Submitted by me"** and put their **full signature and date of verification on each Xerox copy** of documents.
15. Any other documents as per Para - 10 of the Adverisement.

OIPR-12002/11/0022/2425
**Sd./-Secretary**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୫।୦୫।୨୦୨୪

| | |
|---|---|
| ୫,୯୨, ୨୦୬ ଟଙ୍କା | |
| ସୁନା | ୧.୮୦୦ ମିଲିଗ୍ରାମ୍ |
| ରୁପା | ୨୭୨ ମିଲିଗ୍ରାମ୍ |

# ଉମ୍ବରୁଧରଙ୍କୁ ଆଜୀବନ ଜେଲଦଣ୍ଡ

**ଭୁବନେଶ୍ୱର,୧୫।୫(ସତ୍ୟଜିତ୍ ରାଉତ)**

### ପେଟ୍ରୋଲ ଢାଳି ମହିଳାଙ୍କୁ ଜାଳିଦେବା ମାମଲା

### ୨୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ

ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବାରୁ ଘଟାଇଥିଲେ ଉନ୍ମତ୍ତକାଣ୍ଡ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ସୁବାସିନୀ ନାୟକ ନାମ୍ନୀ ମହିଳାଙ୍କୁ ପେଟ୍ରୋଲ ଢ଼ାଳି ଜାଳିଦେଇଥିଲେ। ପ୍ରାୟ ୭ବର୍ଷ ତଳେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଏହି ଚର୍ଚ୍ଚିତ ହତ୍ୟା ମାମଲାରେ ବୁଧବାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଭୁବନେଶ୍ୱର ତୃତୀୟ ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତ ପୁରୀ ଜିଲା ସଦର ଥାନା ସାନପଲ୍ଲୀର ଉମ୍ବରୁଧର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ଜେଲଦଣ୍ଡ ହେବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ରାଶି ନ ଦେଇପାରିଲେ ଉମ୍ବରୁଧର ଅଧିକ ଏକ ବର୍ଷ ଜେଲରେ ରହିବେ ବୋଲି ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୃତା ସୁବାସିନୀ ୟୁନିଟ-୮ ନୀଳମଣି ବସ୍ତିସ୍ଥିତ ବାପଘର ନିକଟରେ ଏକ ସରକାରୀ ଜାଗାରେ ଘର କରି ପରିବାର ସହ ରହୁଥିଲେ। ତାଙ୍କ ସ୍ୱାମୀ ଏକ ଘରୋଇ ସ୍କୁଲରେ ପିଅନ ଭାବେ କାର୍ଯ୍ୟ କରନ୍ତି। ଘଟଣା ସମୟରେ ବଡ଼ପୁଅ ଯୁକ୍ତ୨ରେ ପଢୁଥିଲେ, ସାନ ଝିଅ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ତାଙ୍କ ଘର ନିକଟରେ ଦୋଷୀ ଉମ୍ବରୁଧର ରହି ବସ୍ ଡ୍ରାଇଭର ଭାବେ କାମ କରୁଥିଲେ। ସୁବାସିନୀଙ୍କୁ ଉମ୍ବରୁଧର ଏକତରଫା ପ୍ରେମ କରିଆସୁଥିଲେ। ହେଲେ ତାଙ୍କୁ ପ୍ରେମ ଜାଲରେ ଫସାଇବା ଲାଗି ସବୁପ୍ରକାର ଉଦ୍ୟମ ବିଫଳ ହେବାରୁ ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ୨୦୧୭ ଜୁନ ୭ ଅପରାହ୍ନ ୩ଟାରେ ସୁବାସିନୀ ଗାଧୁଆ ଘରେ ବାସନ ମାଜୁଥିଲେ। ଏପଟେ ବାପଘରକୁ ଆସିଥିବା ସୁବାସିନୀଙ୍କ ଭଉଣୀ ସୀତାରାଣୀ ଓ ଝିଅ ଘର ବାହାରେ ବସିଥିଲେ। ଏହି ସମୟରେ ଉମ୍ବରୁଧର ଏକ କଳା ଜରିରେ ପେଟ୍ରୋଲ ନେଇ ସୁବାସିନୀଙ୍କ ଘରେ ପଶିଯାଇଥିଲେ। ସୁବାସିନୀଙ୍କ ଉପର ହଠାତ୍ ପେଟ୍ରୋଲ ଢ଼ାଳି ଡିଆସିଲିରେ ନିଆଁ ଲଗାଇ ଉମ୍ବୁରଧର ଦୌଡ଼ି ପଳାଇଥିଲେ। ଫଳରେ ସୁବାସିନୀ ପେଟ୍ରୋଲ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ିହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲ ନେଇଥିଲେ। ସେପଟେ ଉମ୍ବୁରଧର ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ ଗିରଫ କରିଥିଲା। ତେବେ ଘଟଣାର ୫ଦିନ ପରେ ଅର୍ଥାତ ଜୁନ୍ ୧୨ରେ ସୁବାସିନୀଙ୍କ ମୃତ୍ୟୁ ହୋଇଥିଲା। ଭଉଣୀ ସ୍ମିତାରାଣୀଙ୍କ ଏତଲାକ୍ରମେ ନୟାପଲ୍ଲୀ ଥାନାରେ ଏକ ମାମଲା (ନଂ.୧୯୯/୨୦୧୭) ରୁଜୁ ହୋଇଥିଲା। ତେବେ ଶୁଣାଣି ସମୟରେ ୧୩ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦିପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ସିୟୁଇଟି-ୟୁଜି ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୧୫।୫(ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ସିୟୁଇଟି-ୟୁଜି ୨୦୨୪ ବୁଧବାର ଆରମ୍ଭ ହୋଇଛି। ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ୟୁଜି ନାମଲେଖା ପାଇଁ ଏହି ଏକକ ପ୍ରବେଶିକା ପରୀକ୍ଷା ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ। ସାରା ଦେଶରେ ମୋଟ ୫ଟି ବିଷୟରେ ୨,୧୫୭ଟି ସେଣ୍ଟରରେ ମୋଟ ୨୫,୯୧,୦୧୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦିଲ୍ଲୀରେ ବୁଧବାର ୨୫୮ଟି ସେଣ୍ଟରରେ ହେବାକୁ ଥିବା ୪ବିଷୟରେ ପରୀକ୍ଷାକୁ ଅନିବାର୍ଯ୍ୟ କାରଣରୁ ୨୯ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

## ପୋଲିସକୁ ମାଡ଼ମାରି ୩ ଯୁବକ ଗିରଫ

**କଣ୍ଟାପଡା, ୧୫।୫(ସୁରନାରାୟଣ ସାହୁ)**

ଡ୍ୟୁଟିରେ ଥିବା ୩ଜଣ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ବୁଧବାର ୩ ଜଣ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନା ଅଧୀନ ମାଙ୍ଗ ଗ୍ରାମର ଯଜାତି ବାରିକ, ରତିକାନ୍ତ ଦାସ ଓ ବାଲିପଡା ଗ୍ରାମର ରତିରଞ୍ଜନ ବାରିକ(୨୬)। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୨/୨୪) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ଅପରାହ୍ନରେ ଗୋବିନ୍ଦପୁର ଥାନାର ୩ଜଣ କନ୍‌ଷ୍ଟେବଲ୍ ପତିନ କୁମାର ସାହୁ, ଗୌତମ ନାୟକ ଓ ରଞ୍ଜିତ କୁମାର ମହାନ୍ତି ସାଇଲୋ ଝାରପଡା-ଅଲିପଡା ସେତୁ ନିକଟରେ ଗାଡି ଚେକିଂ କରୁଥିବାବେଳେ ଅଭିଯୁକ୍ତମାନେ ବାଇକ୍(ନଂ.ଓଡ଼ି୦୫ଏଏମ୍-୧୭୦୬)ରେ ସେହି ବାଟ ଦେଇ ଯାଉଥିଲେ। ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇବାରୁ ସମ୍ପୃକ୍ତ ଯୁବକମାନେ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ପୋଲିସ ସେମାନଙ୍କୁ ସେଠାରୁ କାବୁ କରି ଥାନାକୁ ଆଣିଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ' ପ୍ରଦାନ କରାଯାଉଛି।

## ବିଭୂତି ପଟ୍ଟନାୟକଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ'

**ଭୁବନେଶ୍ୱର,୧୫।୫(ଶର୍ମିଷ୍ଠା ପାଣିଗ୍ରାହୀ)**

### ଶ୍ରେଷ୍ଠ ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ପୁନମ୍

ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର'ର ୫୬ ବର୍ଷ ପୂର୍ତ୍ତି ଓ ବାଣୀଚିତ୍ର ସମ୍ମାନ-୨୦୨୪ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ମାନପତ୍ର, ଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଡା. ଅମିତାଭ ରଥ, ମମତା ରଥ, ସାରଦା ପ୍ରସାଦ ସାମନ୍ତରାୟ, ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ଜୟଶ୍ରୀ ଦାସ, କମଲ କିରଣ, ଦେବଯାନୀ ରାୟ, ମମତା ବିଶ୍ୱାଳ, କରୁଣାକର ସାମଲ, ଅଙ୍କିତ ମହାନ୍ତି, ଅନସୂୟା ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୩ରେ ମୁକ୍ତିଲାଭ କରିଥିବା ବିଭିନ୍ନ ଚଳଚ୍ଚିତ୍ରର ୩୫ ବର୍ଗରେ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଚଳଚ୍ଚିତ୍ରଭାବେ 'କଟକ ଶେଷରୁ ଆରମ୍ଭ' ପାଇଁ ପ୍ରୀତମ ସାହୁଙ୍କୁ 'ବସନ୍ତ ନାୟକ ସ୍ମୃତି ସମ୍ମାନ-୨୦୨୪' ଏବଂ ଶ୍ରେଷ୍ଠ କାହାଣୀ 'ପୁଷ୍କରା' ପାଇଁ ଶଙ୍କର ତ୍ରିପାଠୀଙ୍କୁ 'ନାରାୟଣ ରାୟ ମହାପାତ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଅଭିନେତା ଭାବେ ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ପୁନମ୍ ମିଶ୍ର ସମ୍ମାନ ଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଅଶୋକ ପତି, ପ୍ରୀତମ ସାହୁ, ଶୁଭ୍ରାଂଶୁ ଦାଶ, ପିନାକି ସିଂ ରାଜପୁତ/ଶିଶିର ସାହୁ, ଅଶ୍ୱିନୀ ତ୍ରିପାଠୀ, ରମେଶ ବାରିକ, ଅଂଶୁମୋଚନ ମହାନ୍ତି, ଉଷସୀ ମିଶ୍ର, ବୁଦ୍ଧାଦିତ୍ୟ ମହାନ୍ତି, ବବି ମିଶ୍ର, ସୋଫିଆ ଆଲମ, ସନ୍ତୁ, ଶ୍ରୀତମ ଦାସ, ଏଲି ପାଢୀ, ଶୁଭାଶିଷ ଶର୍ମା, ସୂର୍ଯ୍ୟମୟୀ ମହାପାତ୍ର, ପାର୍ଥସାରଥି ରାୟ, ହରିହର ମହାପାତ୍ର, ଶୀତଲ ପାତ୍ର, ଦେବ, ପ୍ରିୟମ୍ବଦା ସ୍ୱାଇଁ, ପୁନମ ବରାଳ, ଅର୍ସଦ ନିଜାମ, ଗୌରବ ଆନନ୍ଦ, ନାଭ୍ୟା ଜଇତି, ଗିରୀଶ ମହାନ୍ତି, ପୁଷ୍ପକ ପରିଡା, ସାରଦାକୃଷ୍ଣ ସାହୁ, ଦେବାଶିଷ ପାତ୍ର, ସୁଧାଂଶୁ ନାରାୟଣ ଏବଂ ଶ୍ରୀରାମ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅତିଥିଭାବେ ଔପନ୍ୟାସିକ ପଟ୍ଟନାୟକଙ୍କ ସହ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ପୂର୍ବତନ ପ୍ରଶାସନିକ ଅଧିକାରୀ ରବି ନାରାୟଣ ସେନାପତି ଏବଂ ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ। ବାଣୀଚିତ୍ରର ସମ୍ପାଦକ ଭାସ୍କର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୁଡି ଓ କମଲ କିରଣ।

## ଇଗ୍ନୁରେ ଜୁଲାଇ ସେସନ ନାମଲେଖା ଆରମ୍ଭ

**ଭୁବନେଶ୍ୱର,୧୫।୫(ଅସମାପିକା ସାହୁ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ୨୦୨୪ ଜୁଲାଇ ସେସନ ପାଇଁ ନାମଲେଖା ଆରମ୍ଭ ହୋଇଛି। ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ସମସ୍ତ ବିଭାଗରେ ଅଣ୍ଡରଗ୍ରାଜୁଏଟ୍(ସ୍ନାତକ), ପୋଷ୍ଟ ଗ୍ରାଜୁଏଟ୍(ସ୍ନାତକୋତ୍ତର), ପିଜି ଡିପ୍ଲୋମା(ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ) ପ୍ରୋଗ୍ରାମ ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ) ଓ ବାଣିଜ୍ୟ (ସାଧାରଣ)ରେ ଅନୁସୂଚିତ ଜାତି ଓ ଜନଜାତି ଆବେଦନକାରୀଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟକୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ର ଇଗ୍ନୁ ୱେବ୍‌ସାଇଟ୍ www.ignou.ac.in କିମ୍ବା http//ignouadmission.samarth.edu.in ଲିଙ୍କକୁ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ- ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ଫୋନ୍ ନମ୍ବର ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ରେ ଯୋଗାଯୋଗ କରିବା ପାଇଁ ଇଗ୍ନୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ସାକ୍ଷୀଗୋପାଳ ମନ୍ଦିର ବରିଷ୍ଠ ସେବାୟତଙ୍କୁ ଆକ୍ରମଣ



ଆହତ କିଶୋର ଚନ୍ଦ୍ର ମହାପାତ୍ର।

**ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)**

ସାକ୍ଷୀଗୋପାଳ ମନ୍ଦିରର ବରିଷ୍ଠ ସେବାୟତଙ୍କୁ ଆକ୍ରମଣ କରାଯାଇଛି। ଧରିତ୍ରୀର ଖବରଦାତା ତଥା ସାକ୍ଷୀଗୋପାଳ ମନ୍ଦିରର ବରିଷ୍ଠ ସେବାୟତ କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସେବକ ସାହି ଜାଗେଶ୍ୱରୀ ମଣ୍ଡପରେ ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର ମାସିକ ବୈଠକ ବସିଥିଲା। ସେବାୟତ କୁଳର ହୋଇ ନ ଥିବା ଅଣସେବାୟତଙ୍କୁ କିଭଳି ଯାତ୍ରୀ ପରିଚର୍ଯ୍ୟା ସୁଯୋଗ ଦିଆଯାଉଛି ବୋଲି ସଂଘ ବୈଠକରେ କିଶୋର ଆପତ୍ତି ଉଠାଇଥିଲେ। ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ନନ୍ଦ ଆଲୋଚନା କରିବା ପରେ ସେଠାରେ ଉପସ୍ଥିତ କୃଷ୍ଣଚନ୍ଦ୍ର ମହାପାତ୍ର ଓ ତାଙ୍କ ଭାଇ କୀର୍ତ୍ତି ରଞ୍ଜନ ମହାପାତ୍ର ପ୍ରଥମେ କିଶୋରଙ୍କ ସହ ବଚସା କରିଥିଲେ। ପରେ ଉତ୍କ୍ଷିପ୍ତ ହୋଇ ଉଭୟେ କିଶୋରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ କିଶୋରଙ୍କ ନାକ, ମୁହଁରୁ ରକ୍ତସ୍ରାବ ହୋଇଥିଲା। ମୁଣ୍ଡ, ଅଣ୍ଟାରେ ଗୁରୁତର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ କିଶୋରଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ସତ୍ୟବାଦୀ ପୋଲିସ ନଂ. ୧୫୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ବରିଷ୍ଠ ନାଗରିକ ତଥା ଜଣେ ପୁରୁଖା ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଙ୍ଘର ପୁରୀ ଜିଲା ସଭାପତି ମଧୁସୂଦନ ମିଶ୍ର କହିଛନ୍ତି କିଶୋର ମହାପାତ୍ର ଖାଲି ଜଣେ ଖବରଦାତା ନୁହନ୍ତି, ସେ ମଧ ସାକ୍ଷୀଗୋପାଳ ଠାକୁରଙ୍କ ପୂଜାପଣ୍ଡା। ଅନ୍ୟାୟ ବିରୋଧରେ ପ୍ରତିବାଦ କରିଥିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଏହି ଘଟଣାକୁ ସଙ୍ଘ ଗୁରୁତର ଭାବେ ନେଇଛି। ସେହିପରି ପୁରୀ ଜିଲା ସାମ୍ବାଦିକ ସଙ୍ଘ ସଭାପତି ଅକ୍ଷୟ ନାୟକ ଏଆକ୍ରମଣ ଏକ ନିନ୍ଦନୀୟ ଘଟଣା। ଜଣେ ୬୪ ବର୍ଷୀୟ ସେବାୟତ ତଥା ଖବରଦାତା କିଶୋର ମହାପାତ୍ରଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ନଚେତ ସଙ୍ଘ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କୁହାଯାଇଛି।

## 'ଗରିବଙ୍କ ସେବାକୁ ପ୍ରାଥମିକତା ଦିଅନ୍ତୁ'



ରାଜଭବନରେ ବୁଧବାର ରାଜ୍ୟପାଳ ରଘୁବର ଦାସଙ୍କୁ ଆଇଏଏସ୍ ଟ୍ରେନି ଅଫିସରମାନେ ସୌଜନମୂଳକ ସାକ୍ଷାତ କରୁଛନ୍ତି।

**ଭୁବନେଶ୍ୱର, ୧୫।୫ (ଅସମାପିକା ସାହୁ)**

### ଆଇଏଏସ୍ ଟ୍ରେନି ଅଫିସରଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଓଡ଼ିଶା କ୍ୟାଡର ୨୦୨୨ ବ୍ୟାଚ୍‌ର ୬ଜଣ ଆଇଏଏସ୍ ଟ୍ରେନି ଅଫିସର ବୁଧବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେମାନେ ପ୍ରଥମେ ନିଜ ପରିଚୟ ପ୍ରଦାନ କରିଥିଲେ। ସେମାନଙ୍କ ସହ ବାର୍ତ୍ତାଳାପ ଅବସରରେ ରାଜ୍ୟପାଳ ଏହି ନୂତନ ପ୍ରଶାସନିକ ଅଧିକାରୀଙ୍କୁ କେତେକ ପରାମର୍ଶ ଦେଇଥିଲେ। ଗରିବମାନଙ୍କ ସେବାକୁ ପ୍ରାଥମିକତା ଦିଅନ୍ତୁ। ଓଡ଼ିଶାର ଜନସାଧାରଣ ନିରୀହ ଓ ସରଳ। ଏଠାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ କିପରି ସମାଜର ତଳସ୍ତରକୁ ପହଞ୍ଚିପାରିବ ତାକୁ ଗୁରୁତ୍ୱ ଦିଅନ୍ତୁ। ଯେଉଁଠାରେ ବି କାମ କରନ୍ତୁ ସେଠାକାର ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ରାଜ୍ୟପାଳ ଉପସ୍ଥିତ ଅଧିକାରୀମାନଙ୍କୁ କହିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମଧ୍ୟ ନୂତନ ଆଇଏଏସ୍ ଅଧିକାରୀଙ୍କୁ ନିଜର ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିପ୍ସାରାଣୀ



@ ନିରଞ୍ଜନ



@ ଅଶୋକ



@ ରକି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା ଜାରି

**ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)**

### ସୁବିଧା ପାଉଛନ୍ତି ଭ୍ରମଣକାରୀ, ତୀର୍ଥଯାତ୍ରୀ

ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଥିବା ବିଭିନ୍ନ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ଶ୍ରୀକାକୁଲମ୍ ଓ ବିଶାଖାପାଟଣାରୁ ଚଳାଚଳ କରୁଛି। ପୁରୀରୁ ପାଟନା, ନିଜାମୁଦ୍ଦିନ, ନୂଆଦିଲ୍ଲୀ, ଆନନ୍ଦ ବିହାର, ଶାଲିମାର, ସାନ୍ତ୍ରାଗାଛି, ଉଧନା (ସୁରଟ), ଅହମଦାବାଦ ଏବଂ ଭଞ୍ଜପୁର (ବାରିପଦା )କୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଥିବାବେଳେ ଭୁବନେଶ୍ୱରରୁ ଧାନବାଦ, ଯଶବନ୍ତପୁର , ବେଙ୍ଗାଲୁରୁ, ଚେନ୍ନାଇ, ପୁଣେ, ମୁମ୍ବାଇ ସିଏସ୍‌ଏମ୍‌ଟି, ମୁମ୍ବାଇ ଏଲ୍‌ଟିଟିକୁ ସ୍ୱତନ୍ତ୍ର ଟ୍ରେନ୍ ଯାତାୟାତ କରୁଛି। ସେହିଭଳି ସମ୍ବଲପୁରରୁ ପୁଣେ, ଏରୋଡ୍, ବେଙ୍ଗାଲୁରୁ, କାଚେଗୁଡା ଏବଂ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଖୋର୍ଦ୍ଧା ରୋଡ୍‌ରୁ ସିକନ୍ଦରାବାଦ ଏବଂ ବେଙ୍ଗାଲୁରୁ ପର୍ଯ୍ୟନ୍ତ, କଟକରୁ ହାଇଦ୍ରାବାଦ ପର୍ଯ୍ୟନ୍ତ, ବ୍ରହ୍ମପୁରରୁ ସୁରଟ, ଅହମଦାବାଦ, ସିକନ୍ଦରାବାଦ ଏବଂ କାଚେଗୁଡା ପର୍ଯ୍ୟନ୍ତ, ଶ୍ରୀକାକୁଲମଠାରୁ ତିରୁପତି ପର୍ଯ୍ୟନ୍ତ, ବିଶାଖାପାଟଣାରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, କୁର୍ନୁଲ, କୋଲାମ, ହଟିଆ, ଚେନ୍ନାଇ ଓ ସମ୍ବଲପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଯାତ୍ରୀଙ୍କ ବିଭିନ୍ନ ଭ୍ରମଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ ସେବା ପ୍ରଦାନ କରାଯାଉଛି। ତୀର୍ଥଯାତ୍ରା ହେଉ କିମ୍ବା ଅବକାଶ ଛୁଟି କିମ୍ବା ବ୍ୟବସାୟ ଯାତ୍ରା ପାଇଁ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଭ୍ରମଣ ଅଭିଜ୍ଞତା ପ୍ରଦାନ କରିବାକୁ ପୂର୍ବତଟ ରେଳପଥ ପ୍ରୟାସ କରୁଥିବା କୁହାଯାଇଛି।

# ସୁନା ଋଣ ପ୍ରଦାନରେ ନିୟମ କଡ଼ାକଡ଼ି

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକୁ ସୁନା ଋଣ ପରିମାଣ, ନିଲାମ ପ୍ରକ୍ରିୟା ଏବଂ ନଗଦ ବିତରଣ ସମ୍ପର୍କିତ ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ, କୋଭିଡ୍ -୧୯ ମହାମାରୀ ପରଠାରୁ ସୁନା ଫାଇନାନ୍ସ କମ୍ପାନୀଗୁଡ଼ିକର ବ୍ୟବସାୟ ଅଭିବୃଦ୍ଧି ରେକର୍ଡ କରିଛି। ୨୦୨୦ ମାର୍ଚ୍ଚରେ ୩୪,୬୭୮ କୋଟିରୁ ୨୦୨୩ ମାର୍ଚ୍ଚରେ ୧.୩୧ ଟ୍ରିଲିୟନ ଟଙ୍କାକୁ ଋଣ ପରିମାଣ ବୃଦ୍ଧି ପାଇଛି। ଗତ ସପ୍ତାହରେ, ନିୟାମକ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକ ସୁନା ଋଣ ପ୍ରଦାନ କରୁଥିବା ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରାକୁ ଦର୍ଶାଇ ୨୦ ହଜାରରୁ ଅଧିକ ନଗଦ ରାଶି ନ ଦେବାକୁ କହିଥିଲେ। ସୂତ୍ରରୁ ପ୍ରକାଶ ଯେ ଅନେକ ସୁନା ଫାଇନାନ୍ସ କମ୍ପାନୀ ନଗଦ ଅର୍ଥର ୪୦-୫୦% ଦେଉଥିବାରୁ ନଗଦ ବିତରଣ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଅଧିକାଂଶ କମ୍ପାନୀ ପାଇଁ ସୁନା ଋଣର ହାରାହାରି ପରିମାଣ ୫୦,୦୦୦ ଟଙ୍କା ରହିଛି। ସେହିଭଳି ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡିକ ପାଇଁ ଋଣ ପ୍ରଦାନ ସୀମା ୭୫%ରେ ସ୍ଥିର କରାଯାଇଛି। ପ୍ରାରମ୍ଭିକ ଭାବେ ଆମେରିକୀୟ ଡଲାର ତୁଳନାରେ ରୁପା ୪ ପଇସା ୮୩.୪୭ କୁ ବୃଦ୍ଧି ପାଇଛି। ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକର ମୋଟ ଲାଭ ୩୫% ବୃଦ୍ଧି ହୋଇ ୨୦୨୪ ଆର୍ଥିକ ବର୍ଷରେ ୧.୪ ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି।

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଯେତେବେଳେ ଉଲ୍ଲଂଘନ ହୁଏ, ନିୟାମକ ସଂସ୍ଥାଗୁଡ଼ିକୁ ସଂଶୋଧନ ପଦକ୍ଷେପ ନେବାକୁ କୁହନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କ ହେଉ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ କିମ୍ବା ଅନ୍ୟ ଋଣଦାତାଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଓ ଏହାର ଅନୁପାଳନର ନିୟମିତ ତଦାରଖ କରିଥାଉ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ସର୍ବପ୍ରଥମେ ଦ୍ୱିପାକ୍ଷିକ ଆଲୋଚନା ସହ ସମସ୍ୟାର ସମାଧାନ ତଥା ନିୟମର ଅନୁପାଳନ ପାଇଁ ପ୍ରବର୍ତ୍ତାଇଥାଉ।

## ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ,୧୫।୫

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୮(୧୧୭.୫୮) ପଏଣ୍ଟ କମି ୭୨,୯୮୭(୭୨,୯୮୭.୦୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭ (୧୭.୩୦) ପଏଣ୍ଟ ହ୍ରାସ ଘଟି ୨୨,୨୦୧(୨୨,୨୦୦.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଟେକ୍ନୋଲୋଜି କ୍ଷେତ୍ରରେ ସମାନ ଭାଗୀଦାରି ରହୁ: ଈଶା

ଭୁବନେଶ୍ୱର,୧୫।୫ (ଅଭୟ ଦାଶ)



ଈଶା ଅମ୍ବାନୀ

ଚତୁର୍ଥ ଶିଳ୍ପ ବିପ୍ଳବର ଏହି ଡିଜିଟାଲ ଯୁଗରେ ଯଦି ଭାରତକୁ ବିଶ୍ୱର ଅଗ୍ରଣୀ ଭାବେ ଉଭା ହେବାର ଅଛି,ତେବେ ଝିଅମାନଙ୍କୁ ଆଗକୁ ଆଣିବାକୁ ପଡ଼ିବ। ଏପରିକି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ସହ ସୂଚନା ଏବଂ ସଞ୍ଚାର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଝିଅମାନଙ୍କ ଅଂଶ ଗ୍ରହଣକୁ ବୃଦ୍ଧି କରିବାକୁ ପଡ଼ିବ ବୋଲି ଦୂରସଞ୍ଚାର ବିଭାଗ ଦ୍ୱାରା ଆୟୋଜିତ 'ଗାର୍ଲସ ଇନ୍ ଆଇସିଟି ଇଣ୍ଡିଆ-୨୦୨୪' ଶୀର୍ଷକ ଆଲୋଚନା ଚକ୍ରରେ ଝିଅମାନଙ୍କୁ ସମ୍ବୋଧନକରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ଈଶା ଅମ୍ବାନୀ ଏହା କହିବା ସହ ସେମାନଙ୍କୁ ଟେକ୍ନୋଲୋଜିକୁ କ୍ୟାରିୟର ଭାବେ ବାଛିବା ପାଇଁ ଉତ୍ସାହିତ କରିଥିଲେ। ଟେକ୍ନୋଲୋଜି କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅନୁପାତ ସମାନ ହେବା ଉଚିତ ଏବଂ ଏଥିପାଇଁ ଆମକୁ ଆହୁରି ଅନେକ ବାଟ ଅତିକ୍ରମ କରିବାକୁ ବାକି ଅଛି ବୋଲି ଈଶା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ, ଅନ୍ତର୍ଜାତୀୟ ଦୂରସଞ୍ଚାର ସଂଘ (ଦକ୍ଷିଣ ଏସିଆ), ଇନୋଭେସନ୍ ସେଣ୍ଟର-ଦିଲ୍ଲୀ ଏବଂ ଜାତିସଂଘର ଅନ୍ୟ ଏଜେନ୍ସିମାନଙ୍କ ଦ୍ୱାରା ମିଳିତ ଭାବେ 'ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି କ୍ଷେତ୍ରରେ ଝିଅ ଭାରତ-୨୦୨୪' ଆୟୋଜିତ ହୋଇଥିଲା। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସାକରି ଈଶା କହିଥିଲେ,ସରକାର ଆବଶ୍ୟକ ସୁଧାର କରୁଛନ୍ତି ଏବଂ ଏହାର ସୁଫଳ ମଧ୍ୟ ଦେଖିବାକୁ ମିଳୁଛି। ବିଗତ ଦଶନ୍ଧିରେ ଟେକ୍ନୋଲୋଜି କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ୬% ବୃଦ୍ଧି ପାଇଛି।

## ୨୦୪୭ ସୁଦ୍ଧା ଜିଡିପିର ୬% ଖର୍ଚ୍ଚକରି ଭାରତକୁ ବିକଶିତ କରିବାକୁ ପଡ଼ିବ



ଜି. ବିଶ୍ୱନାଥନ

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)

ଦେଶର ଅର୍ଥନୀତି ଏହାର ଶିକ୍ଷା ସହ ସିଧାସଳଖ ଜଡ଼ିତ। ଭାରତର ରାଜନୈତିକ ଦଳଗୁଡ଼ିକ ଶିକ୍ଷା କ୍ଷେତ୍ରକୁ ଗମ୍ଭୀରତାର ସହ ନେବା ଉଚିତ । ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଭିଆଇଟି)ର କୁଳାଧିପତି ଜି. ବିଶ୍ୱନାଥନ ଏପରି କହିଛନ୍ତି। ସେ କହିଛନ୍ତି , ୨୦୪୭ ସୁଦ୍ଧା ଜିଡିପିର ୬% ଖର୍ଚ୍ଚକରି ଭାରତକୁ ବିକଶିତ କରିବାକୁ ପଡ଼ିବ। ୨୦୨୩ରେ ଭାରତର ମୁଣ୍ଡ ପିଛା ଆୟ ୨,୬୦୦ ଡଲାର ରହିଛି। ଶିକ୍ଷାକ୍ଷେତ୍ରରେ ଆଗୁଆ ରାଜ୍ୟ ଦକ୍ଷିଣ ଭାରତୀୟ କିମ୍ବା ପାଶ୍ଚାତ୍ୟ ଭାରତର ରାଜ୍ୟଗୁଡ଼ିକରେ ଏହି ହାର ଜାତୀୟ ହାରଠାରୁ ଅଧିକ ରହିଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହା ୩,୫୦୦ରୁ ୪,୦୦୦ ଡଲାର ମଧ୍ୟରେ ରହିଛି। କେରଳ ପ୍ରଥମ ସ୍ଥାନରେ ରହିଥିବାବେଳେ ତେଲଙ୍ଗାନା ଦ୍ୱିତୀୟ ସ୍ଥାନ ଏବଂ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛି। ଏହି ରାଜ୍ୟଗୁଡ଼ିକରେ ମୁଣ୍ଡ ପିଛା ଆୟ ପ୍ରାୟ ୪୦୦୦ ଡଲାର ରହିଛି। ମାତ୍ର ଶିକ୍ଷା କ୍ଷେତ୍ରରେ ପଛରେ ରହିବା କାରଣରୁ ବିହାର ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟରେ ମୁଣ୍ଡ ପିଛା ଆୟ ୧୦୦୦ ଡଲାରରୁ କମ୍ ରହିଛି। ଲୋକମାନେ ଏହା ବିଷୟରେ ଅବଗତ ନାହାନ୍ତି। ଲୋକଙ୍କୁ ଏହା ବିଷୟରେ ଶିକ୍ଷା ଦେବାର ଆବଶ୍ୟକତା ରହିଥିବାବେଳେ ରାଜନୈତିକ ଦଳ ଏନେଇ କୌଣସି ପଦକ୍ଷେପ ନିଅନ୍ତି ନାହିଁ ବୋଲି ସ୍ୱାମୀନାଥନ କହିଛନ୍ତି।

## ଟାଟା ଷ୍ଟିଲ୍‌କୁ ଉତ୍ପାଦକତା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୧୫।୫




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର 'ଉତ୍ପାଦକତା ଉତ୍କର୍ଷ ପୁରସ୍କାର' ଦିଆଯାଇଛି। ଏପରିକି କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ(ଏଫ୍‌ଏଏମ୍‌ଡି)କୁ ଏହି ପୁରସ୍କାର ଉତ୍ପାଦକତା ଦିବସ-୨୦୨୪ ପାଳନ ସମାରୋହରେ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ପକ୍ଷରୁ ଜାତୀୟ ଉତ୍ପାଦକତା ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣି ମୁଖ୍ୟ ଦେବରାଜ ତିୱାରୀ,ଲଜିଷ୍ଟିକ୍ସ ମୁଖ୍ୟ ଅମିତ ଚୌବେ, ସପ୍ଲାଏ ଚେନ୍ ସିନିୟର ଏରିଆ ମ୍ୟାନେଜର ସୌମ୍ୟ ବସୁ, ଆଇଟି ବିଭାଗ ଡେପୁଟି ମ୍ୟାନେଜର ଦେବଜ୍ୟୋତି ପତି ପ୍ରମୁଖ ସମ୍ମାନ ସମାରୋହରେ ଯୋଗ ଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ।

ସେହିଭଳି ଚଳିତ ବର୍ଷ ଫେବୃଆରୀରେ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ଭର୍ଚୁଆଲ୍ ପ୍ରତିଯୋଗିତା ପାଇଁ ଉପସ୍ଥାପନା ଆଧାରରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ବର୍ଗରେ ମନୋନୀତ କରାଯାଇଥିଲା।

ଏ ସମ୍ପର୍କରେ ଏଫ୍‌ଏଏମ୍‌ଡିର ଏକଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି,ଏହି ପୁରସ୍କାର ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସମ୍ମାନ ହୋଇଥିଲାବେଳେ ଏକ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ତଥା ମୂଲ୍ୟବୋଧ ସୃଷ୍ଟି କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ନୂତନ ଓ ଅଭିନବ ପଦକ୍ଷେପ ମାଧ୍ୟମରେ ଉତ୍ପାଦକତା ବୃଦ୍ଧି ଏବଂ ଜଳ ପରିଚାଳନା ପାଇଁ ଆମର ନିରନ୍ତର ପ୍ରୟାସକୁ ଏହି ପୁରସ୍କାର ପ୍ରତିଫଳିତ କରୁଛି।

## ଉନ୍ନତ ମାନର ଉତ୍ପାଦକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମ୍ୟାଟ୍ରେସ୍ ବ୍ରାଣ୍ଡ 'ଲିଭ୍ରା'ର ଡିଲର ସମ୍ମିଳନୀ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଲିଭ୍ରା ମ୍ୟାଟ୍ରେସ୍‌ର ମାର୍କେଟିଂ ଡାଇରେକ୍ଟର ପ୍ରଶାନ୍ତ ଜୈନ, ସେଣ୍ଟ୍ରାଲ ଏଚ୍‌ଆର୍ ହେଡ୍ ରୂପେଶ ଭଟ୍ଟ, ସେଲ୍ସ ହେଡ୍ ସାଦ୍ଦିକ୍ ହୁସେନ୍, ମୁଖ୍ୟ ଡିଷ୍ଟ୍ରିବ୍ୟୁଟର ତ୍ରୈଲୋକନାଥ ପାତ୍ର ଏବଂ ମାର୍କେଟିଂ ହେଡ୍ ଶୁଭମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଲିଭ୍ରା ମ୍ୟାଟ୍ରେସ୍‌ର ଉପକାରିତା ଓ ବଜାର ଚାହିଦା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ଚର୍ଚ୍ଚା ହୋଇଥିଲା। ସେହିଭଳି ଲିଭ୍ରା ମ୍ୟାଟ୍ରେସ୍ ଦ୍ୱାରା ଆମେ ଜୀବନର ଶୋଇବାର ମହତ୍ତ୍ୱକୁ ଜାଣିପାରିବା ଏବଂ ଏହା ଅର୍ଥୋପେଡିକ୍ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥାଏ। ଏପରିକି ଏହା କେବଳ ପିଠି ସମସ୍ୟା ଦୂରକରେନାହିଁ ବରଂ ଏକ ସୁସ୍ଥ ଜୀବନଶୈଳୀକୁ ଗୁରୁତ୍ୱ ଦେଉଥିବାବେଳେ ସମସ୍ତଙ୍କୁ ମେରୁଦଣ୍ଡ ସହାୟତା ଏବଂ ମାଂସପେଶୀ ରିଲିଫର ଦ୍ୱିଗୁଣ ଲାଭ ମଧ୍ୟ ପ୍ରଦାନ କରିଥାଏ। ଲିଭ୍ରା ମ୍ୟାଟ୍ରେସ୍‌ର କ୍ୱାଲିଟି ଉନ୍ନତମାନର ହୋଇଥିଲାବେଳେ ଏହାର ଗ୍ୟାରେଣ୍ଟି ଓ ୱାରେଣ୍ଟି ଅନ୍ୟ ବ୍ରାଣ୍ଡଗୁଡ଼ିକଠାରୁ ଆଗରେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଦୀର୍ଘ ୨୮ ବର୍ଷ ଧରି ଲିଭ୍ରା ମ୍ୟାଟ୍ରେସ୍ ଗୁଣାତ୍ମକ ଉତ୍ପାଦ ଯୋଗାଣ ସହ ଆରାମ ଏବଂ ଗ୍ରାହକ ସନ୍ତୋଷ ପ୍ରଦାନ କରିବାରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିସାରିଛି। ଏପରିକି ଲିଭ୍ରା ମ୍ୟାଟ୍ରେସ୍‌ର ସୃଷ୍ଟି ଗଦି ବହୁ ଆରାମଦାୟକ ହୋଇଥିଲାବେଳେ ମନ, ଶରୀର ଓ ପ୍ରାଣକୁ ସୁସ୍ଥ ରଖିବା ପାଇଁ ଏହା ଗୁରୁଦାୟିତ୍ୱ ବହନ କରୁଛି। ଏହା ଉନ୍ନତମାନର ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିପରି ଓଡ଼ିଶା ବଜାରରେ ଲିଭ୍ରା ମ୍ୟାଟ୍ରେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଭଳି ସହରରେ ଉପଲବ୍ଧ ରହିଛି।

## ଖେଳ ଖବର



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଫୁଟବଲ କ୍ୟାମ୍ପରେ ଯୋଗଦେବାକୁ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ସ୍ୱାଗତ କରୁଛନ୍ତି।

# ରାଜସ୍ଥାନ ରୟାଲ୍ସ ପୁଣି ହାରିଲା

ଗୁଆହାଟୀ,୧୫।୫

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ପ୍ଲେ-ଅଫ୍‌ରେ ପ୍ରବେଶ କରି ସାରିଥିବା ରାଜସ୍ଥାନ ରୟାଲ୍ସ କ୍ରମାଗତ ୪ର୍ଥ ପରାଜୟ ବରଣ କରିଛି। ଫଳରେ ଟେବୁଲରେ ଦଳର ଶୀର୍ଷସ୍ଥାନ ହାସଲ ଆଶା ଧୂଳିସାତ ହୋଇଛି। ୯ ମ୍ୟାଚରୁ ୮ ବିଜୟ ସହ ଚଳିତ ଲିଗ୍‌ରେ ପ୍ରଥମଦଳଭାବେ ୧୬ ପଏଣ୍ଟରେ ପହଞ୍ଚିଥିବା ରୟାଲ୍ସର ଏପରି ପ୍ରଦର୍ଶନ ପ୍ରଶଂସକଙ୍କୁ ନିରାଶ କରିଛି। ନିଜର ଅନ୍ତିମ ଲିଗ୍ ମ୍ୟାଚରେ ରାଜସ୍ଥାନ ବିଜୟ ହାସଲ କଲେ ମଧ୍ୟ ୧୮ ପଏଣ୍ଟରେ ସୀମିତ ରହିବ। କୋଲକାତା ନାଇଟ ରାଇଡର୍ସ ୧୩ ମ୍ୟାଚରୁ ୧୯ ପଏଣ୍ଟ ପାଇ ସାରିଥିବାରୁ ଶୀର୍ଷସ୍ଥାନ ହାସଲ ସ୍ପଷ୍ଟ ହୋଇଯାଇଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଅଧିନାୟକ ସାମ୍ କୁରାନଙ୍କ ଅଲରାଉଣ୍ଡ ସଫଳତା ବଳରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ ରାଜସ୍ଥାନକୁ ପରାସ୍ତ କରିଛି। ଟସ୍ ଜିତି ରାଜସ୍ଥାନ ପ୍ରଥମେ ନିଷ୍ପତ୍ତି ନେଇଥିଲା। ତେବେ ପଞ୍ଜାବ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୮.୫ ଓଭରରେ ୫ ଉଇକେଟ ହରାଇ ୧୪୫ ରନ୍ କରି ନେଇଥିଲା। ପଞ୍ଜାବ ୪୮ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ସାମ୍ କୁରାନ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ବିଜୟୀ କରିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ହାଇଦ୍ରାବାଦ ବନାମ ଗୁଜରାଟ**
**ସ୍ଥାନ: ହାଇଦ୍ରାବାଦ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଆସାମର ବର୍ଷାପାରା କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା। ଜୋଶ ବଟଲରଙ୍କ ସ୍ଥାନରେ ଟମ୍ କୋହଲର କାଡମର ଏହି ମ୍ୟାଚ୍‌ରେ ଖେଳିଥିଲେ। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ବଲ୍‌ରେ ସାମ୍ କୁରାନଙ୍କୁ ଚୌକା ମାରି ଇନିଂସ ଆରମ୍ଭ କରିଥିଲେ। ତେବେ ଚତୁର୍ଥ ବଲ୍‌ରେ ସେ ପ୍ଲେଡ୍ ଅନ୍ ହୋଇଥିଲେ। ୪ ରନ୍‌ରେ ଜୟସ୍ୱାଲ ଆଉଟ ହେବା ପରେ ସଞ୍ଜୁ ସାମ୍‌ସନ(୧୮) ଓ ଟମ୍ କୋହଲର କାଡମର(୧୮) ଦ୍ୱିତୀୟ ଉଇକେଟରେ ୩୬ ରନ୍ ଯୋଡିଥିଲେ। ସାମସନ୍ ୧୫ ବଲ୍‌ରୁ ୩ ଚୌକା ସହ ୧୮ ରନ୍ କରି ଆଇପିଏଲ୍‌ରେ ୫୦୦ ରନ୍ ପୂରଣ କରିଥିଲେ। ତେବେ ଟମ୍ ଧୀମା ବ୍ୟାଟିଂ କରି ୨୩ ବଲ୍‌ରୁ ୧୮ ରନ୍ କରିଥିଲେ। ଉଭୟ ଖେଳାଳି ମାତ୍ର ୪ ବଲ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିବାରୁ ରାଜସ୍ଥାନ ଚାପରେ ରହିଥିଲା। ୪୦ ରନ୍‌ରେ ତୃତୀୟ ଉଇକେଟର ପତନ ପରେ ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଉପରେ ବ୍ୟାଟିଂ ପାଇଁ ପଠାଯାଇଥିଲା। ଅଶ୍ୱିନ ୧୯ ବଲ୍‌ରୁ ୨୮ ରନ୍ କରିଥିଲେ। ଟପ୍ ସ୍କୋରର ରିୟାନ୍ ପରାଗ(୪୮)ଙ୍କ ସହ ସେ ଚତୁର୍ଥ ଉଇକେଟରେ ୫୦ ରନ୍ ଯୋଡିଥିଲେ। ଅଶ୍ୱିନ ୧୯ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ମଧ୍ୟକ୍ରମ ବିଫଳତା ପରେ ରିୟାନ ପରାଗ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୪୮ ରନ୍ କରିଥିଲେ। ସେ ୩୪ ବଲ୍ ଖେଳି ୬ ଚୌକା ମାରିଥିଲେ। ପଞ୍ଜାବ ପକ୍ଷରୁ ସାମ୍ କୁରାନ, ରାହୁଲ ଚହର ଓ ହର୍ଷଲ ପଟେଲ ଦୁଇଟି ଲେଖାଏ, ଅର୍ଶଦୀପ ସିଂ ଓ ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୪୫ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ପଞ୍ଜାବ ପ୍ରଥମ ଓଭରରେ ହିଁ ପ୍ରଭସିମରନ୍ ସିଂ(୬)ଙ୍କ ଉଇକେଟ ହରାଇଥିଲା। ତେବେ ଜନି ବେୟାରଷ୍ଟୋ(୧୪) ଓ ରାଇଲି ରୋଷୋ(୨୨) ଦଳୀୟ ସ୍କୋର ୩୬ରେ ପହଞ୍ଚାଇଥିଲେ। ପଞ୍ଚମ ଓଭରରେ ମାତ୍ର ୩ ବଲ୍ ବ୍ୟବଧାନରେ ରୋଷୋ ଓ ଶଶାଙ୍କ ସିଂ(୦)ଙ୍କୁ ଆଉଟ କରିଥିଲେ ଆଭେଶ। ତେବେ ଅଧିନାୟକ ସାମ୍ କୁରାନ ଲଢୁଆ ୬୩* ରନ୍ ସହ ଦଳକୁ ବିଜୟୀ କରିଥିଲେ। ଜୀତେଶ ଶର୍ମା ୨୨ ରନ୍ କରି କୁରାନ୍‌ଙ୍କ ସହ ୬୩ ରନ୍ ଯୋଡିଥିଲେ। ବିଜୟ ପାଇଁ ଆଉ ୩୪ ରନ୍ ଆବଶ୍ୟକ ରହିଥିବା ବେଳେ ଜୀତେଶ ବଡ ଶଟ୍ ଖେଳିବାକୁ ଯାଇ ଚହଲଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ତେବେ ଇମ୍ପାକ୍ଟ ସବ୍ ଭାବରେ ଆସିଥିବା ଆଶୁତୋଷ ଶର୍ମା ୧୭ ରନ୍‌ର ଏକ ପ୍ରଭାବୀ ଇନିଂସ ଖେଳି ଦଳକୁ ଫିନିଶ ଲାଇନ୍ ପାର କରିଥିଲେ। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ, ଆଭେଶ ଖାଁ ଦୁଇଟି ଲେଖାଏ ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ନେଇଥିଲେ। ସାମ୍ କୁରାନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଶଟ୍ ଖେଳିବା ଅବସରରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସାମ୍ କୁରାନ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୪/୯ (ରିୟାନ ପରାଗ-୪୮, ରବିଚନ୍ଦ୍ରନ ଅଶ୍ୱିନ-୨୮, ସଞ୍ଜୁ ସାମସନ୍-୧୮, ସାମ୍ କୁରାନ-୨/୨୪, ରାହୁଲ ଚହର-୨/୨୬, ହର୍ଷଲ ପଟେଲ-୨/୨୮)। ପଞ୍ଜାବ କିଙ୍ଗ୍ସ ୧୮.୫ ଓଭରରେ ୧୪୫/୫ (ସାମ୍ କୁରାନ-୬୩*, ରାଇଲି ରୋଷୋ-୨୨, ଜୀତେଶ ଶର୍ମା-୨୨, ଆଭେଶ୍ ଖାଁ-୨/୨୮, ଯୁଜବେନ୍ଦ୍ର ଚହଲ-୨/୩୧, ଟ୍ରେଣ୍ଟ ବୋଲ୍ଟ-୧/୨୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୦ | ୧୪ | +୦.୪୦୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ ଟାଇଟନ୍ସ | ୧୩ | ୫ | ୭ | ୧ | ୧୧ | -୧.୦୬୩ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |

## ଓଡ଼ିଶା କୁସ୍ତି ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)

ଓଡ଼ିଶା କୁସ୍ତି ସଂଘର କାର୍ଯ୍ୟକାରିଣୀ ଓ ବାର୍ଷିକ ସାଧାରଣ ପରିଷଦ ବୈଠକବୁଧବାର ବାରବାଟୀ ଷ୍ଟାଡିୟମସ୍ଥିତ ହର୍ସ ଗେଟ୍ କାଉନ୍‌ସିଲ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମଚନ୍ଦ୍ର ପାଢ଼ି ଉକ୍ତ ବୈଠକରେ ପୌରୋହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ କିଶୋର ବେହେରା ୨୦୨୩-୨୪ ଆର୍ଥିକ ବର୍ଷର ଆୟ ବ୍ୟୟର ଅଡିଟି ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟରେ କୁସ୍ତିର ବିକାଶ ପାଇଁ ରାଜ୍ୟ ସରକାରୀ ପୁରୀରେ ଏକ ଏକ ଏକାଡେମୀ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସେଥିପାଇଁ ବୈଠକରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିରେ କୁସ୍ତି ସଂଘ ଉପଦେଷ୍ଟା ନୀଳମଣି ସାହୁ, କାର୍ଯ୍ୟକାରୀ ସଭାପତି ହରି ପ୍ରସାଦ ପଟ୍ଟନାୟକ, ଉପସଭାପତି ଦେବେନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ରବି ପ୍ରତିହାରୀ, କାଉନ୍‌ସିଲ ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ଯୁଗ୍ମ ସମ୍ପାଦକ ଦିଲୀପ ନାରାୟଣ ଗୁଟୁ, କଳନ୍ଦି ମଲିଆଙ୍କ ସମେତ ବିଭିନ୍ନ ଜିଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଦ୍ୱିତୀୟ ରାଉଣ୍ଡରେ ସାତ୍ୱିକ-ଚିରାଗ

ବ୍ୟାଙ୍କକ,୧୫।୫(ପି.ଟି)

ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନରେ ଭାରତୀୟ ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ପଞ୍ଚମ ସିଡ୍‌ର ମାନ୍ୟତା ପାଇଥିବା ଏଚ୍. ଏସ୍. ପ୍ରଣୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଟପ୍ ସିଡ୍‌ର ମାନ୍ୟତା ପାଇଥିବା ସାତ୍ୱିକ-ଚିରାଗ ମାଲେସିଆର ନୁର ମହମ୍ମଦ ଆଜରିୟାଁ ଆୟୁବ ଆଜରିୟାଁ ଓ ଟାନ୍ ୱି କିଓଙ୍ଗ ଯୋଡିକୁ ୨୧-୧୩, ୨୧-୧୩ ସେଟ୍‌ରେ ପରାସ୍ତ କରିଥିଲେ। ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡି ପରବର୍ତ୍ତୀ ମ୍ୟାଚରେ ଚାଇନାର ଜିଏ ହାଓ ନାନ- ଜେଙ୍ଗ ୱେଇ ହାନଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ କିନ୍ତୁ ଏଚ୍.ଏସ୍. ପ୍ରଣୟ ଅନ୍ୟତମ ଭାରତୀୟ ଖେଳାଳି ମେରାବା ଲୁଆଙ୍ଗ ମଇସ୍ନାମଙ୍କଠାରୁ ପରାଜିତ ହୋଇଥିଲେ। ୫୫ ମିନିଟ ଧରି ଚାଲିଥିବା ଏହି ମ୍ୟାଚକୁ ମେରାବା ୨୧-୧୯, ୨୧-୧୮ରେ ଜିତି ନେଇଥିଲେ। ମେରାବା ପରବର୍ତ୍ତୀ ମ୍ୟାଚ୍‌ରେ ଡେନ୍‌ମାର୍କର ମାଡ୍ସ କ୍ରିଷ୍ଟୋଫରସେନଙ୍କୁ ଭେଟିବେ। ମାଡ୍ସ କ୍ରିଷ୍ଟୋଫରସେନ ପ୍ରଥମ ରାଉଣ୍ଡରେ ଭାରତର କିରଣ ଜର୍ଜଙ୍କୁ ୨୧-୧୫, ୧୩-୨୧ ଓ ୨୧-୧୭ ସେଟ୍‌ରେ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ଅସ୍ମିତା ଚଲିହା ଓ ମାଳବିକା ବଂସୋଡ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପଛୁଆ ରହିଥିଲେ ମଧ୍ୟ ଅସ୍ମିତା ୧୯-୨୧, ୨୧-୧୫ ଓ ୨୧-୧୪ ସେଟ୍‌ରେ ମ୍ୟାଚକୁ ଜିତି ନେଇଥିଲେ।



ଓଡ଼ିଶା କୁସ୍ତି ସଂଘ କାର୍ଯ୍ୟକାରିଣୀରେ ଯୋଗ ଦେଉଥିବା କର୍ମକର୍ତ୍ତାମାନେ।

# ଆମକୁ ଥରେ ସୁଯୋଗ ଦିଅ: ଶାହା

## ସୋରଡ଼ା ଜନ ସମାବେଶରେ ନବୀନଙ୍କୁ ସମାଲୋଚନା

ଭଞ୍ଜନଗର,୧୫।୫(ବାବୁଲା ପ୍ରଧାନ)

ଓଡ଼ିଶାରେ ଭାଜପାକୁ ଶାସନ କରିବାର ଥରେ ସୁଯୋଗ ଦେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆହ୍ୱାନ ଦେଇଛନ୍ତି। ବୁଧବାର ଗଞ୍ଜାମ ଜିଲା ସୋରଡ଼ାରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ସେ ବିଜେଡି ଓ ନବୀନ ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗତ ୧୦ ବର୍ଷ ଶାସନରେ ଦେଶର ସମ୍ମାନ ପାଇଁ ଅନେକ କାମ କରିଛନ୍ତି। ଆଗାମୀ ୨୫ ବର୍ଷ ପାଇଁ ରୋଡ଼ ମ୍ୟାପ୍ ହୋଇଛି। ଆଦିବାସୀ ଓଡ଼ିଆ ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରି ଓଡ଼ିଶାର ସମ୍ମାନ ବଢ଼ାଇଛନ୍ତି। ଓଡ଼ିଆଙ୍କ ସମ୍ମାନ ପାଇଁ ଅନେକ କାମ କରାଯାଇଛି ବୋଲି ସେ କହିଛନ୍ତି। ହେଲେ ଓଡ଼ିଶାରେ ପିଇବା ପାଣି, ବିଜୁଳି, ରାସ୍ତାଘାଟ ସମସ୍ୟା ଓ ବେରୋଜଗାରୀ ବଢ଼ିଥିବା ଯୋଗୁ ନବୀନ ବାବୁଙ୍କୁ ବିରୋଧ ହେଉଛି। ତେଣୁ ଭାଜପାକୁ ଥରେ ସୁଯୋଗ ଦେଲେ ଏସବୁ ସମସ୍ୟା ଦୂର ହେବ ବୋଲି ଶାହା କହିଛନ୍ତି।



ସୋରଡ଼ାରେ ବିଜୟ ସଙ୍କଳ୍ପ ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଦଳୀୟ ପ୍ରାର୍ଥୀ ଓ ନେତାମାନେ ସ୍ୱାଗତ କରୁଛନ୍ତି।

ଏଠାରେ ଭାଜପା ସରକାର ଆସିଲେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ। ଆଖୁ କାରଖାନା ବସାଯାଇ କୃଷକଙ୍କ ଉନ୍ନତି କରାଯିବ। ଗଞ୍ଜାମ ନବୀନ ବାବୁଙ୍କ ଜିଲା ହୋଇ କାରଖାନାଟିଏ ମଧ ବସାଇନାହାନ୍ତି। ଭାଜପା କ୍ଷମତାକୁ ଆସିଲେ ଗଞ୍ଜାମକୁ ଦେଶର ୧ ନମ୍ବର ଜିଲା କରାଯିବ ବୋଲି ଶାହା କହିଛନ୍ତି।

ଶାହା କହିଛନ୍ତି, ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହେବାକୁ ନବୀନ ବାବୁ ଓଡ଼ିଶା ଲୋକଙ୍କୁ ସୁଯୋଗ ଦେଲେନାହିଁ। ଯିଏ ରାମ ମନ୍ଦିର ଉତ୍ସବ ମନାଇବାକୁ ରୋକିଛନ୍ତି ତାଙ୍କୁ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ। ମୋଦିଙ୍କ ଶାସନ ପୂର୍ବରୁ ଦେଶରେ ମାଓବାଦ, ଆତଙ୍କବାଦ ସମସ୍ୟା ରହିଥିଲା। ଏସବୁ ସମସ୍ୟାକୁ ମୋଦି ସମାପ୍ତ କରି ଦେଶକୁ ସୁରକ୍ଷିତ ରଖିବା କାମ କରିଛନ୍ତି। ପୁଲୱାମା, ଉରି ହାମଲାର ୧୦ ଦିନ ମଧ୍ୟରେ ମୋଦି ସରକାର ସର୍ଜିକାଲ, ଏୟାରଷ୍ଟ୍ରାଇକ୍ କରି ତାହାର ଉଚିତ ଜବାବ ଦେଇଛି। ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଭଳି ଅନେକ ରାଜ୍ୟରେ ମାଓବାଦୀ ସମସ୍ୟା ଥିଲା। ତାହା ଆଉ ନାହିଁ। ଗରିବ ଲୋକଙ୍କୁ କେନ୍ଦ୍ରର ମୋଦି ସରକାର ୫ କେଜି ଚାଉଳ ଦେଉଥିବା ବେଳେ ନବୀନ ବାବୁ ବ୍ୟାଗ୍ ଦେଇ ତାହାକୁ ନିଜ ଚାଉଳ ବୋଲି କହୁଛନ୍ତି। ଯଦି ଦେବାର ଅଛି ଅଢ଼େଇ କେଜି ଅଧିକ ଚାଉଳ ଦିଅନ୍ତୁ, ଆପଣଙ୍କ ଭଲ ହେବ। ଏଥର ନବୀନ ବାବୁ ଆଉ ଆସିବେ ନାହିଁ। ଓଡ଼ିଶାରେ ଭାଜପାର ମୁଖ୍ୟମନ୍ତ୍ରୀ ହେବ। ଜୁନ୍ ୧ ତାରିଖରୁ ନବୀନ ବାବୁ ସରକାରରୁ ଯାଉଛନ୍ତି। ଭାଜପା ସରକାର ଆସିଲେ ଚିଟଫଣ୍ଡ ଟଙ୍କା ହିତାଧିକାରୀଙ୍କୁ ଫେରାଇବା ବ୍ୟବସ୍ଥା କରାଯିବ। ବିଭିନ୍ନ ଲୋକଙ୍କୁ ସହାୟତା ଦିଆଯିବ, ଆସିକାରେ ଟେକ୍ସଟାଇଲ ପାର୍କ କରାଯିବ। ଦେଢ଼ ଲକ୍ଷ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯିବ। ଏଥିସହିତ ରାଉରକେଲା, ସମ୍ବଲପୁର, ପାରାଦୀପ, ଭୁବନେଶ୍ୱର, ବ୍ରହ୍ମପୁର ଭଳି ସହରଗୁଡ଼ିକର ବିକାଶ କରାଯିବ ବୋଲି ଶାହା କହଛନ୍ତି। ସମାବେଶରେ ଆସିକା ଭାଜପା ଏମ୍‌ପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ, ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି: ଓମ୍ ବିର୍ଲା

ବାଲେଶ୍ୱର, ୧୫।୫(ମାନସ ବିଶ୍ୱାଳ)

ଭାଜପା ନେତା ତଥା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ବୁଧବାର ବାଲେଶ୍ୱରରେ ପହଞ୍ଚି ନିର୍ବାଚନ ପ୍ରଚାର କରିଛନ୍ତି। ରେମୁଣା ବ୍ଲକ ଅଧୀନ ବାମପଦାସ୍ଥିତ ନୋସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ବିକଶିତ ଭାରତ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ବିକଶିତ ଭାରତ ବିକଶିତ ଓଡ଼ିଶା ପାଇଁ ନୂଆ ଯୋଜନା, ନୂଆ ଉଦ୍ୟୋଗୀ ସୃଷ୍ଟି କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପୁଳ ସମ୍ଭାବନା ସୃଷ୍ଟି ହୋଇଛି। ଓଡ଼ିଶାର ଲୋକ ନବୀନ ସରକାରକୁ ହଟାଇ ପରିବର୍ତ୍ତନ ଚାହୁଁଛନ୍ତି। ଡବଲ୍ ଇଞ୍ଜିନ ସରକାର ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜସ୍ଥାନୀ ସମାଜ, ମାରୱାଡ଼ି ସମାଜ, ଶିଳ୍ପୋଦ୍ୟୋଗୀ, ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

ମମତା ମହାପାତ୍ର ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜକ ମୋହିତ ପୋଦ୍ଦାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଓମ୍ ବିର୍ଲା ସଭାକୁ ସମ୍ବୋଧିତ କରି ବିଗତ ୧୦ବର୍ଷରେ ଭାରତର ବିକାଶର ଗାଥା ଗୋଟିଏ ପରେ ଗୋଟିଏ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଜୟ ଅଗ୍ରୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ପ୍ରାଧାନ୍ୟ ଦେଉଥିବା ବିଷୟରେ ଆଲୋକପାତ କରିଥିଲେ। ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ୨୫ ବର୍ଷର ବିଜେଡି ଶାସନକୁ ସମାଲୋଚନା କରି ଓଡ଼ିଆ ଅସ୍ମିତା ଆଜି ବିପଦରେ। ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ମୋଦୀଙ୍କ ପାଇଁ କେବଳ ଭାରତୀୟ ଅର୍ଥନୀତି ୧୧ ସ୍ଥାନରୁ ୫ ନମ୍ବରକୁ ଆସିବା ସହ ସାମରିକ, ସାମାଜିକ, ବୈଦେଶିକ ସାଂସ୍କୃତିକ କ୍ଷେତ୍ରରେ ଆମ ଦେଶର ସମ୍ମାନ ଆଜି ଶୀର୍ଷରେ ପହଞ୍ଚିଛି। ଆଗାମୀ ସାଧାରଣ ନିର୍ବାଚନରେ ମୋଦୀଙ୍କ ଆହ୍ୱାନ 'ଅବ୍ କି ବାର ୪୦୦ ପାର ଓ ଓଡ଼ିଶାରେ ଭାଜପା ସରକାର'କୁ ସାକାର କରିବା ପାଇଁ ସେ ଅନୁରୋଧ କରିଥିଲେ। ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ଯୋଗଦେଇ ରାଜ୍ୟ ପାଇଁ ଓ ନିଜ ନିଜ ବିଧାନସଭା କ୍ଷେତ୍ର ଲାଗି କେନ୍ଦ୍ରୀୟ ଯୋଜନା ବିଷୟରେ ବିସ୍ତାରିତ ଭାବେ ବକ୍ତବ୍ୟ ରଖିଥିଲେ। ଏଥିସହିତ ଆଗାମୀ ଦିନରେ ତାଙ୍କର ସଂକଳ୍ପ ବିଷୟରେ କହିଥିଲେ।



ବାଲେଶ୍ୱର ରେମୁଣା ବ୍ଲକ ଅଧିନ ବାମପଦାସ୍ଥିତ ନୋସି ସମ୍ମିଳିନୀ କକ୍ଷରେ ଭାଜପା ନେତା ତଥା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ବକ୍ତବ୍ୟ ରଖୁଛନ୍ତି।

## ଆଜି ରାଜଧାନୀରେ ନଡ୍ଡା, ଫୁଲବାଣୀରେ ଖାର୍ଗେଙ୍କ ରୋଡ୍ ଶୋ

- ମାଉସୀମା' ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ନଡ୍ଡାଙ୍କ ରୋଡ୍ ଶୋ
- ଆଜି ଓମ୍ ବିର୍ଲା, ହିମନ୍ତ ବିଶ୍ୱଶର୍ମା, ଭୂପେନ୍ଦ୍ର ଯାଦବ ମଧ ପ୍ରଚାର କରିବେ
- ୧୭ରେ ଆସୁଛନ୍ତି ହେମାମାଳିନୀ, କରିବେ ରୋଡ୍ ଶୋ
- ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ୧୭ରେ ଜନସଭାକୁ ସମ୍ବୋଧନ କରିବେ
- ୧୮ରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କରିବେ ପ୍ରଚାର
- ୫ ଦିନ ଭିତରେ ଓଡ଼ିଶା ଆସିବେ ପଓ୍ୱନ ଖେରା, ସଚିନ ପାଇଲଟ

ଭୁବନେଶ୍ୱର,୧୫।୫
(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ଭାଜପା ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ରୀୟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରୁଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ବୁଧବାର ସନ୍ଧ୍ୟା ସମୟରେ ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ଏହାପରେ ସେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ କର୍ମଶାଳାରେ ଯୋଗଦେଇଛନ୍ତି। ଗୁରୁବାର ସେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ରୋଡ୍ ଶୋ କାର୍ଯ୍ୟକ୍ରମରେ ଯୋଗଦେବା ସହ ଲିଙ୍ଗରାଜଙ୍କ ଦର୍ଶନ କରିବେ। ନଡ୍ଡା ମାଉସୀମା' ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ରୋଡ୍ ଶୋ କରିବେ। ଏହାପରେ ନଡ୍ଡା ବରଗଡ଼ର ପଦ୍ମପୁର ଏବଂ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ। ଅନ୍ୟପଟେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ସେ ଫୁଲବାଣୀଠାରେ ଏକ ରୋଡ୍ ଶୋ ରେ ଯୋଗ ଦେବାକୁ ଥିବାବେଳେ ଅପରାହ୍ନରେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରିବେ। ଏହାପରେ ସେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ସେହିପରି ଏହାର ୨ଦିନ ପରେ କଂଗ୍ରେସ ନେତା ପଓ୍ୱନ ଖେରା ଏବଂ ଆସନ୍ତା ୪ ଦିନ ପରେ ସଚିନ ପାଇଲଟଙ୍କ ବାଲେଶ୍ୱର ଓ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଇତିମଧ୍ୟରେ ଓଡ଼ିଶା ଗସ୍ତରେ ଥିବା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୁରୁବାର ଝାରସୁଗୁଡ଼ା ଏବଂ ସମ୍ବଲପୁରଠାରେ ଅନୁଷ୍ଠିତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗଦେବେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବ୍ରଜରାଜନଗର, ବଣାଇ ଏବଂ ବରଗଡ଼ର ଅତାବିରାଠାରେ ଏବଂ ସନ୍ଧ୍ୟାରେ ଜଟଣୀଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ୧୭ ତାରିଖରେ କଟକ ସଦର ନିର୍ବାଚନମଣ୍ଡଳୀର କିଶୋରନଗର, କଣ୍ଟାବାଞ୍ଜି, ଲୋଇସିଂହା ଏବଂ ସନ୍ଧ୍ୟାରେ ଡେଲାଙ୍ଗ-କଣାସଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଗୁରୁବାର ବିଜେପୁର, ବୀରମହାରାଜପୁର ଏବଂ ୧୭ରେ ତଳସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗୁରୁବାର ହିଞ୍ଜିଳିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଅଭିନେତ୍ରୀ ତଥା ଏମ୍‌ପି ହେମାମାଳିନୀ ୧୭ରେ ଭୁବନେଶ୍ୱରର ସାଲିଆସାହି, କଟକ ସଦର ନିର୍ବାଚନମଣ୍ଡଳୀର କିଶୋରନଗର ଏବଂ ପିପିଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଏହାସହ ଏମ୍‌ପି ନବନୀତ ରାଣା ୧୭ରେ ରଘୁନାଥପଲ୍ଲୀ, କଣ୍ଟାମାଳଠାରେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ସେହିଦିନ ସାନଖେମୁଣ୍ଡି, ଦଶପଲ୍ଲା ଏବଂ ଜି.ଉଦୟଗିରିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ୧୭ରେ କଟକର ନରସିଂହପୁର, ଆଠଗଡ଼ ଏବଂ ୧୮ରେ ବଣାଇ ଓ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଜନସଭାରେ ଯୋଗଦେବେ ବୋଲି ଦଳର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲାବେଳେ ଖାଲି ହାତ: ପାଣ୍ଡିଆନ

### ଭାଜପା ସରକାର ଯାହା କହନ୍ତି ତାହା କରନ୍ତି ନାହିଁ: ପ୍ରଣବ

ଭୁବନେଶ୍ୱର,୧୫।୫(ଅନିଲ ଦାସ)

କେନ୍ଦ୍ର ସରକାର ଓଡ଼ିଶାରୁ ଯେଉଁ ପରିମାଣର ଅର୍ଥ ବିଭିନ୍ନ କର ଆକାରରେ ନେଉଛି ସେହି ଅନୁଯାୟୀ ଓଡ଼ିଶାକୁ କିଛି ଦେଉନାହିଁ। 'ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲାବେଳେ ଖାଲି ହାତ'। ସମ୍ବଲପୁର ଲୋକ ସଭା କ୍ଷେତ୍ରର ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକରେ ବିଜେଡିର ନିର୍ବାଚନ ପ୍ରଚାର ବେଳେ ନିଜର ବକ୍ତବ୍ୟ ରଖି ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ସେ କହିଛନ୍ତି, ଏମ୍‌ସିଏଲ୍ ପ୍ରତିବର୍ଷ ଓଡ଼ିଶାରୁ କୋଇଲା ବାବଦକୁ ୨୫ରୁ ୨୭ ହଜାର କୋଟି ଟଙ୍କା ପାଉଛି, କିନ୍ତୁ ଓଡ଼ିଶାକୁ ଦେଉଛି ମାତ୍ର ୪ ହଜାର କୋଟି। ଭାଜପା କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି।

କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରି ସେ କହିଛନ୍ତି, କେନ୍ଦ୍ରରେ ତୈଳମନ୍ତ୍ରୀ ଥିବାବେଳେ ପ୍ରତି ୩ ମାସକୁ ଥରେ ତାଙ୍କ ଦସ୍ତଖତରେ ତେଲ ଏବଂ ୨ ମାସରେ ଥରେ ଏଲ୍‌ପିଜି ଦର ବୃଦ୍ଧି କରାଗଲା। ତାଙ୍କ ଦସ୍ତଖତ ମା'ମାନଙ୍କ ଆଖିରେ ଲୁହ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଚାହିଁଥିଲେ ଛେଣ୍ଡିପଦା ଓ ଦେବଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଥାନ୍ତେ। କେନ୍ଦ୍ରମନ୍ତ୍ରୀ ଆପଣଙ୍କ ସ୍ୱାର୍ଥରକ୍ଷା ପାଇଁ କେବେ ବି ଲଢ଼ିନାହାନ୍ତି କି ଲଢ଼ିପାରିବେ ନାହିଁ। କ୍ଷମତା ପାଇଲେ ମିଶନ ଶକ୍ତି ବନ୍ଦ କରିଦେବେ, ଏଲ୍‌ପିଜି ଦର ପୁଣି ବଢାଇବେ। ଶିକ୍ଷାମନ୍ତ୍ରୀ ଭାବେ କାହାକୁ ସେ ସ୍କଲାରଶିପ୍ ଦେଇଛନ୍ତି କି? ଏହା ହେଉଛି ଲୋକ ବିରୋଧୀ ଶାସନର ପରିଚୟ। ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ୧ଟା ମଧ୍ୟରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କର ପ୍ରଥମ ତିନୋଟି ଦସ୍ତଖତ ହେବ। ଓଡ଼ିଶାର ୯୦ ପ୍ରତିଶତ ପରିବାର ପାଇଁ ବିଜୁଳି ବିଲ୍ ଛାଡ଼, ବିଏସ୍‌କେୱାଇରେ ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ମିଶନ ଶକ୍ତି ଓ ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେବେ ଏବଂ ମିଶନ ଶକ୍ତି ମା' ଓ କର୍ମଚାରୀଙ୍କ ପାଇଁ ୬୦ ବର୍ଷ ପରେ ଭତ୍ତା ବ୍ୟବସ୍ଥା।

ଏବେ ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଦେବେ ବୋଲି କହିଲା ପରେ ଭାଜପାର ନିଦ ଭାଙ୍ଗିଯାଇଛି। ସେମାନେ କହୁଛନ୍ତି ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବେ, ଏଥିପାଇଁ ଆପଣଙ୍କୁ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଭାଜପା ଦିନରେ ଲଣ୍ଠନ ଦେଖାଉଛି ବୋଲି ପାଣ୍ଡିଆନ କହିଛନ୍ତି। ମା' ସମଲେଇଙ୍କ ପ୍ରକଳ୍ପକୁ ଭାଜପା ନେତା ବିରୋଧ କରୁଥିଲେ। ବନ୍ଦ କରିଦେବା ପାଇଁ ହାଇକୋର୍ଟ, ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ, ମା' ସମଲେଇଙ୍କ ଆଶୀର୍ବାଦ, ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଓ ସାଂସଦ ପ୍ରାର୍ଥୀ ବବି ବାବୁଙ୍କ କଠିନ ପରିଶ୍ରମ ଯୋଗୁ ଆମେ ଲକ୍ଷ୍ୟ ହାସଲ କଲୁ, ପ୍ରକଳ୍ପ ସମ୍ପୂର୍ଣ୍ଣ କଲୁ। ଦେବଗଡ଼ର ପ୍ରଧାନପାଟକୁ ୧ କୋଟି, ଜିଲା ସଦର ମହକୁମା ଡାକ୍ତରଖାନାକୁ ୧୫୦ କୋଟିରେ ରୂପାନ୍ତର, ଦେବଗଡ଼ର ୪ ହଜାର ପିଲାଙ୍କୁ ନୂଆ-ଓ ସ୍କଲାରଶିପ୍ ଦିଆଯାଇଛି ବୋଲି ସେ କହିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ପାଣ୍ଡିଆନ ମତଦାତାଙ୍କୁ ନିବେଦନ କରିଛନ୍ତି।

ଏହି ଅବସରରେ ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଭାଜପା ସରକାର ଯାହା କହନ୍ତି ତାହା କରନ୍ତି ନାହିଁ। କିନ୍ତୁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଯାହା କହିଥାନ୍ତି ତାଠୁ ଅଧିକ କାମରେ କରିକି ଦେଖାନ୍ତି। ଜଣେ ମିଛ ପ୍ରଚାର କରୁଛି, ଅପରପକ୍ଷରେ ଅନ୍ୟ ଜଣେ କାମ କରି ଚାଲିଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଦେବଗଡ଼ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଏବଂ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନ ନିଜର ଅଭିଭାଷଣରେ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତି।



ଆଠମଲ୍ଲିକ ସହରସ୍ଥିତ ଷ୍ଟାଡିୟମରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ସମ୍ବଲପୁର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାଶ ଓ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଉପସ୍ଥିତ ଅଛନ୍ତି।




ବଲାଙ୍ଗୀରିର କୋଶଳ କଳାମଣ୍ଡଳ ପଡ଼ିଆଠାରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗୀର ଲୋକ ସଭା ଆସନ ପ୍ରାର୍ଥୀ ମନୋଜ ମିଶ୍ର, କଣ୍ଟାବାଞ୍ଜି ବିଧାନସଭା ଆସନ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ଦଳୀୟ ନେତାମାନେ।

## ମାଗଣା ବିଜୁଳି ଗ୍ୟାରେଣ୍ଟିର କରେଣ୍ଟ ଭାଜପାକୁ ଜୋରରେ ଲାଗିଛି: ବିଜେଡି

ଭୁବନେଶ୍ୱର,୧୫।୫(ଅନିଲ ଦାସ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଓଡିଶା ଭାଜପା ଭଲ ଭାବେ ଜାଣିସାରିଲାଣି ଯେ ସେମାନେ ଶୋଚନୀୟ ପରାଜୟକୁ ସାମ୍ନା କରୁଛନ୍ତି, ଆଉ ବିଜେଡି ୯୦% ଆସନରେ ବାଜିମାତ୍ କରିବାକୁ ଯାଉଛି। ଏହା ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ଏଥିପାଇଁ ସେମାନେ ଅଭ୍ୟାସଗତ ଭାବେ ମିଛ କହିବା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର। ବୁଧବାର ଶଙ୍ଖଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ମାଗଣା ବିଜୁଳି ସଂକ୍ରାନ୍ତରେ ଆମ ନିର୍ବାଚନୀ ଇସ୍ତାହାରରେ ସ୍ପଷ୍ଟ ଭାବେ କୁହାଯାଇଛି, ୯୦% ଓଡିଶାବାସୀ ଏହି ମାଗଣା ବିଜୁଳି ପାଇବେ। ସାଢେ ୪ କୋଟି ଓଡିଶାବାସୀ ଜାଣିଛନ୍ତି, ନବୀନବାବୁଙ୍କ ଗ୍ୟାରେଣ୍ଟି ସବୁ ଶତ ପ୍ରତିଶତ ପାଳନ ହେବ। ଏହି ମାଗଣା ବିଜୁଳି ଘୋଷଣା ଶୁଣିବା ପରେ ସେମାନଙ୍କ ଶରୀରରେ ଏତେ ଜୋରରେ କରେଣ୍ଟ ଲାଗିଛି ଯେ ସେମାନେ ସମ୍ପୂର୍ଣ୍ଣ ବିଚଳିତ ହୋଇଯାଇଛନ୍ତି ଓ ମନଇଚ୍ଛା କଥା କହିବା ଆରମ୍ଭ କରିଛନ୍ତି। ବିଜୁଳି ଯୋଗାଣ ସଂକ୍ରାନ୍ତରେ ମଧ୍ୟ ସେମାନଙ୍କର ମିଛ ଧରାପଡିଛି ବୋଲି ସେ କହିଛନ୍ତି। ଭାଜପା ନେତା ସମୀର ମହାନ୍ତିଙ୍କ ପ୍ରତିକ୍ରିୟା ଶୁଣି ଲାଗିଲା, କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରୁଛନ୍ତି ବୋଲି ସେ କହିବାକୁ ଚାହୁଁଛନ୍ତି। ଆମେ ଶୁଣୁଥିଲୁ, ଚଳିତ ନିର୍ବାଚନରେ ଟିକେଟ ମିଳିଲା ନାହିଁ ବୋଲି ସେ ରାଗରେ ଥିଲେ। ଲାଗୁଛି ସେ ଏତେ ରାଗରେ ଅଛନ୍ତି ଯେ, ନିଜ ଦଳର ସରକାର ବିରୋଧରେ ତଦନ୍ତ କରିବାକୁ ଦାବି କରୁଛନ୍ତି। ତଦନ୍ତ ହେଉ, ସବୁ ସତ ପଦାକୁ ଆସିଯିବ। ମାଗଣା ବିଜୁଳି ପ୍ରତିଶ୍ରୁତି କରେଣ୍ଟ ଏମିତି ଲାଗିଛି ଯେ, ସେ ନିଜେ କଣ କହୁଛନ୍ତି ଜାଣିପାରୁନାହାନ୍ତି। ସେଥିପାଇଁ ନିଜ ସରକାର ବିରୋଧରେ ତଦନ୍ତ ଦାବି କରୁଥିବା ଭୃଗୁ କହିଛନ୍ତି।

# ଜନତାଙ୍କ ଉତ୍ସାହ ଭାଜପାର ବିଜୟ ସନ୍ଦେଶ ଦେଉଛି

## କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ପ୍ରଚାର

ଜମନକିରା/କୁଚିଣ୍ଡା, ୧୫।୫
(ରବୀନ୍ଦ୍ର ପ୍ରସାଦ ଦାନୀ/ବିରଞ୍ଚି ଦର୍କା)



ଭାଜପା ସଙ୍କଳ୍ପ ସମାବେଶରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବର୍ଗ।

ଦୀର୍ଘ ୨୫ବର୍ଷ ଧରି ଯେଉଁମାନେ ଓଡ଼ିଶାକୁ ଲୁଟ୍ କରିଛନ୍ତି ସେମାନେ ଏବେ ଓଡ଼ିଶାର ନେତୃତ୍ୱମାନଙ୍କୁ ଆଡେଇ ଦେବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଏଥର ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ମୂଳପୋଛ କରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚାର କାଳରେ ଜନତାଙ୍କ ଅପାର ସ୍ନେହ ଓ ଉତ୍ସାହ ଭାଜପାର ଅଭୂତପୂର୍ବ ବିଜୟର ସନ୍ଦେଶ ଦେଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର କୁଚିଣ୍ଡା ନିର୍ବାଚନମଣ୍ଡଳୀର ଭୋଜପୁର, କୁସୁମୀ, ଗୋଛରା, କେଶାଇବାହାଲ, ବାମରା ଓ ଗଡପୋଷ ସମେତ ଅନେକ ସ୍ଥାନରେ ନିର୍ବାଚନୀ ପ୍ରଚାର କାଳରେ ସେ ଏକ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପାକୁ ପଦ୍ମ ଫୁଲରେ ଭୋଟ ଦେବା ଲାଗି ଲୋକଙ୍କୁ ନିବେଦନ କରିଛନ୍ତି।

ଦଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଯେଉଁମାନେ ୨୫ ବର୍ଷ ହେବ ଗାଁରେ ପିଇବା ପାଣି ଦେଇନାହାନ୍ତି, ଜମିକୁ ଜଳସେଚନର ବ୍ୟବସ୍ଥା କରିନାହାନ୍ତି ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଓଡ଼ିଶାରେ ଅନେକ ପରିମାଣରେ ପନିପରିବା ଉତ୍ପାଦନ ପରେ ମଧ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ। ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସ୍କୁଲରେ ଶିକ୍ଷକ ନାହାନ୍ତି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ଭିଟାମାଟି ଛାଡି ବାହାର ରାଜ୍ୟରେ କାମ କରୁଛନ୍ତି। ଏଥିରୁ କୁମ୍ଭୀର କାନ୍ଦଣା କିଏ କରୁଛି ତାହା ଲୋକ ବିଚାର କରିବେ।

୨୫ ବର୍ଷର ବିଜେଡି ସରକାରରେ କୁଚିଣ୍ଡା ଅବହେଳିତ। କୃଷିଭିତ୍ତିକ ଅଞ୍ଚଳରେ ଜମିକୁ ଜଳସେଚନ ହୋଇପାରୁ ନ ଥିବାରୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି। ମରୁଡ଼ି ହେଉଛି। ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ରାଜ୍ୟ ସରକାର ଦେଉନାହାନ୍ତି। ପେସା ଆକ୍ଟ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ଆଦିବାସୀଙ୍କୁ ସ୍ଥାୟୀ ପଟ୍ଟା ମିଳୁନାହିଁ। ଆଦିବାସୀଙ୍କ ଜମି ବିକିବା ପାଇଁ କ୍ୟାବିନେଟରେ କିଏ ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୨୫ ବର୍ଷରେ ଜମିକୁ ଜଳସେଚନ ବ୍ୟବସ୍ଥା ନ କରିବା, ଶୀତଳ ଭଣ୍ଡାର ସ୍ଥାପନ ନ କରିବା କ'ଣ ରୂପାନ୍ତରଣ। କୃଷିଭିତ୍ତିକ ଅଞ୍ଚଳ ଛେଣ୍ଡିପଦାରେ ଧାନ କିଣାରେ କଟ୍‌ନୀ ଛଟ୍‌ନୀ ମଧ୍ୟ ହେଉଛି। ଏହା ବିରୋଧରେ ଲୋକେ ମେଳି ବାନ୍ଧିଛନ୍ତି। ଓଡ଼ିଶାରେ ଏଥର ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ଓ ମହିଳା ସୁରକ୍ଷା ପାଇଁ ପରିବର୍ତ୍ତନ ହେବ। ଭାଜପାର ସଙ୍କଳ୍ପ ପତ୍ର ଉପରେ ସମବେତ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ରମନ୍ତ୍ରୀ। ରାଜ୍ୟରେ ଭାଜପା ସରକାର ହେଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେବ। ଧାନ କିଣିବାର ୪୮ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ। କଟ୍‌ନୀଛଟ୍‌ନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ। ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ୩ହଜାର ଟଙ୍କା କରାଯିବ। କେନ୍ଦୁପତ୍ର ବିଡା ୧.୬୦ ଟଙ୍କାରୁ ୨ଟଙ୍କା ବୃଦ୍ଧି କରାଯିବ। ରାଜ୍ୟରେ ଭାଜପା ସରକାର ହେଲେ ଏସ୍‌ଏଚ୍‌ଜି ସମୂହକୁ ନେଇ ୨୫ ଲକ୍ଷ ଲକ୍ଷପତି ଦିଦି ତିଆରି କରାଯିବ। କୁଚିଣ୍ଡାକୁ ଏକ ଅଗ୍ରଣୀ ସବ୍‌ଡିଭିଜନ ଭାବେ ଗଢିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ଆୟୋଜିତ ପୃଥକ ପୃଥକ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅନେକ ନେତା, କର୍ମୀ ଓ ଯୁବବର୍ଗ ସାମିଲ ହୋଇଥିଲେ। ଦୁଇ ଗୁଣା ପଦ୍ମ, ଦୁଇ ଗୁଣା ବିକାଶର ନାରା ଦେବା ସହ ଲୋକ ସଭା ଓ ବିଧାନସଭାରେ ଦୁଇ ଥର ପଦ୍ମଫୁଲରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଭୋଜପୁରଠାରେ ଅନୁଷ୍ଠିତ ବିଜୟ ସଙ୍କଳ୍ପ ସମାବେଶରେ କୁଲୁଣ୍ଡି, ଖର୍ସନମାଲ, ଜମନକିରା, ବଡରମା, ଭୋଜପୁର, କେନାଢିପା, ଫାଶିମାଲ, ସୁବର୍ଣ୍ଣପାଲି ଅଞ୍ଚଳର ବହୁ ସଂଖ୍ୟାରେ ଯୁବକ, ମହିଳା ଓ ବିଭିନ୍ନ ପଦ ପଦବୀରେ ଥିବା ବିଜେଡି ଓ କଂଗ୍ରେସ କର୍ମୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ।

# ବିକାଶଧାରାକୁ ଜାରି ରଖିବି: ଅଶୋକ

ପୁରୁଣା ଭୁବନେଶ୍ୱର, ୧୫।୫(ସୁବାସ ଚନ୍ଦ୍ର ପ୍ରଧାନ)

## ଏକାମ୍ର ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ଅଶୋକ ଚନ୍ଦ୍ର ପଣ୍ଡା। ସେ ୨୦୦୯, ୨୦୧୪ ଏବଂ ୨୦୧୯ରେ ଏହିକ୍ଷେତ୍ରରୁ ବିଧାୟକଭାବେ ବିଜୟୀ ହୋଇ ଆସୁଛନ୍ତି। ଏପରି କି ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଏକାଧିକ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଚଳିତ ନିର୍ବାଚନରେ ୪ର୍ଥ ଥର ପାଇଁ ପ୍ରାର୍ଥୀ ହୋଇ ବିକାଶଧାରା ଜାରି ରଖିବା ସହ ଲୋକଙ୍କ ସମର୍ଥନ ହାସଲ କରିବା ସକାଶେ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧରିତ୍ରୀ ସହ ପଣ୍ଡାଙ୍କ ସ୍ୱତନ୍ତ୍ର ସାକ୍ଷାତ୍‌କାର...

**▸▸ଆପଣଙ୍କ ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**

ଆମେ ସର୍ବଦା ଜନସାଧାରଣଙ୍କ ସହିତ ରହିଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ, ଏହାହିଁ ବିଜୁ ଜନତା ଦଳର ପ୍ରାଥମିକତା। ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ଯୋଜନା ପ୍ରସ୍ତୁତ କରେନାହିଁ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଆକାଶଛୁଆଁ ବୃଦ୍ଧି ପ୍ରସଙ୍ଗରେ ବିରୋଧୀଙ୍କୁ ଭୋଟର ଉଚିତ ଜବାବ ଦେଇଆସୁଛନ୍ତି। ତେଣୁ ବିକାଶଧାରାକୁ ଜାରି ରଖିବା ହିଁ ଏକମାତ୍ର ପ୍ରସଙ୍ଗ। ଏଥିପାଇଁ ଏକାମ୍ରବାସୀ ମାନସିକଭାବେ ପ୍ରସ୍ତୁତ ଅଛନ୍ତି।

**▸▸ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ଚାହିଁବେ?**

ସରକାରୀ ଚାକିରି ଛାଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସାଧାରଣଙ୍କ ସେବା କରିବାକୁ ରାଜନୀତିକୁ ଆସିଛି। ଲୋକମାନଙ୍କ ସହିତ ସବୁବେଳେ ରହିଛି। ସରକାରୀ ଯୋଜନା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ମୋର ଚେଷ୍ଟା ଜାରି ରହିଛି। ଏକାମ୍ର ନିର୍ବାଚନମଣ୍ଡଳୀର ଲୋକମାନେ ବହୁ ସଚେତନ। ଆଗକୁ ସରକାରୀ ଯୋଜନା କିଭଳି ଲୋକଙ୍କୁ ମିଳିପାରିବ ସେଥିପାଇଁ କାର୍ଯ୍ୟ କରିବି।

**▸▸ମତଦାତାଙ୍କୁ କ'ଣ ସବୁ ପ୍ରତିଶ୍ରୁତି ଦେବେ?**

ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ଯୋଜନା ପ୍ରସ୍ତୁତ କରେ ନାହିଁ। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ୧୦୦ ୟୁନିଟ ମାଗଣା ବିଜୁଳି ରାଜ୍ୟର ୯୦% ପରିବାରକୁ ମିଳିବ। ସେହିପରି ସ୍ୱାସ୍ଥ୍ୟବୀମା ବିଏସ୍‌କେୱାଇ ଯୋଜନାରେ ମଧ୍ୟବିତ୍ତ ଓ ସରକାରୀ ଚାକିରିଆଙ୍କୁ ମିଳୁ ନ ଥିବାରୁ ଏହାକୁ ମୁଖ୍ୟମନ୍ତ୍ରୀ ଅନୁଭବ କରି ସବୁବର୍ଗର ଲୋକଙ୍କ ପାଇଁ ବିଏସ୍‌କେୱାଇ ଲାଗୁ କରିବେ। ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷାର୍ଥୀଙ୍କ ପାଇଁ ସ୍କଲାରଶିପ ଆଦି ଯୋଜନା କିଭଳି କାର୍ଯ୍ୟ କରୁଛି ସମସ୍ତେ ଅନୁଭବ କରିଛନ୍ତି। ସେହିପରି ଚଳିତ ଥର ଯୁବତୀଯୁବକଙ୍କ ପରାମର୍ଶରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ବଜେଟ ବ୍ୟବସ୍ଥା ହେବ, ଯାହା ଆଗାମୀ ପିଢ଼ି ସକାଶେ ଯୋଜନା ପ୍ରସ୍ତୁତ ହେବ। ଭାରତ ବର୍ଷରେ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାକୁ ପ୍ରୟାସ କରାଯିବ।

**▸▸ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ ବୋଲି ଭାବୁଛନ୍ତି?**

ଏକାମ୍ର ନିର୍ବାଚନମଣ୍ଡଳୀରେ ପ୍ରତି ପଞ୍ଚାୟତ ଓ ମହାନଗର ନିଗମର ବିଭିନ୍ନ ୱାର୍ଡରେ ଲୋକଙ୍କ ମୌଳିକ ସମସ୍ୟାକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ସ୍କୁଲର ରୂପାନ୍ତରଣ, କ୍ଲବ, ପାଠାଗାର, ଖେଳପଡ଼ିଆ, ପାର୍କର ଉନ୍ନତୀକରଣ, ବିଭିନ୍ନ ସ୍ଥାନରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆଦି ଲୋକଙ୍କ ନଜରରେ ରହିଛି। ମୁଖ୍ୟମନ୍ତ୍ରୀଙ୍କୁ ଓ ଏକାମ୍ର ନିର୍ବାଚନମଣ୍ଡଳୀର ବିକାଶକୁ ଲୋକଙ୍କ ବିଶ୍ୱାସ ରହିଥିବାରୁ ଭୋଟରମାନେ ବିଜେଡିକୁ ସମର୍ଥନ କରିବେ ବୋଲି ଭାବୁଛି।

**▸▸ଆପଣଙ୍କ ସହିତ କାହାର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଭାବୁଛନ୍ତି?**

ମୁଖ୍ୟମନ୍ତ୍ରୀଙ୍କ ବିକାଶକୁ ବିଶ୍ୱାସ କରି ସ୍ୱାଧୀନ କର୍ପୋରେଟର ବିଜେଡିରେ ଯୋଗଦେଇଛନ୍ତି। ଭାଜପା ଛାଡ଼ି ବିଜେଡି ଟିକେଟ୍‌ରେ କେତେଜଣ କର୍ପୋରେଟର ନିର୍ବାଚିତ ହୋଇଛନ୍ତି। ଏଥିସହ ଭାଜପା ପୂର୍ବତନ ବିଧାୟକ ପ୍ରାର୍ଥୀ ବିଜେଡିରେ ଯୋଗଦାନ କରିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀରେ ଆମେ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ, ବରଂ ବିକାଶକୁ କିପରି ଆଗକୁ ନେବୁ ସେହି ଲକ୍ଷ୍ୟ ନେଇ ନିର୍ବାଚନ ଲଢୁଛୁ ଏବଂ ଅଧିକ ସଂଖ୍ୟକ ଭୋଟରେ ଉଭୟ ବିଧାନସଭା ଓ ଲୋକ ସଭା ଆସନରେ ବିଜୟୀ ହେବୁ।

# ଭାଜପାରେ ବହୁ ବିଜେଡି, କଂଗ୍ରେସ ନେତା, କର୍ମୀ


ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସହ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀର ଅଚ୍ୟୁତବସନ୍ତ, ଅରଖପୁର, ପଳେଇ, କୁନ୍ଦଳ, ରାଧାଦେଇପୁର ଗ୍ରାମପଞ୍ଚାୟତର ଶତାଧିକ ନେତା, କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବୁଧବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଚ୍ୟୁତବସନ୍ତର ବିଜେଡି ଜିଲା ସାଧାରଣ ସମ୍ପାଦକ ରୁଦ୍ରମାଧବ ବଳସାମନ୍ତ, ପରମେଶ୍ୱର ଦଳେଇ, ସାଧୁନାଥ ଦଳେଇ, ନାରଣ ଦଳେଇ, ବିଶ୍ୱଜିତ ବଳସାମନ୍ତ, ରବୀନ୍ଦ୍ର ଦଳେଇ, ଉତ୍ତମ ଦଳେଇ, ଅରଖପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପରିଡ଼ା, ପଳେଇ ଗ୍ରାମପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ କିଶୋର ମହାନ୍ତି, ଅବସରପ୍ରାପ୍ତ ମେଜର ଧନେଶ୍ୱର ମହାରଣା, ସାମାଜିକ କର୍ମୀ ବିକ୍ରମ କିଶୋର ପ୍ରଧାନ, କୁନ୍ଦଳ ପଞ୍ଚାୟତର ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ମିଶିଛନ୍ତି। ସେହିପରି ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀର ବିଜେଡି ସରପଞ୍ଚ ପ୍ରାର୍ଥୀ ସଚ୍ଚିଦାନନ୍ଦ ଜେନା, ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ସାହୁ, ସରୋଜକାନ୍ତ ମହାନ୍ତି, ଅନିରୁଦ୍ଧ ମହାନ୍ତି, ଜଗନ୍ନାଥ ସାହୁ, କ୍ଷେତ୍ରବାସୀ ସାହୁ, ନିର୍ମଳ ଚନ୍ଦ୍ର ଜେନା, ସାମାଜିକ କର୍ମୀ ମଞ୍ଜରୀ ଜେନା, ହାଇକୋର୍ଟ ଆଇନଜୀବୀ ସୁମନ୍ତ ସ୍ୱାଇଁ ପ୍ରମୁଖ ଆନୁଷ୍ଠାନିକଭାବେ ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

# ଭାଜପା ଲୋକ ସଭା ପ୍ରାର୍ଥୀଙ୍କ ଜାତିକୁ ନେଇ ଅଭିଯୋଗ

ଯାଜପୁର ଟାଉନ, ୧୫।୫
(ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଲୋକ ସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଭାଜପା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଜାତିକୁ ନେଇ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଯାଜପୁର ଲୋକସଭା ଆସନଟି ଅନୁସୂଚିତ ଜାତି(ଏସ୍‌ସି) ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଲୋକସଭା ପ୍ରାର୍ଥୀ ବେହେରାଙ୍କ ମୂଳ ଜାତି ରାଢ଼ି(ଯାହାକି ସବର୍ଣ୍ଣ)। କିନ୍ତୁ ସେ ଜାଲିଆତି କରି ହାଲ କବଲାରେ ନିଜକୁ କୈବର୍ତ୍ତ୍ୟ ଜାତି ବୋଲି ଦର୍ଶାଇଛନ୍ତି। ଏହା ଅନୁସୂଚିତ ଜାତି ବର୍ଗଙ୍କ ମୌଳିକ ଅଧିକାରକୁ ଚଞ୍ଚକତା କରାଯାଇଛି ବୋଲି ଅସ୍ପୃଶ୍ୟ ସଂରକ୍ଷଣ ସୁରକ୍ଷା ସମିତି ରାଜ୍ୟ ସଂଯୋଜକ ମନୋରଞ୍ଜନ ଜେନା, ସହଦେବ ଜେନା ଓ ପ୍ରତାପ ଦାସ ଅଭିଯୋଗ କରିବା ସହ ବେହେରାଙ୍କ ପ୍ରାର୍ଥିପତ୍ର ନାକଚ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଓଡ଼ିଶାରେ ପରିବର୍ତ୍ତନର ସଙ୍କେତ ମିଳିସାରିଛି: ଛତିଶଗଡ଼ ଅର୍ଥମନ୍ତ୍ରୀ

## ଟଙ୍କଧର, ପ୍ରଦୀପଙ୍କ ପାଇଁ କଲେ ପ୍ରଚାର

ଝାରସୁଗୁଡ଼ା, ୧୫।୫(ସଞ୍ଜୟ ମାଲି)


ଝାରସୁଗୁଡ଼ା ଜିଲା ଭାଲୁପତ୍ରା ଗ୍ରାମରେ ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ଓ ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରଚାର କରୁଛନ୍ତି।

ଓଡ଼ିଶାରେ ପରିବର୍ତ୍ତନର ସଙ୍କେତ ମିଳିସାରିଛି ବୋଲି ଛତିଶଗଡ଼ର ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ କହିଛନ୍ତି। ବୁଧବାର ଝାରସୁଗୁଡ଼ା ଜିଲା କୋଲାବିରା ଓ ଲଇକେରା ବ୍ଲକର ଝିର୍ଲାପାଲି, ଭାତଲଇଡା ଓ ଭାଲୁପତ୍ରା ଗ୍ରାମଠାରେ ଭାଜପାର ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଚୌଧୁରୀ କହିଛନ୍ତି, ପ୍ରତିପକ୍ଷ ସରକାରର ପତନ ଘଟିବ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲେ ସବୁ ସମସ୍ୟାର ସମାଧାନ ହେବ। ଓଡ଼ିଶାରେ ସୃଷ୍ଟି ହେବ ବିକାଶର ନୂତନ ଧାରା। ଛତିଶଗଡ଼ ଭଳି ଏଠାରେ ମଧ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିବ ବର୍ଷକୁ ୫୦ ହଜାର ଟଙ୍କାର ଭାଉଚର। ରୋଜଗାରର ନୂତନ ସୁଯୋଗ ସୃଷ୍ଟି ହେବ। ଛତିଶଗଡ଼ ଭଳି ଓଡ଼ିଶାରେ ସବୁ ବର୍ଗର ଲୋକଙ୍କ ବିକାଶ ସମ୍ଭବ ହେବ ବୋଲି ଚୌଧୁରୀ କହିଛନ୍ତି।

ପ୍ରତିପକ୍ଷ ଦଳ ଗୋଟିଏ ଭୋଟକୁ ୩ରୁ ୫ ହଜାର ଟଙ୍କା ଦେବାକୁ ଯାଉଛି ବୋଲି ଚୌଧୁରୀ ଅଭିଯୋଗ କରିଛନ୍ତି। ତେବେ ସେହି ଟଙ୍କା ନିଅ କିନ୍ତୁ ଭୋଟ ଉଚିତ ପ୍ରାର୍ଥୀ ଅର୍ଥାତ୍ ଭାଜପା ସପକ୍ଷରେ ଦିଅ। ଓଡ଼ିଶାରେ ଭ୍ରଷ୍ଟାଚାର ଓ ଦୁର୍ନୀତିରେ ବୁଡ଼ି ରହିଥିବା ସରକାରକୁ ଗାଦିଚ୍ୟୁତ କର ବୋଲି କହି ବିଜେଡି ଉପରେ ବର୍ଷିଛନ୍ତି ଛତିଶଗଡ଼ ମନ୍ତ୍ରୀ ଚୌଧୁରୀ। ଏହି ସଭାରେ ଝାରସୁଗୁଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଉଦ୍‌ବୋଧନ ଦେଇ ଗୋଟିଏ ପରିବାରକୁ ଝାରସୁଗୁଡ଼ାରେ ୪ ଥର ଜିତାଇଥିବା ବେଳେ ନୂତନ ନିର୍ମାଣ ନାମରେ ଏହି ଅଞ୍ଚଳକୁ ଲୁଟି ଖାଇବାର ସୁଯୋଗ ଦିଆଯାଇଛି। ଆଗକୁ ନିର୍ବାଚନମଣ୍ଡଳୀରେ ଲୋକେ ଯଦି ପ୍ରକୃତ ବିକାଶ ଚାହୁଁଛନ୍ତି ତା'ହେଲେ ଭାଜପାକୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା କରନ୍ତୁ ବୋଲି ତ୍ରିପାଠୀ କହିଛନ୍ତି। ସଭାରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସନ୍ତୋଷ ଯାଦବ, ରାଜେଶ ଦାସ, ବିଜୟ ଶର୍ମା, ପଙ୍କଜ ବେହେରା, ମୋତିଲାଲ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେବୁ

ଭୁବନେଶ୍ୱର, ୧୫।୫(ଅନିଲ ଦାସ)


ଅମିନ ସାହୁ


କାହ୍ନୁ ସାହୁ

ରାଜ୍ୟରେ ନିର୍ବାଚନ ପର୍ବ ଚାଲିଛି। ପ୍ରାର୍ଥୀଙ୍କଠାରୁ ଆରମ୍ଭ କରି ଦଳୀୟ ନେତା ଓ କର୍ମୀ ଘର ଘର ବୁଲି ଝାଳବୁହା ପ୍ରଚାର କରୁଛନ୍ତି। ଲୋକମାନଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ପୁସିଂ କାର୍ଡ ଧରାଇ ଭୋଟ ଦେବାକୁ ନେହୁରା ହେଉଛନ୍ତି। ତେବେ ପ୍ରାର୍ଥୀମାନେ କ'ଣ କରିଛନ୍ତି ସେ ବିଷୟରେ ଭୋଟରଙ୍କୁ ଜଣାନାହିଁ। କିଏ କ'ଣ କରିଛନ୍ତି ଆମେ ଜାଣିନୁ। ଆମ ପାଇଁ କେହି କିଛି କରିନାହାନ୍ତି। ଭୋଟ ଦେବା କଥା ଦେଉଛୁ। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେବୁ। ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଛି ଭୋଟର ଏଭଳି ମତ ଦେଇଛନ୍ତି।

ବରିଷ୍ଠ ମତଦାତା ଏଭଳି କଥା କହୁଥିବା ବେଳେ ଯୁବ ମତଦାତା କିନ୍ତୁ ଟିକେ ଅଲଗା ମତ ଦେଉଛନ୍ତି। ସେମାନଙ୍କର ଦରକାର ରୋଜଗାର। ଏହା ପରେ ଅନ୍ୟ କିଛି ହେଉ। ବେକାର ହୋଇ ରହିଲେ ଆମେ କ'ଣ କରିବୁ। ଯିଏ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ, ଆମେ ତାଙ୍କୁ ଭୋଟ ଦେବୁ। ତେବେ ସମସ୍ତେ ଭୋଟ ଦେବା ଉଚିତ ବୋଲି ମତ ଦେଇଛନ୍ତି।

ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାଡ଼କଣ ଅଞ୍ଚଳର ବରିଷ୍ଠ ମତଦାତା ଅମିନ ସାହୁ କହିଛନ୍ତି ଯେ ଆଜିକାଲି ନେତାମାନେ ଆଉ ଆଗଭଳି ସେବା ମନୋବୃତ୍ତି ରଖି କାମ କରୁନାହାନ୍ତି। ଭୋଟ ସରିଗଲେ ଦେଖା ମିଳିବା ମୁସ୍କିଲ। ଆମେ ପ୍ରାର୍ଥୀ ନୁହେଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେଉଛୁ। ରାଜ୍ୟ ଓ ଦେଶ ଚଳାଇବାକୁ ତ କେହି ରହିବେ। ସେଥିପାଇଁ ଭୋଟ ଦେଉଛୁ। ଆମ ପାଇଁ କେହି କିଛି କରୁନାହାନ୍ତି। ନିଜେ ନ ଖଟିଲେ କ'ଣ ନେତା ଆଣି ଘରେ ଦେଇଯିବେ। ସେ ତାଙ୍କ ଫାଇଦା ପାଇଁ ରାଜନୀତି କରୁଛନ୍ତି। ଆମର ଯାହାକୁ ଇଚ୍ଛା ହେବ ଭୋଟ ଦେବୁ। କିଏ କ'ଣ କରିଛନ୍ତି ଆମେ ଜାଣିନୁ। ଚିହ୍ନ ଦେଖି ଯାହାକୁ ଜଣକୁ ଭୋଟ ଦେଇଦେବୁ।

କଳାରାହାଙ୍ଗର ଯୁବ ଭୋଟର କାହ୍ନୁ ସାହୁ କହିଛନ୍ତି ଯେ ଏମ୍‌ପି, ବିଧାୟକ କ'ଣ କରୁଛନ୍ତି ଆମକୁ ଜଣାନାହିଁ। କିଛି ଦିନ ହେବ ପ୍ରଚାର କରିବାକୁ ଆସିଥିବା ଭୁବନେଶ୍ୱର ଏମ୍‌ପିଙ୍କୁ ଗାଁ ଲୋକ ପଚାରିଥିଲେ ଆପଣ ଆମ ପାଇଁ କ'ଣ କରିଛନ୍ତି। ସେ କିଛି ଉତ୍ତର ନ ଦେଇ ସେଠୁ ପଳାଇ ଯାଇଥିଲେ। କୌଣସି ପ୍ରାର୍ଥୀଙ୍କର କିଛି କରିବାର ନାହିଁ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେଉଛି। ଲୋକଙ୍କ କଥା କେହି ଶୁଣୁନାହାନ୍ତି। ନେତାମାନେ କ୍ଷମତାକୁ ଆସିଲେ ଯାହାଇଚ୍ଛା ତାହା କରୁଛନ୍ତି। ୫ ବର୍ଷରେ ଥରେ ଭୋଟ ହେଉଥିବାରୁ ଦେଉଛି ବୋଲି ସେ କହିଥିଲେ।

ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଭଳି ରାଜଧାନୀ ଭୁବନେଶ୍ୱରରେ ମଧ ଖରାର ତାତି ସାଙ୍ଗକୁ ନିର୍ବାଚନର ଉଷ୍ମତା ବଢ଼ିଯାଇଛି। ବିଜେଡି, ଭାଜପା ଓ କଂଗ୍ରେସ ଭଳି ପ୍ରମୁଖ ଦଳ ନିଜର ସ୍ଥିତି ଜାହିର କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ପ୍ରଚାର ଗାଡ଼ି ଗଳିକନ୍ଦି ବୁଲି ଭୋଟ ପ୍ରଚାରରେ ଯାଉଥିବାବେଳେ ସନ୍ଧ୍ୟା ହେଲେ ଛକ ବଜାର, ଚା' ଦୋକାନରେ ଆରମ୍ଭ ହୋଇଯାଉଛି ରାଜନୀତି ଚର୍ଚ୍ଚା। କିଏ କହୁଛନ୍ତି ବହୁତ ହୋଇଗଲା, ଏଥର ସରକାର ବଦଳିବା ଦରକାର। ଆଉ କିଏ କହୁଛନ୍ତି ମୁଖ୍ୟମନ୍ତ୍ରୀ ପାଇଁ ଅନ୍ୟ ଦଳର କିଏ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି? ଯାହା ଚାଲିଛି ଚାଲିଥାଉ। ତେବେ କେଉଁ ଦଳକୁ ଲୋକେ ଗ୍ରହଣ କରୁଛନ୍ତି ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହୋଇଯିବ।

# ଦୁଇ ଅଭିଜ୍ଞଙ୍କ ପାଇଁ ଚିନ୍ତା ବଢ଼ାଇଲେଣି ନବାଗତ

ସମ୍ବଲପୁର, ୧୫।୫(ପ୍ରମୋଦ ବହିଦାର)


ଜୟନାରାୟଣ ମିଶ୍ର


ରୋହିତ ପୂଜାରୀ ଦୁର୍ଗା


ପ୍ରସାଦ ପାଢ଼ୀ

ସମ୍ବଲପୁର ବିଧାନସଭା କ୍ଷେତ୍ର ସମ୍ବଲପୁର ମହାନଗର ନିଗମ, ବୁର୍ଲା ଓ ହୀରାକୁଦ ସହରାଞ୍ଚଳକୁ ନେଇ ଗଠିତ। ୨୦୧୯ରେ ଏଠାରୁ ଭାଜପାର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ବିଜୟୀ ହୋଇଥିଲେ। ଚଳିତ ଥର ସେ ପୁଣି ଥରେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଏଠାରୁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ମଇଦାନକୁ ଛାଡ଼ିଛି। କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ଆଇନଜୀବୀ ଦୁର୍ଗାପ୍ରସାଦ ପାଢ଼ୀ। ୩ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ବିଭିନ୍ନ ରାଜନୈତିକ ଦଳର ୯ଜଣ ଏଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହେଉଥିବା ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଜୟନାରାୟଣ ମିଶ୍ର ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ୪ଥର ବିଜୟୀ ହୋଇଛନ୍ତି। ୨୦୦୦, ୨୦୦୪, ୨୦୦୯ରେ ଲଗାତର ତିନିଥର ବିଜୟୀ ହୋଇଥିବା ବେଳେ ୨୦୧୪ରେ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀଙ୍କଠାରୁ ହାରି ଯାଇଥିଲେ। ହେଲେ ୨୦୧୯ରେ ପୁଣିଥରେ ଏଠାରୁ ଜିତି ବିଧାନସଭାରେ ବିରୋଧୀ ଦଳର ନେତା ହୋଇଛନ୍ତି। ଚଳିତ ଥର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରର ସଫଳତା ଓ ଲୋକଙ୍କ ପାଇଁ ସେ ବିଗତ ଦିନରେ କରିଥିବା କାର୍ଯ୍ୟ ତାଙ୍କୁ ବିଜୟୀ କରାଇବ ବୋଲି ସେ ଆଶା ବାନ୍ଧିଛନ୍ତି। ପୁନଶ୍ଚ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପାରୁ ପ୍ରାର୍ଥୀ ହୋଇଥିବାରୁ ସାମ୍ପ୍ରତିକ ରାଜନୈତିକ ପାଣିପାଗ ଦଳକୁ ସୁହାଇବ ବୋଲି କର୍ମୀମାନେ କହୁଛନ୍ତି। ତେବେ ୨୦୧୯ ନିର୍ବାଚନରେ ବିଜୟୀ ହେବା ପରେ ଅସୁସ୍ଥତା କାରଣରୁ ଦୀର୍ଘଦିନ ଜୟନାରାୟଣ ନିର୍ବାଚନମଣ୍ଡଳୀ ବାହାରେ ରହିଥିବାରୁ ତାହା ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

୨୦୦୯ ମସିହାରେ ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇ ପରାସ୍ତ ହେବା ପରେ ରୋହିତ ପୂଜାରୀ ରେଢ଼ାଖୋଲ ମୁହାଁ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ବିଜେଡି ଟିକେଟରେ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ଚଳିତ ଥର ବିଜେଡି ତାଙ୍କୁ ସମ୍ବଲପୁର ବିଧାନ ସଭା କ୍ଷେତ୍ରରୁ ପ୍ରାର୍ଥୀ କରିଛି। ହେଲେ ବିଗତ ୧୦ବର୍ଷ ଧରି ଏଠାରେ ଦଳର ମଙ୍ଗ ଧରିଥିବା ରାସେଶ୍ୱରୀ ପାଣିଗ୍ରାହୀ ଟିକେଟ ନ ପାଇବା ପରେ ଦଳ ଛାଡ଼ିଛନ୍ତି। ଏପରିସ୍ଥଳେ ଅସନ୍ତୁଷ୍ଟ ତାଙ୍କ ବିଦ୍ରୋହୀର ଭୂମିକା ଗ୍ରହଣ କରି ତାଙ୍କୁ ଖୋଲାଖୋଲି ବିରୋଧ କରିଥିଲେ। ଦଳୀୟ ସଙ୍ଗଠନକୁ ପୁନର୍ଜୀବିତ କରି ସେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତାଙ୍କୁ ଏଠାରୁ ବିଜୟୀ କରିବ ବୋଲି ବିଜେଡି ନେତା ଓ କର୍ମୀ କହୁଛନ୍ତି। ଅପରପକ୍ଷରେ ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବାରୁ ତାହାର ଫାଇଦା ଦଳକୁ ମିଳିବ ବୋଲି ରୋହିତଙ୍କ ସମର୍ଥକମାନେ କହି ବୁଲୁଛନ୍ତି।

ଏକଦା ସମ୍ବଲପୁର ବିଧାନସଭା କ୍ଷେତ୍ର କଂଗ୍ରେସର ଗଡ଼ ଥିଲା। ୧୯୭୭ ମସିହାରେ ଜନତା ଦଳ ସମ୍ବଲପୁର

### ସମ୍ବଲପୁର ବିଧାନସଭା ଆସନ

ବିଧାନସଭା ଆସନରୁ ବିଜୟୀ ହୋଇଥିଲା। ହେଲେ ଏହା ପରଠାରୁ ୧୯୯୫ ପର୍ଯ୍ୟନ୍ତ ଏଠାରୁ କଂଗ୍ରେସର ପ୍ରାର୍ଥୀମାନେ ବିଜୟୀ ହୋଇ ଆସିଥିଲେ। ହେଲେ ୨୦୦୦ ମସିହାରେ ବିଜେଡି–ଭାଜପା ମେଣ୍ଟ ହେବା ପରେ କଂଗ୍ରେସ ଏଠାରୁ ବିଜୟୀ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଚଳିତଥର ଦଳ ଦୁର୍ଗାପ୍ରସାଦ ପାଢ଼ୀଙ୍କୁ ମଇଦାନକୁ ଛାଡ଼ିଛି। କଂଗ୍ରେସର ପାରମ୍ପରିକ ପକେଟ ଭୋଟ, ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ସାଙ୍ଗକୁ ଉଭୟ କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାରର ଦୋଷଦୁର୍ବଳତା ପଦାରେ ପଡ଼ିଯାଇଥିବାରୁ ଭୋଟର ବିକଳ୍ପଭାବେ କଂଗ୍ରେସକୁ ବିଜୟୀ କରାଇବ ବୋଲି ପାଢ଼ୀ ଆଶା ବାନ୍ଧିଛନ୍ତି। ଅପରପକ୍ଷରେ ସେ ପ୍ରତ୍ୟକ୍ଷ ନିର୍ବାଚନରେ ନୂଆ ହୋଇଥିଲେ ହେଁ ଛାତ୍ର ଜୀବନରୁ ରାଜନୀତି ସହିତ ଜଡ଼ିତ। ସେ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ଜଡ଼ିତ ରହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩ ଥର ସିନେଟ୍ ଓ ସିଣ୍ଡିକେଟ୍ ସଭ୍ୟଭାବେ କାର୍ଯ୍ୟ କରିଛନ୍ତି। ଏଭଳି ସ୍ଥିତିରେ ଅଭିଜ୍ଞ ବିଜେଡି ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଓ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ସହ କିଭଳି ଟକ୍କର ଦେଇ ନିର୍ବାଚନୀ ବୈତରଣୀ ପାର ହୋଇ ପାରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଗୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବର୍ଣ୍ଣବୈଷମ୍ୟବାଦ, ଡୋପିଂ ଦୂରୀକରଣ ମୁଖ୍ୟ ଲକ୍ଷ୍ୟ

## ଫିଫାର ବାର୍ଷିକ ବୈଠକ

■ ମହିଳା କ୍ଲବ ବିଶ୍ୱକପ୍ ୨୦୨୬ରେ

**ବ୍ୟାଙ୍କକ,୧୫।୫(ପି.ଟି)**

ଫିଫା ପକ୍ଷରୁ ଏହାର ବାର୍ଷିକ ବୈଠକ ବୁଧବାର ଥାଇଲାଣ୍ଡରେ ଆରମ୍ଭ ହୋଇଛି। ୩ ଦିନବ୍ୟାପୀ ହେବାକୁ ଥିବା ଏହି ବୈଠକରେ ଫିଫାର ୨୧୧ ସଦସ୍ୟ ରାଷ୍ଟ୍ର ଯୋଗ ଦେଇଥିଲେ। ଶେଷ ଥର ପାଇଁ ୨୦୧୫ରେ ଫିଫାର ବୈଠକ ସମୟରେ ପୋଲିସ୍ ରେଡ୍ ହୋଇଥିଲା। ବିଗତ ୯ ବର୍ଷ ଧରି ଏହା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ବୈଠକରେ ବର୍ଣ୍ଣବୈଷମ୍ୟବାଦ, ଡୋପିଂ ଓ ଦୁର୍ନୀତି ଦୂରୀକରଣ ଉପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ୨୦୨୬ରେ ପ୍ରଥମ ମହିଳା କ୍ଲବ୍ ବିଶ୍ୱକପ୍ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଗାମୀ ଦିନରେ ବିଶ୍ୱକପ୍ ପାଇଁ ଭେନ୍ୟୁ ଚୂଡାନ୍ତ କରାଯିବା ସହ ଅନ୍ୟାନ୍ୟ ପରିଚାଳନାଗତ ନିଷ୍ପତ୍ତି ନିଆଯିବ। ଶୁକ୍ରବାର ଏହି ବୈଠକର ଅନ୍ତିମ ଦିନରେ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ଏକ ଖବରଦାତା ସମ୍ମିଳନୀରେ ୨୦୩୪ ପୁରୁଷ ବିଶ୍ୱକପ ଆୟୋଜନ ସମ୍ପର୍କରେ ଘୋଷଣା କରିବେ। ପୂର୍ବରୁ ଅକ୍ଟୋବର ମାସରେ ସାଉଦି ଆରବକୁ ଭେନ୍ୟୁ ଭାବରେ ଘୋଷଣା କରାଯାଇଥିଲା। ସେହିପରି ଗୁରୁବାର ଏସିଆନ୍ ଫୁଟବଲ୍ କନ୍‌ଫେଡେରେଶନ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ପାଇଁ ରହିଥିବା ଟର୍ମ ଲିମିଟ ହଟାଇବାକୁ ପ୍ରସ୍ତାବ ଦିଆଯିବ। ବାହାରିନ୍‌ର ଶେଖ୍ ସଲମାନଙ୍କୁ ନିଜ ପଦରେ ପୁନର୍ବାର ରଖିବା ପାଇଁ ଏଭଳି ପ୍ରୟାସ ହେଉଛି। ବର୍ତ୍ତମାନର ନିୟମ ଅନୁସାରେ ଜଣେ ବ୍ୟକ୍ତି ୧୪ ବର୍ଷରୁ ଅଧିକ ସମୟ ନିଜ ପଦରେ ରହିପାରିବେ ନାହିଁ। ଆସନ୍ତା ୨୦୨୭ରେ ସଲମାନଙ୍କ ୧୪ ବର୍ଷ ପୂରଣ ହେଉଥିବାରୁ ସେ ଏହି ନିୟମ ପରିବର୍ତ୍ତନ କରିବାକୁ ଆଗ୍ରହୀ ଅଛନ୍ତି।

ଆଗାମୀ ୨୦୩୦ ଓ ୨୦୩୪ ପୁରୁଷ ବିଶ୍ୱକପ୍‌ର ଆୟୋଜକଙ୍କୁ ନେଇ ଘୋଷଣା କରାଯିବ। ସ୍ପେନ୍-ପର୍ତ୍ତୁଗାଲ-ମରକ୍କୋ ୨୦୩୦ ବିଶ୍ୱକପ୍ ମିଳିତ ଭାବରେ ଆୟୋଜନ କରିବାର ସମ୍ଭାବନା ଅଧିକ। ସେହିପରି ୨୦୩୪ରେ ସାଉଦି ଆରବକୁ ଏହି ଅଧିକାର ମିଳିବ। ୨୦୨୬ରେ ଫୁଟବଲ ବିଶ୍ୱକପ୍‌ରେ ଦଳ ସଂଖ୍ୟା ୪୮କୁ ବୃଦ୍ଧି ପାଇଥିବା ବେଳେ ମ୍ୟାଚ୍ ସଂଖ୍ୟା ୧୦୪କୁ ବଢାଇ ଦିଆଯାଇଛି। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବରେ ଏହାର ଆୟୋଜନ କରିବେ।

ମହିଳା ଫୁଟବଲରେ କ୍ଲବ୍ ବିଶ୍ୱକପ୍ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଶେଷରେ ଫିଫା ପକ୍ଷରୁ ଏହା ଉପରେ ମୋହର ଲାଗିଛି। ୨୦୨୬ରେ ପ୍ରଥମ ସଂସ୍କରଣର ମହିଳା କ୍ଲବ ବିଶ୍ୱକପ୍ ଆୟୋଜନ ହେବ। ବିଭିନ୍ନ କନ୍‌ଫେଡେରେଶନର ଶ୍ରେଷ୍ଠ କ୍ଲବଗୁଡିକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହା ସହ ଇସ୍ରାଏଲ ଫୁଟବଲ ଫେଡେରେଶନ ବିପକ୍ଷରେ ପାଲେଷ୍ଟାଇନ୍ ଫୁଟବଲ ଫେଡେରେଶନ କରିଥିବା ଅଭିଯୋଗର ଶୁଣାଣି ଶୁକ୍ରବାର କରାଯିବ।

# ନିର୍ଦ୍ଦୋଷରେ ଖଲାସ ହେଲେ ଲାମିଚାନେ

**କାଠମାଣ୍ଡୁ, ୧୫।୫ (ପି.ଟି.):** ନେପାଳ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସନ୍ଦୀପ ଲାମିଚାନେ ବଳାତ୍କାର ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପଟନ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ବେଳେ ଲାମିଚାନେଙ୍କୁ ସମସ୍ତ ମାମଲାରେ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି। ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୂର୍ବରୁ ଜାନୁଆରୀରେ କାଠମାଣ୍ଡୁ ଡିଷ୍ଟ୍ରିକ୍ଟ କୋର୍ଟ ଲାମିଚାନେଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮ ବର୍ଷର ଦଣ୍ଡାଦେଶ ଶୁଣାଇଥିଲେ। ବୁଧବାର ଦୁଇଜଣିଆ ଖଣ୍ଡପୀଠ ଲାମିଚାନେଙ୍କୁ ୩ ଲକ୍ଷ ଟଙ୍କାର ଫାଇନ୍ ସହ ପୀଡିତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


# Classified Everyday
0674-2580101, 2549949


REAL ESTATE
SALE

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9827119799. D-272

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9437631769.** D-307

TO LET

Shoproom (10'x10') 2Nos. opposite Bijupatnaik College mainroad Jayadev Vihar, Bhubaneswar. Contact-7008296802. D-300




Monalisa massage Club:All types Body massage with hiprofile smart lady rooms service available. 9708545108. D-295

Newly open full body massage all types massage available. 7749034655. D-76121

Newly open health benefits Spa special offer @999, Bapujinagar. 8018429809. D-76120

**Relax, Refresh your body, Mind at Saikrupa Spa with best therapies. 8984068077.** D-306


## LEGAL NOTICE

Letter No. 588/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୨/୨୦୨୨

ନୋଟିସ

ରୁପକ ପଣ୍ଡା, ବୟସ ୪୭ବର୍ଷ, ପିତା: ପିତବାସ ପଣ୍ଡା, ସା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦୀ

ବନାମ

୧. ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ୨. ସୁଜାତା କାନୁନଗୋ, ୭୧ ବର୍ଷ, ସ୍ୱାମୀ: ଅସୀମ କାନୁନଗୋ, ସା/ପୋ: ତୁଳସୀପୁର, ଥାନା: ଲାଲବାଗ, ଜିଲ୍ଲା: କଟକ .....ପ୍ରତିବାଦୀ ନଂ.-୧

ଏତଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩

ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୨, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୦

Letter No. 589/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୩/୨୦୨୨

ନୋଟିସ

ଆଲୋକ ପଣ୍ଡା, ବୟସ ୪୭ବର୍ଷ, ପିତା: ପିତବାସ ପଣ୍ଡା, ସା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦିନୀ

ବନାମ

୧. ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ୨. ଦୀନବନ୍ଧୁ ପଣ୍ଡା, ୭୫ବର୍ଷ, ପିତା: ୰ଦୋଳଗୋବିନ୍ଦ ପଣ୍ଡା, ସା: ଅରେହିକଣା, ଭାୟା: ନଅ ମୌଜା, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା .....ପ୍ରତିବାଦୀ ନଂ.-୧

ଏତଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ, ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩

ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୦, ରକବା: ଏ୦.୧୦୦ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୧

Letter No. 590/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୪/୨୦୨୨

ନୋଟିସ

ପଙ୍କଜବାସିନୀ ପଣ୍ଡା, ବୟସ ୭୨ବର୍ଷ, ସ୍ୱାମୀ: ପିତବାସ ପଣ୍ଡା: ସା: ଅରେହିକଣା, ପୋଷ୍ଟ: ନଅମୌଜା, ଜିଲ୍ଲା: କଟକ, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦିନୀ

ବନାମ

ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୧

ଏତଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩

ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୩, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୨

Letter No. 591/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୫/୨୦୨୨

ନୋଟିସ

ଚିନ୍ମୟୀ ସାହୁ, ବୟସ ୭୧ବର୍ଷ, ସ୍ୱାମୀ: ବିନୋଦ ବିହାରୀ ସାହୁ, ସା/ପୋଷ୍ଟ: ଗଞ୍ଜା ଯୋଡ଼ି, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ବର୍ତ୍ତମାନ ଠିକଣା ହାଉସ୍ ନଂ.- ଏଚ୍.ଆଇ.ଜି-୧/୩୯, କପିଳପ୍ରସାଦ, ବିଡିଏ କଲୋନୀ, ପୋଷ୍ଟ/ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା .....ବାଦିନୀ

ବନାମ

ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୧

ଏତଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ, ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩

ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୦୯, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:

ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୩


ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସେମିରେ ପାରାମାଉଣ୍ଟ 'ଏ'

**ଭୁବନେଶ୍ୱର, ୧୫।୫**
(ତପନ ସ୍ୱାଇଁ)


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସାତ୍ତ୍ୱିକ।

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୮ ଉଇକେଟରେ ପରାସ୍ତ କରି ପାରାମାଉଣ୍ଟ 'ଏ' ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ୪୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୮.୩ ଓଭରରେ ୧୦୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ରିତିକ ମିଶ୍ର ସର୍ବାଧିକ ୨୮ ରନ କରିଥିଲେ। ବିପକ୍ଷ ଦଳର ସାତ୍ତ୍ୱିକ ରାଜ ସୁବୁଦ୍ଧି ଓ ବିଜୟ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୦୩ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୧.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ସିଦ୍ଧାର୍ଥ ଶଙ୍କର ବେହେରା ୨୪ ରନକରି ଆଉଟ ହୋଇଥିବାବେଳେ ଆୟୁଷ ପଣ୍ଡା ଓ ସ୍ୱାଗତ ସୌରଭ ୩୦ ରନ ଲେଖାଏ କରି ଅପରାଜିତ ରହିଥିଲେ। ପରାଜିତ ଦଳର ଆଦିତ୍ୟ କୁମାର ପ୍ରଧାନ ୨ଟି ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ଗୁରଜିତ ସିଂ ଅତିଥିଭାବେ ଯୋଗଦେଇ ପାରାମାଉଣ୍ଟର ସାତ୍ତ୍ୱିକ ରାଜ ସୁବୁଦ୍ଧିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ପ୍ରଗତି ସ୍ପୋର୍ଟିଂ ଓ ପାରାମାଉଣ୍ଟ 'ବି' ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ରୋରି ମ୍ୟାକ୍‌ଲୋରୟଙ୍କ ଡିଭୋର୍ସ



**ଲୁଇସଭିଲ୍ଲେ,୧୫।୫(ପି.ଟି)**

ଆମେରିକୀୟ ଗଲ୍ଫର ରୋରି ମ୍ୟାକ୍‌ଲୋରୟ ବିବାହର ୭ ବର୍ଷ ପରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି। ଫ୍ଲୋରିଡାର ପାମ୍ ବିଚ୍ କାଉଣ୍ଟି କୋର୍ଟରେ ରୋରି ମ୍ୟାକ୍‌ଲୋରୟ ଓ ପତ୍ନୀ ଏରିକା ଷ୍ଟୋଲ ବିଚ୍ଛେଦ ପାଇଁ ଆବେଦନ କରିଛନ୍ତି। ରୋରି ଓ ଏରିକା ପରସ୍ପରକୁ ୨୦୧୨ରେ ରାଇଡର କପ୍ ସମୟରେ ଭେଟିଥିଲେ। ଦୁଇ ବର୍ଷ ପରେ ଉଭୟ ଡେଟ୍ କରିବା ସହ ୨୦୧୭ରେ ବିବାହ କରିଥିଲେ। ୨୦୨୦ରେ ଝିଅ ପପି ଜନ୍ମ ନେଇଥିବା ବେଳେ ଉଭୟ ବର୍ତ୍ତମାନ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ଏହି ଦମ୍ପତି ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିବା ଜଣାପଡିଛି। ରୋରି ମ୍ୟାକ୍‌ଲୋରୟ ଏହି ମାମଲା ପାଇଁ ଥୋମାସ୍ ସାସରଙ୍କୁ ନିଜର ଆର୍ଟର୍ନି ନିଯୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଟାଇଗର ଉଡ୍ସଙ୍କ ଡିଭୋର୍ସ ସମୟରେ ଥୋମାସ ଆର୍ଟର୍ନି ରହିଥିଲେ। ୨୦୧୨ରେ ଏରିକା ପିଜିଏ ପାଇଁ କାମ କରୁଥିବା ବେଳେ ରୋରି ମ୍ୟାକ୍‌ଲୋରୟଙ୍କ ସହ ତାଙ୍କର ଭେଟ ହୋଇଥିଲା। ରୋରି ଏକ ମ୍ୟାଚ୍ ମିସ୍ କରିବାକୁ ଯାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥା ବଢାଇବା ସହ ତାଙ୍କ ଆସିବାର ବ୍ୟବସ୍ଥା କରିଥିଲେ ଏରିକା। ପରବର୍ତ୍ତୀ ସମୟରେ ରୋରି ଏହି ଟୁର୍ନାମେଣ୍ଟ ଜିତିବାରେ ସମର୍ଥ ହୋଇଥିଲେ।


CLASSIFIED DISPLAY
MORE SPACE SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡା
9810432170
7606841840


# ପଞ୍ଜାବ, ମିନର୍ଭାର ବୃହତ୍ ବିଜୟ

**ଭୁବନେଶ୍ୱର,୧୫।୫ (ସରୋଜ ଜେନା):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲରେ ବୁଧବାର ବୃହତ୍ ବିଜୟ ହାସଲ କରିଛନ୍ତି ପଞ୍ଜାବ ଏଫ୍‌ସି ଓ ମିନର୍ଭା ଏକାଡେମୀ ଏଫ୍‌ସି। ପଞ୍ଜାବ ଏଫ୍‌ସି ପକ୍ଷରୁ ଅଧିନାୟକ ଆରମ୍ଭମ ଦୀପକ ସିଂ, ମିନର୍ଭା ଏକାଡେମୀ ଏଫ୍‌ସି ପକ୍ଷରୁ ଚେତନ ସିଂ, କୋନ୍ଥୁଜାମ ଦେନାମୋନି ଓ ଏମ୍‌ଡି ଆଜମ ଖାନ୍ ହାଟ୍ରିକ୍ ଅର୍ଜନ କରିଥିଲେ। ବୁଧବାର ୪ ମ୍ୟାଚ୍ ଖେଳାଯାଇଥିବା ବେଳେ ପଞ୍ଜାବ ଏଫ୍‌ସି, ଏଫ୍‌ସି ଗୋଆ, ଫୁଟବଲ ଫର ଚେଞ୍ଜ ଓ ମିନର୍ଭା ଏକାଡେମୀ ଏଫ୍‌ସି ବିଜୟୀ ହୋଇଛନ୍ତି।


ସୋନାକ୍ଷୀ

# ସୋନାକ୍ଷୀଙ୍କ ସଜବାଜ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନା ଏବେ ସ୍ୱତନ୍ତ୍ର ଭାବେ ସଜବାଜ ହେଉଛନ୍ତି। କ'ଣ ପାଇଁ ସେ ଏମିତି ସଜ ହେଉଛନ୍ତି ? ପୁଣି ଏଥିପାଇଁ ସେ ସବୁ କାମକୁ ସାମୟିକ କ୍ୟାନ୍‌ସେଲ୍ କରି ଏହି କାମରେ ଲାଗିପଡିଛନ୍ତି। ତେବେ ପାଠିକା-ପାଠକ ଏହି କାରଣଟି କ'ଣ ତାହା ଜାଣିବାକୁ ନିଶ୍ଚୟ ଆଗ୍ରହୀ ହେବେଣି। ତେଣୁ ତା' ଉପରେ ଆଉ ପରଦା ନ ଢାଙ୍କି ସେମାନଙ୍କୁ ଜଣାଇ ଦେବା ହିଁ ଠିକ୍ ହେବ। କଥା କ'ଣ କି, ସେ ଏକ ସିନେମାରେ ନିଜ ନୂଆ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ପୂରାଦମ୍‌ରେ ଲାଗିପଡିଛନ୍ତି। ନିକଟରେ ସୋନାକ୍ଷୀ ସାଇନ୍ କରିଥିବା ନୂଆ ସିନେମାରେ ତାଙ୍କୁ ଲଭ୍, ଇମୋଶନ, ଆକ୍ସନ, କମେଡି ମିଶ୍ରିତ ଭୂମିକା ମିଳିଛି। ତେଣୁ ଏଭଳି ଏକ ରୋଲ୍‌କୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବେ ସେଥିପାଇଁ ତ ପୁଣି ସ୍ୱତନ୍ତ୍ର ପ୍ରସ୍ତୁତି ଦରକାର। ତେଣୁ ଏବେଠାରୁ ଏଥିପ୍ରତି ସମୟ ଦେଉଛନ୍ତି ସେ। କାରଣ ଏହାର ଶୁଟିଂ ଆସନ୍ତା ମାସ ତୃତୀୟ ସପ୍ତାହକୁ ଆରମ୍ଭ ହେବ। ଏ ନେଇ ସୋନାକ୍ଷୀ କହନ୍ତି, 'ଏହି ନୂଆ ସିନେମାରେ ମୋ ଭୂମିକା ବିଷୟରେ ଭଲ ଭାବରେ ଅବଗତ ହେବା ପରେ ତାହାକୁ କିପରି ପରଫେକ୍ଟ ଭାବରେ ତୁଲାଇବି ସେଥିପାଇଁ ସ୍ପେଶାଲ ପ୍ଲାନିଂ କରିଛି। ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବା ପରେ ଅଭ୍ୟାସ ମଧ୍ୟ ଆରମ୍ଭ କରିଦେଇଛି। ଏଥିରେ ଥିବା କେତୋଟି ଆକ୍ସନ ଶଟ୍ ପାଇଁ ମୁଁ ସ୍ୱତନ୍ତ୍ର ଭାବରେ ଫୋକସ୍ କରୁଛି। ଏ ନେଇ ଆକ୍ସନ ମାଷ୍ଟରଙ୍କ ସହ ନିୟମିତ ଯୋଗାଯୋଗରେ ରହୁଛି।' ବର୍ତ୍ତମାନ ଏହି ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଥିରେ ସୋନାକ୍ଷୀଙ୍କର ନାୟକ କିଏ ସାଜିବ ତାହା ଆଉ ସପ୍ତାହେ ଭିତରେ ଜଣାଇ ଦିଆଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଫିଲ୍ମଟିକୁ ନେଇ ସୋନାକ୍ଷୀ ଯେଉଁ ଆଶା ରଖିଛନ୍ତି ତାହା କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଟେନ୍‌ସନ୍‌ରେ ତାରା

ତାରା ସୂତାରିଆ ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ପ୍ରଥମେ ହଁ ଭରିଥିଲେ। ପୁଣି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡାଯାଇଛି। ପୁଣି ସେଥିରେ ନାଚିବାକୁ ତାରାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ତାରା କହନ୍ତି, 'ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ନିଷ୍ପତ୍ତି ନେବି।' ତେବେ ସେ ଏହି ଫିଲ୍ମରେ ଅଭିନୟ କରୁଛନ୍ତି କି ନାହିଁ ତାହା ଜାଣିବାକୁ ହେଲେ ଅପେକ୍ଷା କରିବାକୁ ପଡିବ।


ତାରା

# କେବଳ ଶିକ୍ଷା

ଏବେ ବଲିଉଡ୍‌ରେ କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା। କଥା କ'ଣ କି ସେ କୁଆଡେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହା ତ ନିଶ୍ଚୟ ଭଲ କଥା। ହେଲେ ତା'ପଛରେ ଚର୍ଚ୍ଚାର କାରଣ ଲୁଚି ରହିଛି। ଏହି ଚିତ୍ରଟି ପାଇଁ ସେ କୁଆଡେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଆଉ ଏଭଳି କଥା ଶୁଣିବା ପରେ ଜର୍ନେକ ପ୍ରଯୋଜକ କ'ଣ ନିଷ୍ପତ୍ତି ନେବେ ଜାଣିପାରୁନାହାନ୍ତି। ଯେତେବେଳେ ଏହି କଥା କ୍ୟାଟ୍ରିନାଙ୍କ କାନରେ ପଡିଲା, ସେ ବା କେମିତି ଚୁପ୍ ହୋଇ ବସିରହିବେ କହୁନାହାନ୍ତି ? ଶେଷକୁ ବାଧ୍ୟ ହୋଇ ଏ ବିଷୟରେ ସଫେଇ ଦେଇଛନ୍ତି। ଏଭଳି ଆଲୋଚନାକୁ ନେଇ ସେ କହନ୍ତି, 'ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଆଲୋଚନା ହେଉଛି ତା' ପଛରେ ଟିକିଏ ହେଲେ ସତ୍ୟତା ନାହିଁ। କାରଣ ଏବେ ମୋର ସେଭଳି କୌଣସି ଯୋଜନା ହିଁ ନାହିଁ। ନୂଆ ସିନେମାଟିଏ ସାଇନ୍ କରିଛି। ଏହାର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବେଶ୍ ଦମ୍‌ଦାର। ତେଣୁ ଏହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ହେଲେ ସେପଟେ କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର କରୁଛି। ତେଣୁ ସେକଥାକୁ ଆଦୌ ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' କ୍ୟାଟ୍ରିନାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଟାଇଗର-୩'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ମେରି କ୍ରିଷ୍ଟମାସ' ରିଲିଜ ଅପେକ୍ଷାରେ ରହିଛି। ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ବିଜୟ ସେତୁପତି।


କ୍ୟାଟ୍ରିନା

# ସଲାମ୍ ଭୁବନେଶ୍ୱର

ସମୟ ଆଉ ପରିସ୍ଥିତିରେ ପଡି ସେ ସାଜିଛି ଅଣ୍ଡରୱାର୍ଲ୍ଡ ଡନ୍। ହେଲେ ତା'ର ବି ହୃଦୟ ଅଛି। ସମାଜ ପାଇଁ ସେ କିଛି ଭଲ କାମ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏହାକୁ ସମାଜ କିପରି ଗ୍ରହଣ କରୁଛି, ଆଉ ଡନ୍ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ, ତାହାକୁ ନେଇ ରଚିତ ହୋଇଛି ଏକ କାହାଣୀ। ଏଭଳି ସାମ୍ପ୍ରତିକ ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସଲାମ୍ ଭୁବନେଶ୍ୱର'। 'ଲଭ୍ ଫିଭର', 'ବଧୂ ନୁହେଁ ବନ୍ଧୁ' ଏବଂ 'ଅରୁନ୍ଧତୀ' ପରେ ପୁଣି ଥରେ ଏକ ଆକ୍ସନ ଭୂମିକାରେ ଆସୁଛନ୍ତି ରାଜବୀର ଦେଓ। ବାଣୀ ପଟ୍ଟନାୟକ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ବାଣୀ ପଟ୍ଟନାୟକ। ଚିତ୍ରଟିର ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ରାଜବୀରଙ୍କ ବ୍ୟତୀତ ନବାଗତା ଅନୀଶା ପଟେଲ, ବବି ମିଶ୍ର, ପିଣ୍ଟୁ ନନ୍ଦ, କେକେ, ରବି ମିଶ୍ର, ରାଜୀବ ମହାନ୍ତି, ମିଣ୍ଟୁ ମିଥୁନ, ପ୍ରଜ୍ଞା ଏବଂ ଶଙ୍କର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି।


ବବି-ରାଜବୀର

# ଆଠ ବର୍ଷ ପରେ...

ଓଲିଉଡ୍‌ରେ ଦୀର୍ଘ ଆଠ ବର୍ଷ ପରେ ପୁଣି ଥରେ ଏହି ଯୋଡି ଏକାଠି ହୋଇଛନ୍ତି। ପୁଣି ଏଥର ରଜରେ ବଡ ପରଦାରେ ଦୁହିଁଙ୍କୁ ଦେଖିବାକୁ ମିଳିବ। ଉକ୍ତ ଯୋଡିଙ୍କୁ ନେଇ ଶେଷ ଫିଲ୍ମ 'ଲଭ୍ ଷ୍ଟେସନ' ୨୦୧୬ରେ ମୁକ୍ତିଲାଭ କରିଥିଲା, ଆଉ ତାହାର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି। ଏମିତି ଏକ ସଂଯୋଗ ଏହି ନିର୍ଦ୍ଦେଶକ ଦୁହିଁଙ୍କୁ ପୁଣି ଥରେ କ୍ୟାମେରା ସାମ୍ନାକୁ ଆଣିଛି। ହଁ, ବାବୁସାନ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଉକ୍ତ ସିନେମାଟିର ଟାଇଟଲ ରହିଛି 'ପାୱାର : କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ'। ଏକ ଭିନ୍ନ ଧରଣର ତଥା ସତ୍ୟ ଘଟଣା ଉପରେ ପର୍ଯ୍ୟବସିତ କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ ହୋଇଛି। ଖାସ୍ କଥା ହେଲା, ବାବୁସାନ୍‌ଙ୍କ ଧର୍ମପତ୍ନୀ ତୃପ୍ତି ଶତପଥୀ ଏହାର ପ୍ରଯୋଜନା କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ପତି। ଏବେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ବର୍ତ୍ତମାନ ଏହାର ଦୁଇଟି ଗୀତ-'ନୀଳ ଶାଢ଼ି' ଆଉ 'ଲାଲ୍ ଟହ ଟହ' ରିଲିଜ ହୋଇ ବେଶ୍ ଦର୍ଶକାଦୃତ ଲାଭ କରିଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯୁବ ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଫିଲ୍ମଟିର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ସମ୍ବିତ ଜେନା। ଏହାର ବିତରଣ ଦାୟିତ୍ୱ ନେଇଛି ରାଜଶ୍ରୀ ଫିଲ୍ମସ। ତେବେ ଏଥର ରଜରେ ଫିଲ୍ମଟି ଦର୍ଶକଙ୍କୁ କେତେ ମଜୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।


'ପାୱାର' ଫିଲ୍ମରେ ବାବୁସାନ୍-ଏଲିନା

# ଏବେ ବି ମନେପଡ଼େ...


କିଆରା

କିଆରା ଆଡ଼ଭାନୀଙ୍କର ଏବେ ଗୋଟିଏ କଥା ମନେ ପଡୁଛି। ତାହା କ'ଣ ଜାଣନ୍ତି ? ହଁ, ଏବେ ତାଙ୍କର ସ୍କୁଲ କଥା ମନେ ପଡୁଛି। ହେଲେ ପାଠ ପଢ଼ା ନୁହେଁ, ପାଠ ପଢ଼ାଇବା କଥା ତାଙ୍କର ମନେ ପଡୁଛି। ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ କିଆରା ଏକ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ସେହି ସମୟରେ ମୁମ୍ବାଇସ୍ଥିତ ଅର୍ଲି ବାର୍ଡସ ପ୍ଲେ ସ୍କୁଲରେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କିଛି ମାସ କାମ କରିଥିଲେ। କେବଳ ସେତିକି ନୁହେଁ, ସେହି ସ୍କୁଲରେ ତାଙ୍କର ମା' ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଥିଲେ। ଏ ନେଇ କିଆରା କହନ୍ତି, 'ସେହି ସମୟ କଥା ମନେ ପଡିଲେ ଭାରି ଦୁଃଖ ଲାଗୁଛି। ଛୋଟ ପିଲାଙ୍କୁ ପାଠ ପଢ଼ାଇବା ତ ଅଲଗା କଥା, ସେମାନଙ୍କ ସହ ହସଖୁସିର ମଜା ସତରେ ନିଆରା। ଯେତେବେଳେ ମୁଁ ଏକ ପ୍ଲେ ସ୍କୁଲରେ ଟିଚର ଥିଲି ସେତେବେଳେ ପାଠ ପଢ଼ାଇବା ସହ ଛୋଟ ପିଲାଙ୍କୁ ନେଇ ଢେର ମଜା କରିଛି। ସେହି ସ୍ମୃତିଗୁଡିକ ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ହେଲେ ଟିଚରଶିପ୍ ମୋ ପାଇଁ ସେତେବେଳେ ପାର୍ଟ ଟାଇମ ଥିଲା। ଅଭିନୟ ଦୁନିଆକୁ ଆସିବା ପରେ ମୁଁ ସେଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯାଇଛି।' ମାସ୍ କମ୍ୟୁନିକେସନରେ କିଆରା ଡିଗ୍ରୀ ହାସଲ କରିଛନ୍ତି। କଲେଜରେ ପଢ଼ିବା ସମୟରେ ସେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। କିଆରାଙ୍କର ପ୍ରକୃତ ନାମ ଥିଲା ଆଲିୟା ଆଡ଼ଭାନୀ। ହେଲେ ସେ ଫିଲ୍ମରେ ଅଭିନୟ କରିବା ପରେ ନିଜ ନାମକୁ ପରିବର୍ତ୍ତନ କରି କିଆରା ରଖିଛନ୍ତି।

# ଅତୀତରୁ...

⏭କ୍ରିଏଟିଭ ମୁଭି ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଅନୁରାଗ'। ଫିଲ୍ମଟିର ପ୍ରଯୋଜନା କରିଥିଲେ ନିତାଇ ପାଲିତ। ମାଳବିକା ରାଉତରାୟ, ବୀରେନ ରାଉତରାୟ, ଅରୁଣ ନନ୍ଦ, ବିନି ମିଶ୍ର, ନରି, ଜୟୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଭୁବନ-ହରିଙ୍କ ସ୍ୱର ସଂଯୋଜନାରେ ଏହି ଚିତ୍ରରେ ସଂଯୋଜିତ ଗୀତ- 'ମାଗେ ମେଲାଣି ଯେବେ ଲାଜରେ ଯାମିନୀ' ଏବଂ 'ପ୍ରିୟା ବିନା ଝୁରେ ପ୍ରେମ' ସେ ସମୟରେ ବେଶ୍ ଶ୍ରୋତାଦୃତ ହୋଇଥିଲା।

⏭ପି.ଏଲ୍. ମୂର୍ତ୍ତି ଏବଂ ଅରୁଣ କୁମାର ପାଣିଙ୍କ ଦ୍ୱାରା ପ୍ରଯୋଜିତ 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଅଜିତ ଦାସ, ମହାଶ୍ୱେତା ରାୟ, ଡଲି ଜେନା ଏବଂ ନାରାୟଣ ପତି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

⏭ପ୍ରଶାନ୍ତି ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ 'ତପସ୍ୟା'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି, ଦୀପା ସାହୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ପାଦରେ ପାଦ ଛନ୍ଦା, 'ଢାଳି ଦିଅ ସାରା ଧରଣୀରେ ଆଜି', 'ଝୁଲି ଝୁଲି ଖେଳେ ଦୋଳି' ଆଦି ଗୀତ ଏବେ ବି ଶ୍ରୋତାଙ୍କ ମନରେ ସତେଜ ହୋଇ ରହିଛି।

⏭ଓଡ଼ିଆ ସିନେମା 'ହୀରା ମୋତି ମାଣିକ'ର ନିର୍ଦ୍ଦେଶନା ଦେଇଥିଲେ ଜେ. ଆଦେନି। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ନଳିନୀ ଦାସ, ଶୁଭ୍ରା ପତି, ଦୀପା ସାହୁ, ମାଳା ବୋଷ ପ୍ରମୁଖ କଳାକାର।

# ଚନ୍ଦ୍ରବଂଶୀ

ଅନ୍‌ସମିସ୍ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଛି ଚତୁର୍ଥ ଚଳଚ୍ଚିତ୍ର, ଯାହାର ଟାଇଟଲ ରହିଛି 'ଚନ୍ଦ୍ରବଂଶୀ'। ଯୁବ ପ୍ରଯୋଜକ ପ୍ରୀତମ ସାହୁ ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ନବାଗତ ଯୋଡି ଯଶ-ସୁନୀଲ। ଅନ୍ୟପକ୍ଷରେ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ବିଶିଷ୍ଟ ଗୀତିକାର ନିଜାମଙ୍କ ପୁତ୍ର ତଥା ବର୍ତ୍ତମାନର ଅନ୍ୟତମ ବ୍ୟସ୍ତତମ ସଙ୍ଗୀତ ନିର୍ଦ୍ଦେଶକ ଆସାଦ ନିଜାମ। ସିନେମାଟୋଗ୍ରାଫିର ଗୁରୁଦାୟିତ୍ୱ ବହନ କରିଛନ୍ତି ପ୍ରତାପ ରାଉତ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହେବାକୁ ଯାଉଛି। ଏହି ମଲ୍ଟିଷ୍ଟାରର ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସ ନାୟକ, ରାଜ ରାଜେଶ, ପୁନମ, ଲିପସା, ଉଷସୀ ମିଶ୍ର, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଦୈତାରି ପଣ୍ଡା, ପୀୟୂଷ ତ୍ରିପାଠୀ, ସମରେଶ ରାଉତରାୟ, ତାପସ ସରଘରିଆ ଓ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଆଗାମୀ ରଜ ଅବସରରେ 'ଚନ୍ଦ୍ରବଂଶୀ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ରହିଛି। ଏହି ବ୍ୟାନରରେ ନିର୍ମିତ ହୋଇଥିବା ଓଡିଆ ସିନେମା 'ଶେଷ ରାତି', 'ଗୁଡୁ ଗ୍ୟାଙ୍ଗଷ୍ଟର' ଏବଂ 'କଟକ : ଶେଷରୁ ଆରମ୍ଭ' ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲା। ତେବେ 'ଚନ୍ଦ୍ରବଂଶୀ' ସେହି ଧାରାକୁ ବଜାୟ ରଖିବ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ପ୍ରୀତମ।


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ-ପୁନମ

ଧରିତ୍ରୀ
DHARITRI
ଧରିତ୍ରୀ 50 Years

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪ | Bhubaneswar, Thursday, May 16/ 2024

# ଅନିମେଶଙ୍କୁ ରୌପ୍ୟ, ଶ୍ରାବଣୀଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୫।୫(ତପନ ସ୍ୱାଇଁ)

## ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ

■ ଓଡ଼ିଶା ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ ସହ ୬ ପଦକ

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ବୁଧବାର ଶେଷ ହୋଇଛି। ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ୨ଟି ପଦକ ମିଳିଛି। ପୁରୁଷ ୧୦୦ ମିଟର ରେସ୍‌ରେ ଅନିମେଶ କୁଜୁର ରୌପ୍ୟ ଓ ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନିମେଶ ୧୦.୫୦ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ଗୁରିନ୍ଦରବୀର ସିଂ ସ୍ୱର୍ଣ୍ଣ (୧୦.୩୫) ଓ ହରଜିତ ସିଂ (୧୦.୫୬) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଶା ଆଥଲେଟ୍ ଲାଲୁ ପ୍ରସାଦ ଭୋଇ ୧୦.୬୩ ସେକେଣ୍ଡ ସହ ୪ର୍ଥ ସ୍ଥାନ ପାଇଛନ୍ତି। ମହିଳା ୧୦୦ ମିଟରରେ ଶ୍ରାବଣୀ ୧୧.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। କର୍ଣ୍ଣାଟକର ସ୍ନେହା ଏସ୍.ଏସ୍. ୧୧.୬୩ ସେକେଣ୍ଡ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁର ଗିରିଧାରିଣୀ ରବିକୁମାର ୧୧.୬୭ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛନ୍ତି। ଏହାକୁ ମିଶାଇ ଫେଡେରେଶନ କପ୍‌ରେ ଓଡ଼ିଶାର ପଦକ ସଂଖ୍ୟା ୬ରେ ପହଞ୍ଚିଥିଲା। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ମିଳିଥିଲା। ପୁରୁଷ ୨୦୦ ମିଟର ରେସ୍‌ରେ ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଛତିଶଗଡ଼ର ଅନିମେଶ ୨୦.୬୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିସହ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଅଭିଯାନ ଶେଷ କରିଛନ୍ତି। ମହିଳା ୨୦୦ ମିଟର ରେସ୍‌ରେ ଶ୍ରାବଣୀ ନନ୍ଦ ୨୩.୮୯ ସେକେଣ୍ଡ, ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ଓ ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ୨.୦୯ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଥିଲେ। ଫଳରେ ଶ୍ରାବଣୀଙ୍କୁ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶାର ମୋଟ ୧୮ ଆଥ୍ଲେଟ ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଲକ୍ଷ୍ମୀପ୍ରିୟା କିଷାନ, ଶ୍ରାବଣୀ ନନ୍ଦ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ସୁଖି ବାସ୍କେ, ସୁସ୍ମିତା ଟିଗା, ଅଶୋକ ଦଣ୍ଡସେନା, ନିଖିଲ ଦାସ, ଅନିମେଶ କୁଜୁର, କିଶୋର କୁମାର ଜେନା, ସ୍ୱାଧୀନ କୁମାର ମାଝି, ଆଶିଷ କୁମାର ପାତ୍ର, ଦଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ପ୍ରିୟବ୍ରତ ପ୍ରଧାନ, ଲାଲୁ ପ୍ରସାଦ ଭୋଇ ଓ ଅବିନାଶ ସାହୁ।


ବ୍ରୋଞ୍ଜ ପଦକ ସହ ଶ୍ରାବଣୀ ନନ୍ଦ। (ଫଟୋ: ବିକାଶ ନାୟକ)

## ମହିଳା ୧୦,୦୦୦ ମିଟରରେ ସୋନିଆଙ୍କୁ ସ୍ୱର୍ଣ୍ଣ

ଅନ୍ତିମ ଦିବସ ପୂର୍ବାହ୍ନରେ ଅନୁଷ୍ଠିତ ମହିଳା ୧୦,୦୦୦ ମିଟର ରେସ୍ ଜିତିଛନ୍ତି ଉତ୍ତରାଖଣ୍ଡର ସୋନିଆ। ସେ ୩୭:୧୫.୨୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୩୭:୧୭.୪୪ ସେକେଣ୍ଡ ସହ ରୌପ୍ୟ ପଦକ ଜିତି ପୂଜା ଯାଦବ ଉତ୍ତରାଖଣ୍ଡ ପାଇଁ ୱାନ୍-ଟୁ ଫିନିଶ୍ କରିଛନ୍ତି। ମହାରାଷ୍ଟ୍ରର ପ୍ରଜକ୍ତା ଗୋଡବୋଲେ ୩୭:୨୭.୩୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୪ ପ୍ରତିଯୋଗୀ ରେସ୍ କରିଥିଲେ। ଅନ୍ୟ ୩ ଜଣ ଷ୍ଟାର୍ଟ ପୂର୍ବରୁ ଓହରି ଯାଇଥିବାବେଳେ ଜଣେ ଫିନିଶ୍ କରିପାରି ନ ଥିଲେ।

ମହିଳା ହାମର ଥ୍ରୋ ଟାଇଟଲ ଜିତିଛନ୍ତି ଦିଲ୍ଲୀର ହର୍ଷିତ ଶେରାୱତ। ସେ ୫୯.୧୦ ମିଟର ଦୂରକୁ ହାମର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଉତ୍ତର ପ୍ରଦେଶର ତାନ୍ୟା ଚୌଧାରୀ ୫୬.୫୧ ଓ ପଞ୍ଜାବର ମନପ୍ରୀତ କୌର ୫୬.୪୦ ମିଟର ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।


ଜାଭେଲିନ ଥ୍ରୋ କରୁଛନ୍ତି ଓଡ଼ିଶାର କିଶୋର ଜେନା।


କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାର ମହିଳା ୮୦୦ ମିଟର ରେସ୍ ଅବସରରେ ପ୍ରତିଯୋଗୀମାନେ।



ମହିଳା ୪୦୦ ମିଟର ପଦକ ବିଜେତାଙ୍କୁ ପୁରସ୍କାର ପ୍ରଦାନ ଅବସରରେ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ।

# ସ୍ନେହା, ଗୁରିନ୍ଦରବୀର ଦ୍ରୁତତମ ଧାବିକା ଧାବକ

ଭୁବନେଶ୍ୱର, ୧୫।୫(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ କର୍ଣ୍ଣାଟକର ସ୍ନେହା ଏସ.ଏସ. ଓ ପଞ୍ଜାବର ଗୁରିନ୍ଦରବୀର ସିଂ ଦ୍ରୁତତମ ଧାବିକା ଧାବକ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାର ଗ୍ଲାମର ୧୦୦ ମିଟର ରେସ୍‌ର ମହିଳା ଓ ପୁରୁଷ ବିଭାଗରେ ଏହି ଦୁଇ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୫୦୦ ମିଟର ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଆସାମର ମେହଦି ହାସନ। ସେ ୩:୪୨.୮୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମଧ୍ୟ ପ୍ରଦେଶର ଅଭିଷେକ ସିଂ ଠାକୁର ୩:୪୩.୪୯ ଓ ଉତ୍ତର ପ୍ରଦେଶର ୟୁନୁସ ଶାହା ୩:୪୪.୨୫ ସେକେଣ୍ଡ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅଶୋକ ଦଣ୍ଡସେନା ୩:୪୭.୩୮ ସେକେଣ୍ଡ ସହ ୫ମ ସ୍ଥାନରେ ରହିଛନ୍ତି। ମହିଳା ୧୫୦୦ ମିଟରରେ ମଧ୍ୟପ୍ରଦେଶର ଅକ୍ସାନା (୪:୨୩.୬୫), ହିମାଚଳ ପ୍ରଦେଶର ନିକିତା ଶର୍ମା (୪:୨୫.୦୫) ଓ ପଞ୍ଜାବର ଅମନଦୀପ କୌର (୪:୨୮.୧୦) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

୭ ଇଭେଣ୍ଟ ବିଶିଷ୍ଟ ମହିଳା ହେପ୍ଟାଥଲନରେ ୫୪୬୦ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି ତେଲେଙ୍ଗାନାର ଅଗସରା ନନ୍ଦିନୀ। କେରଳର ଅନାମିକା କେ.ଏ. ୪୯୯୭ ଓ ତାମିଲନାଡୁର ଦୀପିକା ଏସ. ୪୮୧୭ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନ ପାଇଛନ୍ତି। ମହିଳା ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କର୍ଣ୍ଣାଟକର ଅଭିନୟା ଏସ. ଶେଟ୍ଟୀ (୧.୭୭ମିଟର)। କେରଳର ଆଞ୍ଜେଲ ପି. ଦେବସିଆ ୧.୭୪ ଓ ବାଂଲାଦେଶର ମସ୍ତ ରିତୁ ଅଖତାର ୧.୭୧ ମିଟର ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ ତାମିଲନାଡୁର ପ୍ରବୀଣ ଚିତ୍ରାଭେଲ (୧୬.୭୯ମି.) ସ୍ୱର୍ଣ୍ଣ, କେରଳର ଏଲଡୋସେ ପଲ୍ (୧୬.୫୯) ରୌପ୍ୟ ଓ ତାମିଲନାଡୁର ମହମ୍ମଦ ସାଲାହୁଦ୍ଦିନ (୧୬.୨୫) ବ୍ରୋଞ୍ଜ ପଦକ ଜିତିଛନ୍ତି।

ନୀରଜ ଚୋପ୍ରାଙ୍କ ଉପସ୍ଥିତି ଯୋଗୁ କଳିଙ୍ଗ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏପରିକି ତାଙ୍କସହ ମିଶିବାପାଇଁ ଚାହୁଁଥିବା ପ୍ରଶଂସକଙ୍କୁ ମଧ୍ୟ ସୁଯୋଗ ଦିଆଯାଇ ନ ଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ